କ୍ଷଣିକା

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପ୍ରକାଶକ

ଭାରତୀ ଭବନ
ପୁରୀ

ମୁଦ୍ରାକର
ଶ୍ରୀ ଚନ୍ଦ୍ରମଣି ଦାସ
ପ୍ରଗତି ପ୍ରେସ—କଟକ

ପ୍ରଥମ ମୁଦ୍ରଣ—୧୯୪୭

ଏକଟଙ୍କା ଗୁର୍ଅଣା

ଉତ୍ସର୍ଗ

ସ୍ନେହର ମିଚ୍ଚେଲ୍,

ତୁ ମିଛ କହ, ସତ କହ, ମୁଁ ତାକୁ ସତ ମଣିଛୁ ବୋଲି ତୁ ମୋତେ ଏତେ ସହଜରେ କ୍ଷଣିକ ଭିତରେ ସାରା ଜୀବନ ପାଇଁ କନ୍ଦେଇ ଦେଇ ପାରିଲୁ ।

ଲକ୍ଷ ଜୀବନର କ୍ଷଣ କ୍ଷଣର ଅନୁଭୂତିକୁ ନିଜ ଛାତି ଉପରେ ପକାଇ ମୁଁ ସହାନୁଭୂତି ଦେଇ ଯାହା ଲେଖିଛି, ସେସବୁ ତୋର ନହୋଇ ଆଉ କା'ର ହେବ ।

ତୋର

କୋହ୍ନନୁଝେଁ

ଭିକାରୀଟି ନାଚି ନାଚି ଆସେ । ଘୂରିଆଡ଼ି ବୁଲି ବୁଲି ଆସି ଶେଷରେ ଏଇ କୁଟୀର ଦୁଆରରେ ଥାଳ ପାତିଦିଏ । ସୁକୁମାରୀ ଗୋଟିଏ କୁମାରୀ ଅଞ୍ଜଳି ଭରି ଭିକ ଦେଇଯାଏ । ତାର ଥାଳ ପୂର୍ଣ୍ଣ ହୋଇଯାଏ । ସେତିକିରେ ।

ଭିକାରୀ ଚାଲିଯାଏ । ଶେଷଥର ପାଇଁ ଚପଳା ବାଳିକାର ଦୟାବିମଳ ମୁଖମଣ୍ଡଳକୁ ଚାହିଁଦେଇ ସେ ଫେରିପଡ଼େ । ଭିକାରୀର ଯେମିତି ଗୋଟାଏ ତୃପ୍ତି ଅଛି । ସେ ତୃପ୍ତି ଭିକ୍ଷା ମାଗିବାର ଯଥାର୍ଥତାରେ ନୁହେଁ, ଭିକ୍ଷା ଦେବାର ସାର୍ଥକତାରେ ପୂର୍ଣ୍ଣ ହୁଏ ।

ଦିନ ପରେ ଦିନ ବିତିଯାଏ—ଏମିତି । ଭିକାରୀ ଦୁଆର ଆଗରେ ଆସି ଠିଆ ହୁଏ । ଏକତାରାରୁ ଝଙ୍କାର ଉଠିବାକ୍ଷଣି ଅନ୍ନପୂର୍ଣ୍ଣାର ଚିତ୍ତ ଚଞ୍ଚଳ ହୋଇ ଉଠେ । ଭିକାରୀର ମଧୁର ଭଜନ ଶୁଣୁଶୁଣୁ କୁମାରୀ ଗୋଟିଏ ସୁନା ରାଇଜର ସପନ ଦେଖେ । ଭିକାରୀର ଥଳୀରେ ଚାଉଳ ଅଜାଡ଼ିଦେଇ ସେ ଭିକାରୀର ମୁହଁକୁ ଅନାଇ ରହେ । ଭିକାରୀ ଯାହା କହେ ସେ ସବୁ ବୁଝେ, ଯାହା ନ କହେ ତା'ବି ।

ଅନେକଦିନ ବିତିଗଲା । ଭିକାରୀ ଆସି ପାରୁନଥିଲା । ସେଦିନ ସେ କୁଟୀର ଦ୍ୱାରରେ ଆସି ଠିଆ ହେଲା । ଖୁବ୍ ଧୀରେ

ଧୀରେ ସେ ଗୀତ ଆରମ୍ଭ କଲା । ଭାବୁଥିଲା, କୁମାରୀ ଆସି ଅଭିମାନ କରିବ, 'ଏତେଦିନ କେଉଁଠି ଥିଲରେ ପାଗଳା !' ସେ ତା'ର କି ଉତ୍ତର ଦେବ ? ସେ ଉତ୍ତର ଦେବ ତାର ଏଇ ଛୋଟଛୋଟ ସଙ୍ଗୀତରେ । ସେ ଗାଇବାକୁ ଲାଗିଲା । କ୍ଷମା ପାଇବାପାଇଁ ତା' ହୃଦୟ ସତେ ଯେମିତି ଆତୁର ହୋଇ ଉଠୁଥିଲା । ସେ ଚିତ୍କାର କରି ଉଠିଲା । ସଙ୍ଗୀତର ସ୍ୱର ଯେପରି ଲୁହାଇ ଲୁହାଇ କାହାକୁ ଡାକୁଛି । ମନେ ହେଲା ଗନ୍ଧର୍ବ ଯେମିତି ଧରି ଉଠୁଛି ସେ ଆର୍ତ୍ତ ନାଦରେ, କିନ୍ତୁ ମଣିଷର ଶବ୍ଦ ବର୍ଣ୍ଣ ନଥିଲା । କେହି ଶୁଣିଲେ ନାହିଁ ତା' ଗୁହାରି । ତା' ହୃଦୟ ଠିକ ଠିକ ହୋଇ ଝୁରି ପଡ଼ୁଥିଲା, ତଥାପି କେହି ଶୁଣିଲେ ନାହିଁ ।

ସେଇଦିନଠୁ ଭିକାରି ଘର ଛାଡ଼ିଲା, ଦ୍ୱାର ଛାଡ଼ିଲା, ଦାର-ଦୁଆରେ ଘୁରି ବୁଲିଲା କେବଳ ଜନ ପ୍ରାପ୍ତ ତା'ର ଅନ୍ୱେଷଣରେ । ଦିନ ଯାଏ ରାତି ଆସେ, ରାତି ଯାଏ ଦିନ ଆସେ, ଖିଆ ନାହିଁ, ପିଆ ନାହିଁ, ଶୁଆ ନାହିଁ, ବସା ନାହିଁ ଭିକାରି ଖୋଜି ବୁଲୁଥାଏ କାହିଁ ତାର ଅନ୍ନପୂର୍ଣ୍ଣା ! ତା' ଭିତରଟା ଶୋଷିଲା ପଥିକ ଭଳିଆ ହାହୁ ହାହୁ କରି ଉଠେ । ଆପଣାର ଅବଶ ଚରଣକୁ ଆପଣା ହାତରେ ଆଉଁସି ଆଉଁସି କେତେବେଳେ ଟିକିଏ ଥକା ମାରେ । କାହାର ଅଇଁଶା ପତରରୁ ଶୁଖିଲା ଭାତଗଣ୍ଡେ ପାଇ ଉଦରର ଜ୍ୱାଳା ନିବାରଣ କରେ । ପୁଣି ବୁଲେ, ପୁଣି ଖୋଜେ, ଖୋଜା ତାର ସରେ ନାହିଁ, ଦୁଃଖ ତାର ଘୁଞ୍ଚେ ନାହିଁ । ଖୋଜିବାର କ୍ଳେଶରେବି ଯେମିତି ଗୋଟାଏ ଆନନ୍ଦ ଅଛି । ସେ ଆନନ୍ଦ ଖୋଜିବାର ସାର୍ଥକତାରେ ନହେଉ, ଖୋଜିବାର ଯଥାର୍ଥତାରେ ପୁଷ୍ଟ ହୁଏ ।

ଆଗରେ ଏକ ବିଶାଳ ପ୍ରାସାଦ । ଭିକାରି ତୋରଣ ସମୀପରେ ଯାଇଁ ଉଭା ହେଲା । ବହୁ ଲୋକଙ୍କର ଯାତାୟାତ, କିନ୍ତୁ ଭିକାରି

ଉପରେ କାହାର ଦୃଷ୍ଟି ପଡ଼ିବାକୁ ନାହିଁ । ଭକାସୀ ଗୀତ ଗାଇବା ପାଇଁ ଏକତାର ତାରରେ ଆଙ୍ଗୁଳି ଦେବାକ୍ଷଣି ଲୋକେ 'ହୁରୁହୁଁ' କଲେ । ସେ ନିରାଶ ହୋଇ ଫେରିଲା ।

"ଭକାସୀ !" ପଛଆଡୁ କିଏ ଡାକିଲା ।

ଭକାସୀ ଥାକି ଗଲା । ଫେରିପଡ଼ି ଚାହିଁଲା—ଶିବିକାର ଦ୍ୱାର ଅର୍ଦ୍ଧନ୍ମୁକ୍ତ । ସେଇ ଛିଦ୍ର ଭିତରୁ ଯୋଡ଼ିଏ ସଜଳ ନୀଳ ଆଖି ଜଳି ଉଠୁଛି ।

ଶିବିକା ଧୀରେ ଧୀରେ ପ୍ରାସାଦ ମଧ୍ୟରେ ପ୍ରବେଶ କଲା । ସଙ୍ଗେ ସଙ୍ଗେ ମଙ୍ଗଳ ମହୁରୀ ବାଜି ଉଠିଲା । ଗୋଟିଏ କି ଅଜଣା ଆତଙ୍କରେ ଭକାସୀର ହୃଦୟ କମ୍ପି ଉଠିଲା ।

"ରାଜବାଟୀର ପଛପଟକୁ ଚାଲ !" ଜଣେ ଅପରିଚିତ ବ୍ୟକ୍ତି ଆସି ଡାକିଲା । ଭକାସୀର ମୁହଁରେ ଭାଷା ନଥିଲା । ମନ୍ତ୍ରମୁଗ୍ଧପରି ସେ ସେହି ବ୍ୟକ୍ତିର ପଛେ ପଛେ ଚାଲିଲା ।

ପ୍ରାସାଦର ପଶ୍ଚାଦେଶସ୍ଥ ଦ୍ୱାର ସମ୍ମୁଖରେ ସେ ଠିଆ ହେଲା । ଭିତରରୁ ଆଜ୍ଞା ହେଲା—ଭକାସୀ, ଗୀତ । ଭକାସୀ ଧୀରେ ଧୀରେ ଧରିଲା—'ରତ୍ନ ସିଂହାସନ ମଣ୍ଡନମଣିକ କହୁଛନ୍ତି କଥାଏ, ମୋହ କର୍ମକୁ ଯେ ବଧିର ହୋଇଲେ ନଶୁଣିଲେ ଦୟାମୟେ ।'

ସଙ୍ଗୀତ ଶେଷ ହେଲା । ରାଜା ଏବଂ ରାଣୀ ଉଭୟେ ବାହ୍ୱା କଲେ । ରାଣୀ ନିଜ ହାତରେ ଭକାସୀର କଣ୍ଠ ଥଳୀଟିକୁ ସ୍ୱର୍ଣ୍ଣ ମୁଦ୍ରାରେ ପୂର୍ଣ୍ଣ କରିଦେଲେ ।

ଭିକାରୀ ଥରେ ରାଣୀଙ୍କ ମୁହଁକୁ ନିରେଖି ଚାହିଁଲା । ତା'ପରେ ଧୀରେ ଧୀରେ ନିଜର ଥଳୀଟିକୁ ରାଣୀଙ୍କର ପାଦତଳେ ଥୋଇ ଦେଇ, ଖୁବ୍ ଦ୍ରୁତଗତିରେ ପଳାଇଗଲା ।

"ଭିକାରୀ, ଭିକାରୀ !" ରାଣୀ ଡାକିଲେ ।

"ଭିକାରୀ, ଭିକାରୀ !" ରାଜା ମଧ୍ୟ ଡାକିଲେ ।

"ଭିକାରୀ, ଭିକାରୀ !" ପାତ୍ର ମନ୍ତ୍ରୀମାନେ ଚିତ୍କାର କଲେ ।

ଭିକାରୀ କାହାର କଥା ଶୁଣିଲା ନାହିଁ ।

ଭିକାରୀ ଅନ୍ନପୂର୍ଣ୍ଣାର ରୂପ ଦେଖିଛି । ତଥାପି ଭିକାରୀ ଆପଣାର ଅନ୍ତରର ଅନ୍ନପୂର୍ଣ୍ଣାକୁ ଦେଶ ବିଦେଶରେ ଖୋଜିବୁଲୁଛି କାହିଁ ତାର ଅନ୍ନପୂର୍ଣ୍ଣା !

ତାର ଥାଳ ଆଉ କେବେ ପୂର୍ଣ୍ଣ ହେଲାନାହିଁ ।

ବିସ୍ମରଣ

'ସୁଷମା !'

ଶ୍ରୀହର୍ଷ ଡାକିଲା । ଶ୍ରୀହର୍ଷର ସ୍ଥୂଳ ଦେହରେ ତାର ପ୍ରତିମୂର୍ତ୍ତି । ସୁଷମା ମନେ ମନେ ତା'ର ଚରଣରେ ଅର୍ଘ୍ୟ ଅର୍ପଣ କରୁଥିଲା ।

ଶ୍ରୀହର୍ଷ ଭାବୁଥିଲା, ସୁଷମା କାନ୍ଦିବ କି ? କିନ୍ତୁ ସୁଷମାର ଆଖିରେ ଲୁହ ନଥିଲା । ମୁଖମଣ୍ଡଳରେ ଅପୂର୍ବ ଦୀପ୍ତି—ଗୌରବର ପରି-ଭାଷା ପରି ।

'ମୋର ଆଜି ବଡ଼ ଆନନ୍ଦ ସୁଷମା, ମୁଁ ତମ ଭଳି ବାଳିକାର ପରିଚୟ ପାଇଛି ।'

ରାଜଦୂତମାନେ ବନ୍ଦୀ ଶ୍ରୀହର୍ଷଙ୍କୁ ଘେନିଯିବାକୁ ବସିଲେ ।

'ନମସ୍କାର !' ଶ୍ରୀହର୍ଷ ବିଦାୟ ମାଗିଲା ।

'ହର୍ଷ !'

ଶ୍ରୀହର୍ଷ ଚାଲି ଯାଉଥିଲା । ସୁଷମା ପଛଆଡୁ ଆକୁଳ ହୋଇ ଡାକିଲା । ଶ୍ରୀହର୍ଷ ଫେରି ପଡ଼ି ଚାହିଁଲା । ସୁଷମା ବାଷ୍ପ ଆକୁଳ ନେତ୍ରରେ ଚାହିଁଥାଏ—'ହର୍ଷ ଶୁଣ, ଏଇ ଶେଷଥର—ଆଉ ଥରକ ପାଇଁ କହିଯାଅ—' କହୁଥିଲା ।

ଆଉ କହିପାରିଲା ନାହିଁ ।

'କ'ଣ ?' ହର୍ଷ ପଚାରିଲା ।

ସୁଷମା ଭୂମି ତଳକୁ ମଥା ପୋତିଦେଲା ।

'କ'ଣ ସୁଷମା !' ଶ୍ରୀହର୍ଷ ପୁଣି ପ୍ରଶ୍ନ କଲା—'କ'ଣ କହିବ ?'

'ଯାହା ମୁଁ କେବେ ଭୁଲିପାରିବ ନାହିଁ ।' ସୁଷମା କହି ପାରିଲା ।

ହର୍ଷ ହସିଲା । କହିଲା—'ସେ କଥା ତମେ ଜାଣ ।'

ରାଜଦୂତମାନେ ଶ୍ରୀହର୍ଷଙ୍କୁ ଘେରିନେଲେ । ସୁଷମା ଆଉ ଚାହିଁ ପାରିଲା ନାହିଁ ତାଙ୍କୁ । ତାଙ୍କୁ ଚାହିଁ ସେ ଅସ୍ତଗାମୀ ସୂର୍ଯ୍ୟର କ୍ରମ ମଳିନ କିରଣର ତାପ ଅନୁଭବ କରୁଥିଲା, ବରଂ ସେଇ ତାପର ତାକୁ ଏକପ୍ରକାର କରୁଣ ହସ ହସି କହୁଥିଲା—'ହେ କଥା ତମେ ଜାଣ ସୁଷମା ।'

ହଁ, ଶରତର ସନ୍ଧ୍ୟା ହସି ଉଠିଥିଲା ସେଦିନ । ସେଭଳି ହସ ଆଉ କେବେ ହସିନାହିଁ ସେ । ଅନେକ ଶରତ ଗଲାଣି, ଶୀତର ଧୂସର ଅଭ୍ରରେ ମିଶି ମିଶି ଗଲାଣି, ହେଲେ ଶରତର ସାନ୍ଧ୍ୟ କୁଙ୍କୁମ କିନ୍ତୁ ସେଦିନର ସେ କିରଣ—ହର୍ଷ ବିଷାଦର ସମ୍ମିଶ୍ରଣ ସେ ।

ସେ ଅନେକ ଦିନର କଥା ।

ତା'ପରେ ଆସିଲା ଶ୍ରୀହର୍ଷଙ୍କର 'ଯାବଜ୍ଜୀବନ ଦ୍ୱୀପାନ୍ତର ସମ୍ବାଦ', ରାଜଦ୍ରୋହ ଅପରାଧରେ । ସହସା ନଗରରେ ବିଷାଦର ଛାୟା ଘୋଟିଗଲା । ସମସ୍ତଙ୍କ ମୁହଁରେ 'ଆହା!ରେ' ଭାବ ଉଠିଲା । ସୁଷମା ଅତି ଶାନ୍ତ ଭାବରେ ସ୍ୱାଗତ କରିଥିଲା ସେଦିନ ସେଇ ସମ୍ବାଦକୁ ।

ଶୀତ ଚାଲିଯାଉଛି, ଆସୁଛି ବସନ୍ତ । ନୂତନତ୍ୱ ନାହିଁ, ଏ ତ ଚିରଦିନର ରୀତି କିନ୍ତୁ ସେଦିନ, ସୁଷମା ସେଇ ପୁରାତନ ଭିତରେ ନୂତନର ସନ୍ଧାନ ପାଇଲା । ଶ୍ରୀହର୍ଷ ଯାହା କହି ଯାଇଥିଲା, ସେ କେବଳ ତା'ର ସୂଚନା । ରାଜଦ୍ରୋହୀ ଶ୍ରୀହର୍ଷ ।

ସେ କ'ଣ ଏଇ କଥା ! ଜଗତର ସମସ୍ତ କ୍ଷଣିକ ଅସ୍ଥିରତା ଭିତରେ ଏଇ କ'ଣ କେବଳ ଅକ୍ଷୟ ସନାତନ ! ଯାହାକୁ ସେ ଜାଣେ । ଜାଣିଥିଲା । ଯାହାକୁ ସେ ପାଇଛି । ଗୋଟାଏ ଅପୂର୍ବ ଅନବଦ୍ୟ ପଦାର୍ଥ ।

ଅନୁରାଗ ପ୍ରେମରେ ସେଦିନ ସେ ସନ୍ଧାନ ପାଇଥିଲା ଯାହାର ଅପାରେଶାର ଅସ୍ୱରନ୍ତ । ଜଣିଗଲା ଏହା ଭୁଲ ଜାଳାହ୍ନା ଭିଲେନ୍ତା ମଣିଷ ମଣିଷକୁ ଭୁଲିଯାଇ ପାରେ, କିନ୍ତୁ ଭୁଲିପାରେ ନାହିଁ ଗୋଟିଏ କଥା, ସେ ଏଇ ପ୍ରେମ ।

ଆଉ ଦିନେ । ତାର କେତେଦିନ ପରେ । ଅନେକ ଦିନ ହୋଇଗଲାଣି । ସୁଷମାର କୋଳ ଉଜ୍ଜ୍ୱଳ କରି ଆବିର୍ଭୂତ ହେଲା ଆଉ ଗୋଟିଏ ଅମୂଲ୍ୟ ବସ୍ତୁ । ଦେବଶିଶୁ ସାତ୍ତ୍ୱିକ । ପ୍ରଣୟର ଅବଦାନ ରୂପେ । ପ୍ରେମର ଜୟ ଘୋଷଣା ସେ । ଭଲ ପାଇବାର ଧାରାବାହିକତା । ସ୍ନେହର ଅଟୁଟ ସ୍ମୃତି ।

ଯା ଭିତରେ କେତେ ଶରତ ଶୀତ ଚାଲିଯାଇଛି । ଚାଲିଗଲା ।

ସେଦିନ ଦାଣ୍ଡ ଦୁଆରରେ କିଏ ଆସି ଠିଆ ହେଲା, କିଏ ଏ? ରୁକ୍ଷ ବିନ୍ୟସ୍ତ ଅର୍ଦ୍ଧପକ୍ୱ କେଶଗୁଚ୍ଛ । ଶ୍ମଶ୍ରୁ ବହୁଳ ମୁଖମଣ୍ଡଳ । କୋଟରଗତ ଚକ୍ଷୁ । ଛିନ୍ନ ପରିଧାନ । କ୍ଷୀଣ ଦେହ । ବୟସର କଷାଘାତ—ତାର ଦେହ ଅତି ସୁସ୍ପଷ୍ଟ ।

'ମା' ବାଇଆ !' ସାତ୍ତ୍ୱିକ ଡରରେ ଘରକୁ ପଳାଇଲା ।

'ମୋ ଭୁଆ !' ବୋଲି କହି ସୁଷମା ପୁଅକୁ ଟାଣିନେଲା କୋଳରେ । ଆଉ କଟମଟ କରି ଚାହିଁଲା ପାଗଳାକୁ । ସେଇ ପାଗଳାକୁ । ଦୁଆର ବନ୍ଧ ପାଖରେ ଠିଆ ହୋଇ ।

'ଭାଗ୍, ଭାଗ୍, ଭାଗ୍ ଏଠୁ !' ସୁଷମା ଗର୍ଜି ଉଠିଲା ।

ପାଗଳା ଚାହିଁ ଥାଏ । ଓଠ ଉପରେ ଗୋଟେ ନିଷ୍ଠୁର ହସ ଫୁଟି ମଧ୍ୟ ଫୁଟିପାରୁ ନଥାଏ ।

ହଠାତ୍ ସଙ୍କେତ ଶବ୍ଦ ହେଲା । ରାଜଦୂତମାନେ ଗୃହଅଙ୍ଗ ଘେରିଗଲେ । ସମସ୍ତ ଥିଲା, କିନ୍ତୁ ପାଗଳ ଗଲା ନାହିଁ । ପାରିଥିଲେ ପାରିଥାନ୍ତା, କିନ୍ତୁ ପଳାଇଲା ନାହିଁ । ନିର୍ଜୀବ ନିସ୍ପନ୍ଦ, କେବଳ ନିଷ୍କମ୍ପ ନେତ୍ରରେ ଚାହିଁ ରହିଥାଏ ସେଇ ସୁଷମାକୁ ।

ବିଦ୍ରୂପ ନୁହେଁ । କରୁଣ ନୁହେଁ । ଅସଙ୍ଗତ ନୁହେଁ । ଅନର୍ଥକ ନୁହେଁ । ଅଥଚ ଗୋଟାଏ ବିକୃତ ହସ ସେ ହସିଲା । ବଡ଼ ଭୀଷଣ କିନ୍ତୁ—

ରାଜଦୂତମାନେ ବନ୍ଦୀଶାଳାକୁ ପଳାୟନକାରୀ ବନ୍ଦୀକୁ ନିର୍ମମ ପ୍ରହାର କରି ନେଇ ଯାଉଥିଲେ । ଶ୍ରୀହର୍ଷ ଅଜ୍ଞ ଆଉଥରେ ପଛକୁ ଚାହିଁ କହିଲା—'ସଂସାରରେ ଗୋଟିଏ କଥା ଅଛି, ମଣିଷ ତାକୁ କେବେ ଭୁଲିପାରେ ନାହିଁ, ସେ ହେଉଛି—ବିସ୍ମରଣ !'

ସୁଷମା ଚାହିଁ ଥିଲା । ଶ୍ରୀହର୍ଷ ଆଜ ପଛକୁ ଫେରି ଚାହିଁ ନାହିଁ ।

ଶ୍ରୀହର୍ଷ କହିଗଲେ—'ସେଇ ମଣିଷ ଜୀବନର ଦାରୁଣ ଅଭିଶାପ !' ସୁଷମାକୁ ସେମିତି ଲାଗିଲା, ଶ୍ରୀହର୍ଷ କହିଗଲେ ପରି ।

ସେ କିନ୍ତୁ ମାନିଲା ନାହିଁ । ମାନିବାକୁ ପ୍ରସ୍ତୁତ ନଥିଲା ।

କୁଆଡ଼ିକୁ ଅନ୍ତର ସ୍ଥିତ ପାଖୀକୁ ଯାକନେଇ ସେ ପ୍ରତିବାଦ କରୁଥିଲା—'ନା ନା, ସେଇ ହେଉଛି ଭଗବାନଙ୍କ ବରଦାନ । ଏଇ ଦୁଃଖମୟ ସଂସାରରେ ।' ଶ୍ରୀହର୍ଷ କଥାର ପ୍ରତିବାଦ ସେ ।

ସାତ୍ତ୍ୱିକା ହସିଦେଲା । ସୁଷମା ଚୁମାଟିଏ ଖାଇ ଚାଲିଗଲା ଘର ଭିତରକୁ । ଦାଣ୍ଡରେ କେହି ନଥିଲେ ।

ବିନୋମାହାନ୍ତି ଧୀରେ ଧୀରେ ସେଇ ଘରଆଡ଼କୁ ଗଲା।]

ବହୁତ ଦୂର ବାଟ। ବାଟ ଚାଲୁ ଚାଲୁ ବାଟ ଚାଲିର ନକ୍ସ-ଝରେ ମନେ ନାହିଁ କେଉଁଠିକି ଯିବାକୁ ହେବ। ଅଥଚ ବାଟ ବଣେଇହେଇ ଯାଉନାହିଁ। ଆଉ ଅଳ୍ପ ଦୂର ଅଛି ପହଞ୍ଚିବାକୁ। ଭାରି କଷ୍ଟ। ହଠାତ୍ ମନେ ପଡ଼ିଗଲା ଲହଡ଼ି ମାଡିଆସିଲା ପରି। ଲକ୍ଷର କଳ୍ପନା, ପହଞ୍ଚିବାର ଆନନ୍ଦ ମନକୁ ଯେମିତି ବଦଳାଇଦିଏ ଦିଗୁଣ ବଳରେ ଦୂର ବାଟର ସବୁ ଦୁଃଖକୁ ଆପଣା ଅଗୋଚରରେ ଖେଦେଇ ପକେଇ ଠିକ୍ ସେମିତି। ବିନୋମାହାନ୍ତିର ଆଗ୍ରହ ଯେମିତି ବନ୍ଧ ଭାଙ୍ଗି ପଡ଼ିଲା।

ଭଣ୍ଡାରୀଟା ଠାଉଁଦେଇ ଚାଲିଗଲା। ଇସାରାରେ ସେ ଯାହା କହିଗଲା, କଥାଠାରୁ ଢେର୍ ସୁସ୍ପଷ୍ଟ। ସେ କେଉଁଆଡ଼କୁ ଗଲା କେଜାଣି। ମିଛୁଟାରେ ବିନୋମାହାନ୍ତି ତା' ଯିବା ବାଟକୁ ଚାହିଁଲା। ଚାରିଆଡ଼କୁ ଅନେଇଲା। ସାଙ୍ଗମାନେ ପ୍ରାୟ ଶୋଇ ପଡ଼ିଛନ୍ତି। ସେ ପାଦ ଉଠାଇ ଆଗକୁ ବଢିଲା।

ଗୋଡ଼ଟା ଅଟକିଲା। ସେ ମାନିଲା ନାହିଁ। ଛାତିଟା ଡେଇଁଲା। ତାକୁ ସେ ଶୁଣିଲା ନାହିଁ। ଦିହଟା ଚଞ୍ଚଳ ହେଲା। ଦୁର୍ବଳ ମଣିଷ ଯେମିତି ବଳ ଦେଖାଏ ସେମିତି। ସେ ଆପଣାକୁ ବୁଝେଇ ପାରୁ-

ନଥିଲା, ସମସ୍ତେ ଯାହା କରନ୍ତି; ସେ ସେଇଆ କରିବାକୁ ଯାଉଛି ବୋଲି । ଅଥଚ ସେ ଦୁର୍ବଳତାକୁ ଜୟ କରିବାକୁ ଚାହୁଁଥିଲା । କାରଣ ଦେଖାଇ ନୁହେଁ—ଜବରଦସ୍ତି । ସେ ପେଲି ପଶିଗଲା ଘର ଆଡ଼କୁ । ଭରି ନଈକ ବାନ୍ଧ ଗୋଟାଏଟି ଧାଇ ଖୋଲିଦେଲା ପରି ।

ଦୁଆର ପାଖରେ, ଦୁଆରକୁ ଟୁକେଟେ ଛୁଇଁ ସେ ଥମ୍‌କନା ରହିଗଲା । ପୁଣି ଥରେ ଚାହିଁଲା—କେହି ନାହାନ୍ତି ତ !

କେହି ନଥିଲେ । ସେ ଦରଆଉଜା ଦୁଆରର କବାଟଉପରେ ହାତ ଦେଲା । ଠିକିଏ ଟେଁ ପୁଣି ଶବ୍ଦ ହେଲା ଲୁହାପେଞ୍ଚର । ସେ ଚମକି ପଡ଼ିଲା । ପୁଣି ଥରେ ପଛକୁ ଫେରିପଡ଼ି ଚାହିଁଲା—କିଏ ଯେମିତି ଚାହୁଁଛି ।

ବହୁତ କହିଥିଲା । ଯତି ବାଜି ମାରିଥିଲା । ସେମାନେ ସବୁ କ'ଣ ଚାହିଁଚନ୍ତି ! ମିଛଟାରେ ଆଖି ବୁଜି ପଡ଼ିଚନ୍ତି ?

ସେ ଖୋଞ୍ଜିଲା ସେ ଦରବୁଢ଼ୀ ମାଇପୁଟା ନୂଆବୋଉ ନେଖା ହବ—କାହିଁ ତ କେହି ନାହାନ୍ତି !

ଯଦି ଅସି ଦେଖନ୍ତି ! ଛି ଛି, କି ଲାଜ କଥା !

ତା'ପରେ ସେ ହସି ପକେଇଲା । ବୋଧହୁଏ ନିଜକୁ । ସେ ହସ ଭିତରେ ଅନେକ କଥା ।

ସେ କବାଟ ଖୋଲିଦେଇ ଭିତରକୁ ଗଲା । ତାପରେ ବନ୍ଦ କରିଦେଲା ଏକା ଗହାରେ । ବାହାରେ ଆଉ କାହାରି ଚହଳବର୍ଣ୍ଣ ନାହିଁ । କିଏ ଆସିଲେ ବି କିଛି ଦେଖିପାରିବେ ନାହିଁ । କବାଟକୁ

ଭଲକରି ଝିଲି ଜଞ୍ଜିର ଲଟଗେଇ ଦେଲା । ସେ ପାଖର ଆକାଶଟା କଉଁ କଣା ବା ଫାଙ୍କ ବାଟେ ଏ ପାଖକୁ ଉଙ୍କିମାରୁଦଲ କାଡେଲ । ଭଲକରି ଜଞ୍ଜିର ଲଟଗଇଦେଲା ।

ଝିଟକି, ଛୋଟ ଝିଙ୍କାଟିଏ ଖୋଲା ଥିଲା । ସେବାଟେ ଅନ୍ଧାର ରାତିର ମିଞ୍ଜି ମିଞ୍ଜି ତାରାଗୁଡ଼ାକ ଚୁହାଁ ଜଳକା ପରି ଅନେଇ ରହୁ-ଛନ୍ତି । ଦୁଆରପଶା ଆକାଶ ଆଉ ଝରକା ଡିଆଁ ଆକାଶ ଭିତରେ ବହୁତ ତଫାତ୍ । ସେ ପାଖ ଆକାଶ ତା ଆସିବାକୁ ଦେଖିଛି । ଆଉ ସେ ଆସିବାବେଳକୁ ତା' ପଛେ ପଛେ ଯେମିତି ଗୋଡ଼େଇ ଆସୁଛି ସିଂହଦ୍ୱାରି ପରି । ଏପାଖ ଆକାଶ ତାକୁ ଦେଖି ଉହାଡ଼ରେ ଲୁଚିଯିବାକୁ ମନେ କରୁଛି । ସପ୍ତର୍ଷି ମଣ୍ଡଳପର ଆପଣା ସ୍ଥାନରେ ବସିଯିବା ପାଇଁ ।

ତଥାପି ସେ ଝରକା ବନ୍ଦ କରିଦେଲା । ବନ୍ଦ କରିଦେଲା ବେଳେ ତା' ମୁହଁରେ ପୁଣି ଟିକିଏ ହସ ଫୁଟି ଉଠିଲା । ସେ ହସର ଅର୍ଥ ଏକାଧିକ ।

ପଲଙ୍କ ଉପରେ ଫୁଲ ଶେଯ । ସେ କୋଣରେ ପିଲସଜ ଉପରେ ପିତଳ ଦୀପଟିଏ ଜଳୁଛି—ଘିଅ ଦୀପ । ତଳେ ମଶିଣା ଉପରେ ବସିଛି—ସେ । ଅନେଇ ଦେଇ ବିମୋହିତ ଥମିଗଲା । ଥକା ଟଳା ପରି । ତେଣିକି ଗୋଡ଼ ବଟଉ ବଟଉ ଗୋଡ଼ର-ହାଡ଼ ପୁଞ୍ଜାକ ମେଲେଇ ଯାଇଁ ମାଉଁସ ମେଞ୍ଚି ହୋଇଗଲା କି ଆଉ । କେଉଁଣି କହିବାକୁ ଚାହୁଁଥିଲା । ଜୀବନଟା ଭିତରେ ହାଡ଼ ଗଣ୍ଠି ହୋଇ ରହି ଯେମିତି ଲେଉଟି ନାହିଁ ।

ସେ ପୁଣି ହସିଲା । ସେ ହସର ଅର୍ଥ ଗୋଟିଏ ।

ସେ ଜାଣୁ । ତା ଜାଣିବାରେ କ'ଣ ଅଛି । ଅତେବ, ସେ ନ ଜାଣିବ କମିତ । ତା' ନଜାଣିଲା ପରି ବମୋହିତର କ'ଣ ଥାଇପାରେ ?

ତଥାପି ମନ ମାନୁଥିଲା । ସେ ଭାବିବ କ'ଣ ! କିନ୍ତୁ ତା' ଭାବିବାରେ ଯାଏ ଆସେ କେତେ । ତା'ର କ'ଣ ଅଉ ସ୍ୱତନ୍ତ୍ରତା ଅଛି । ସେ ଦୁହେଁ ଯେ ଏକ । ସେ ତାର ଅର୍ଦ୍ଧାଙ୍ଗିନୀ, ସହଧର୍ମ୍ମିଣୀ, ସୁଖ ଦୁଃଖର ସାଥି ।

ଖାଲି କ'ଣ ସେତକି ! ତା'ରି ପାଇଁ ତ ସବୁ । ଏ ଯେ ଦୀପ, ନଡ଼ିଆ, ଘର ଦୁଆର ସାଜସଜ୍ଜା ସବୁ । ସବୁଥିରେ ତା'ର ଅଧିକାର । ଲାଜ କଟୁହେବ କମିତ !

'ବଭା !' ସେ ଡ଼ାକିଲା ।

ଉତ୍ତର ଓଡ଼ଣା ଭିତରେ ଅଲକ୍ଷ ସ୍ପନ୍ଦନ ଛଡ଼ା ଆଉ କେହି ସ୍ୱୀକାର କରିନାହିଁ ସେ ସମ୍ବୋଧନ ।

ଏତିକବେଳେ ତାର ମନେ ହେଲା କବାଟ ସେ ପଟରୁ କଏଁ ଟିକିଏ ଛିଦ୍ର ଭିତର ଦେଇ କଏ ଯେମିତି ସହସ୍ର ଆଖିକର ଚାହିଁଲା ଆସି ।

ସେ ତାକୁ ସତ ବୋଲି ମାନିବାକୁ ପ୍ରସ୍ତୁତ ନଥିଲା । ତଥାପି ଏଥର ତାର ଡ଼ାକ ଆହୁର ଧୀର ହେଇଗଲା—ବଭା !

ବଭା ତଥାପି ନୀରବ । ବିମୋହିତ ହସିଲା । ଏ ହସିବାର ଅର୍ଥ ହସିବା ।

ସେ ପୁଣି ଥରେ ଥରେ କବାଟ ଆଉ ଝରକା ଆଡ଼କୁ ଚାହିଁ ବିଭା ପାଖରେ ଯାଇ ବସିପଡ଼ିଲା । ବିଭାକୁ ତାର ବାହୁଲତାରେ ଘେରି ନେଇ ପୁଣି ଥରେ ଖୁବ୍ କୋମଳ ସ୍ୱରରେ ଡ଼ାକିଲା—ବିଭା !

ତା ଜବାବ ଯେମିତି ଘର ଆରପାଖରୁ କିଏ ଦେଲା । ସେ ସେତିକି କାନ ଦେଲାନାହିଁ । 'ବିଭା ବିଭା ମ ।' ବିଭାକୁ ସେ ହଲେଇ ଦେଲା । ବିଭା ତଥାପି ନିଶ୍ଚଳ । ହଲିଲାବି ନାହିଁ ।

'କ'ଣ ବେଶୀ ଦଲ ହବ ନା ?' ସେ ବଳ କଲା । ବିଭା ବିମୋହନ ଉପରକୁ ଢଳି ପଡ଼ିଲା । ପଡ଼ିଗଲା ତା' ଉପରେ । ବିମୋହନ ଉଠେଇନେଲା ତାକୁ, ତାର ସେଇ ଦୁର୍ବଳ ଅବସ୍ଥାରେ ।

ବିଭାକୁ ପଲଙ୍କରେ ବସାଇ ଦେଇ ସେ ପୁଣି ଥରେ ଚାହିଁଲା ଚାରିଆଡ଼କୁ । ଉପରେ ଚାଳ, ତଳେ ମାଟି, ଚାରିଆଡ଼େ କାନ୍ଥ ଛଡ଼ା ଆଉ କେହି ନାହାନ୍ତି ତ ! ତଥାପି ସେ ଚଞ୍ଚଳ ହୋଇ ଉଠୁଥିଲା । ତା' ଛାତି ନାଚୁଥିଲା । ମୁହଁଟା ଗରମ ।

ସେ ଓଢ଼ଣା କାଢିଦେଲା । ବିଭା ତଳକୁ ମୁହଁ ପୋତିଦେଇ ବସିଲା ମୂର୍ତ୍ତି ପରି । ବିମୋହନ ଆଶ୍ଚର୍ଯ୍ୟ ହୋଇଗଲା । ବିଭା କେମିତି ଆଗରୁ ଜାଣିଲା ସେ କଥା ।

ତା ହେଲେ କ'ଣ ସମସ୍ତେ ଜାଣନ୍ତି ! କେବଳ ବିଭୁତି ଯଦି ନୁହନ୍ତି, ଖାଲି ତାର ଆଈ ନୂଆବୋହୂ ନୁହନ୍ତି, ସେ ଭଣ୍ଡାଘରଟା ବି ଏକଲା ନୁହେଁ—ସମସ୍ତେ ଜାଣନ୍ତି ! ବନ୍ଧୁ ବାନ୍ଧବ ପ୍ରିୟା ପ୍ରୀତ, ଯେ ଅଛନ୍ତି, ଯେ ବରଯାତ୍ରୀ ଯାଇଥିଲେ, ଯାହାଙ୍କୁ ନିମନ୍ତ୍ରଣ ପଠାଯାଇଥିଲା, ଯେ ଆସିଲେ, କିଏ ବା ନ ଆସିପାରିଲେ ଜଣେ କେହିବି ବାଦ୍

ଯାଇନାହିଁ ସେଥିରୁ—ସମସ୍ତେ ଜାଣନ୍ତି ତା ହାଲ ! ଦୁନିଆଯାକ ସମସ୍ତେ ଜାଣନ୍ତି ଯେ ତାର ଆଜି ମର୍ମଯନ୍ତ୍ରଣା ।

ସମସ୍ତେ ଜାଣନ୍ତି ଯେ ସେ ଏଠିକି ଆସିଛି । ସମସ୍ତେ ଜାଣିଥିଲେ ଯେ ସେ ଏଠିକି ଆସିବ । କେହି ଆସି ଦୁଆର ମୁହଁରୁ ଥାଇ ନ ଦେଖିଲେ ବି ସମସ୍ତେ ଦେଖିଲାପରି—ସମସ୍ତଙ୍କ ଆଖି ସାମନାରେ ସେ ଅଭିନୟ କରୁଛି ।

ସେ ହସିଲା । ପାଗଳ ପରି ।

ସେ ବିଭାକୁ ଚୋଟିଏ ଚୁମା ଦେଲା । ମନେ ହେଲା ଯେମିତି ଦୁଆର ସେ ପଟରେ କିଏ ହସି ପକେଇଲା । ସେ ଦୁଆର ଆଡକୁ ଚାହିଁଦେଲା । ଯେମିତି କିଏ ସବୁ ଦଉଡ଼ି ପଳଉଚନ୍ତି । ସେ ବିଭାକୁ ଖୁବ୍ ଜୋରରେ ଛାତି ପାଖକୁ ଭିଡିନେଲା । ବାହାରେ ଯେମିତି ହସର ଲହରି ଅଦ୍ଭୁତ ଉଠୁଛି । ସେ ଝଡ଼ ଭିତରେ ବିଭା ଆଉ ସେ ବୁଲୁଛନ୍ତି ।

ମନେ ହେଲା ବିଭା ଯେମିତି ତାର ଅନେକ ଦିନର ଚିହ୍ନା—ଅନେକ ଦିନର ଜଣାଲୋକ । ବହୁପୂର୍ବରୁ ବିବାହିତା ସ୍ତ୍ରୀ । କେତେଦିନରୁ ଘର କଲେଣି । ଦୁନିଆଯାକ ଜାଣନ୍ତି ସେ କଥା । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ପର୍ଯ୍ୟନ୍ତେ । ଗଛପତ୍ର ନଈ ନାଳ ଏପରିକି ଦାଣ୍ଡର ଧୂଳି ବାଲିବି ଜାଣିଗଲେଣି—ବିଭା ବିମୋହିତ ସ୍ତ୍ରୀ ପୁରୁଷ, ବିବାହିତ ।

ଖାଲି ସେତିକି ନୁହେଁ । ଏ ଅପବାଦକୁ ଲୁଚେଇବାକୁ ଯେମିତି ଆଉ ବାଟ ନାହିଁ । ବିଭା ସତେ ଯେମିତି ବିମୋହିତର ସନ୍ତାନର ମା ହେଇ ସାରିଛି—ବହୁଦିନ ଆଗରୁ ।

ଅଉ ଲାଜ କ'ଣ ?

… … …

ଧଡ଼କିନା କବାଟ ଖୋଲି ବର୍ଷୋହତ ଏକା ନିଶ୍ୱାସକେ ବାହାରକୁ ଚାଲି ଆସିଲା । ବନ୍ଧୁ ଯାଉ ଦୁର୍ବଳ ବନ୍ଦୀ ଯେମିତି ପଳେଇଯାଏ ରଣଭୂଇଁରୁ ।

ତାର ମନେ ହେଲା, ହଠାତ୍ ଯେମିତି ବାହାଘରର ବାଜା ସବୁ ବନ୍ଦ ହେଇଗଲା । ରୋଷଣୀ ଦପ୍ ଦପ୍ କିନା ଲିଭିଗଲା । ଏଇ ଦଣ୍ଡକ ଆଗରୁ କାନରୁ ଅଡ଼ଡ଼ା ଖସି ପଡୁଥିଲା ଢୋଲ ଝମକ ତୁରୀ, ଭେରୀ, ମହୁରୀର ଶବ୍ଦରେ । ବାଣ ଫୁଟି ଆଖିରୁ ଝୁଲ୍କି ଖସେଇ ପକଉଥିଲା । ଯେମିତି ନିହାତି ଗୋଟାଏ ପୁରାତନ ଅସଭ୍ୟ-ତାକୁ ଘୋଡ଼େଇବାପାଇଁ ନିହାତି ଅଯଥା ଆଡ଼ମ୍ବର ଏ । ଅଯଥା ଆବରଣ—ଅକାରଣ ସାଜସଜ୍ଜା ।

ଆଜି ତା'ର ଦରକାର ନାହିଁ ଏବେ ।

ଶିଳା

ବୌଦ୍ଧ ବିହାରର ଗୋଟିଏ ଏକାନ୍ତ ସ୍ଥାନରେ ଶିଳା ଖଣ୍ଡେ ପଡ଼ିଥାଏ । ଶିଳା ନୁହେଁ, ଗୋଟିଏ ପ୍ରସ୍ତର ମୂର୍ତ୍ତି । ତାର ଇତିହାସ କେହି ଜାଣନ୍ତି ନାହିଁ । ସେ କେଉଁଠୁ ଆସିଥିଲା, କିଏ ଆଣିଥିଲା, କିଏ ଗଢିଥିଲା, କାହିଁକି ଗଢିଥିଲା ତା' ଖବର କେହି ରଖିନାହାନ୍ତି । ହୁଏ ତ କେଉଁ ଦେବୀ ମୂର୍ତ୍ତି ହୋଇଥିବ କିମ୍ବା କେଉଁ ନାଟଶାଳାର ଶିଳାସ୍ତମ୍ଭରୁ ଚ୍ୟୁତ ହୋଇ ପଡ଼ିଥିବ, ଅଥବା କେଉଁ ଭ୍ରାମ୍ୟମାନ ସୌଦାଗରର ସଂଗ୍ରହ ମଧ୍ୟରୁ ଗୋଟିଏ । ତାର ଅସାବଧାନତାରୁ ଖସିପଡିଛି ପଥ ମଧ୍ୟରେ । କିଏ କହିବ ସେ କଥା !

ଦିନେ ହୁଏ ତ ତାର ମୂଲ୍ୟ ଥିଲା । ଅମୂଲ୍ୟ ମୂଲ୍ୟ । ଆଜି ମୂର୍ତ୍ତିଟି ଛିନ୍ନମସ୍ତା । ନାହିଁର ଅବୟବ । ଭଗ୍ନ, ବିକ୍ଷତ । କେଉଁ ଦିନ, କେତେ ବର୍ଷ ପୂର୍ବେ କେତେ ଶତାବ୍ଦି ଆଗେ ଏ ମୂର୍ତ୍ତିର ଆଦର ମଣିଷ କି ଭଳି ଭାବରେ କରିଥିଲା ସେ କଥା କେହି କହିପାରିବ ନାହିଁ । କିନ୍ତୁ ବୌଦ୍ଧଯୁଗର ଏଇ ପ୍ରାରମ୍ଭିକ କାଳରେ ତା'ର ମୂଲ୍ୟ ତୁଚ୍ଛ ଅକର୍ମଶିଳା ସଙ୍ଗେ ସମାନ ।

କେହି ଦେଖନ୍ତି ନାହିଁ । କେହି ଭ୍ରୂକ୍ଷେପ କରନ୍ତି ନାହିଁ । ଏକାନ୍ତ ସ୍ଥାନ । କେହି ଆସନ୍ତି ମଧ୍ୟ ନାହିଁ । ସୌମ୍ୟବନ୍ତ ଏକାକୀ ଆସେ । ପ୍ରତିଦିନ ସନ୍ଧ୍ୟାରେ ସେଇ ମୂର୍ତ୍ତି ପାଖରେ ଆସି ଠିଆହୁଏ । ହାତରେ ଥାଏ ଗୁଚ୍ଛଚ୍ୟୁତ ଗୋଟିଏ ଫୁଲ । ବୃନ୍ତ ହୀନ । ସେଇ ପଥର ମୂର୍ତ୍ତି ଉପରେ ସେ ଫୁଲଟିକି ଚଢ଼େଇ ଦେଇ ସେ ଗୁହେଁ । ମୂର୍ତ୍ତିଟି ହସି ଉଠେ । ସେ ହସ ତା'ର ପାଷାଣ ଦେହର ପ୍ରତି ସୂକ୍ଷ୍ମ

ଛିଦ୍ର ଭିତରୁ ଚୁଇଁ ପଡ଼େ । ସୌମ୍ୟବନ୍ତ ସେ ହସରୁ କ'ଣ ପାଏ କିଜାଣି । ସେ ହସରୁ କ'ଣ ବୁଝେଁ ସେଇ ଜାଣେ । ତା'ପରେ ସେ ଫେରିଯାଏ ।

ଫୁଲଟି ଝାଉଁଳି ପଡେ । ପବନର ହିଂସା ହୁଏ । କେବେ କେବେ ତାକୁ ଉଡେଇ ନେଇ ତଳେ ପକେଇଦିଏ । ସୂର୍ଯ୍ୟର ବି କ୍ରୋଧ ହୁଏ । ଫୁଲର ସମସ୍ତ ରସ ସମସ୍ତ କୋମଳତାକୁ ଗ୍ରାସ କରି-ଯାଏ । ଫୁଲଟି କେବେ କେବେ ସେଇ ପଥର ମୂର୍ତ୍ତି ଉପରେ ଶୁଖି ଶୁଖି ମିଳେଇ ଯାଏ । ଟିକିଏ ଦାଗ ରହିଥାଏ । ସେ ବି ଲିଭିଯାଏ ଅସ୍ତେ ଅସ୍ତେ ।

ଏକଥା କେହି ଜାଣନ୍ତି ନାହିଁ । ହୁଏ ତ ଅନେକେ ଦେଖି-ଛନ୍ତି ଯିବା ବାଟରେ । କିନ୍ତୁ ଭଙ୍ଗା ପଥର ଖଣ୍ଡ ଉପରେ ଗୋଟାଏ ଦୁଇଟା ଫୁଲ ଦେଖି ତହିଁର ବିଶେଷତ୍ୱ ଲକ୍ଷ୍ୟ କଲା ଭଳିଆ ସ୍ପୃହା କାହାର ନଥିଲା ।

ସେଦିନ ସୁପ୍ରଭାତ । କିମ୍ବା ଦୁର୍ଦ୍ଦିନ କିଏ କହିବ ! ଜଣେ କଳାବିତ୍ କାରିଗର ସେଇ ପଥ ଦେଇ ଫେରୁଥିଲେ । ଅର୍ଦ୍ଧପ୍ରୋଥିତ ଶିଳା ମୂର୍ତ୍ତି ଉପରେ ଦୃଷ୍ଟି ପଡ଼ିଗଲା । ମୂର୍ତ୍ତିର ମାହାତ୍ମ୍ୟ ଦେଖି କ୍ଷଣକରେ ବୁଝିପାରି ଭଗ୍ନ ବିଗ୍ରହଟିକୁ ତାଙ୍କର କଳ୍ପିତ ଗୋଟିଏ କଳା ବା କାରୁକାର୍ଯ୍ୟର ଆଦର୍ଶ କରିବାକୁ ଘେନିଗଲେ । ସୌମ୍ୟ-ବନ୍ତ ଜାଣେ ନାହିଁ ।

ସେଦିନ ସନ୍ଧ୍ୟାରେ ମଧ୍ୟ ସୌମ୍ୟବନ୍ତ ସେଇ ସ୍ଥାନଟିକୁ ଗଲା । ହାତରେ ଫୁଲ ଥିଲା । କିନ୍ତୁ ଆଗରେ ମୂର୍ତ୍ତି ନଥିଲା । ଫୁଲ ଖସି ପଡ଼ିଲା ।

ସୌମ୍ୟବନ୍ତ ଖୋଜିଲା । କିନ୍ତୁ ଖୋଜିବାରେ ସ୍ପୃହା ନଥିଲା । ଯେମିତ ପାଳିତ ପକ୍ଷୀ ପିଞ୍ଜରା ଭାଙ୍ଗି ପଳେଇ ଯାଇଛି ।

ମୂର୍ତ୍ତି ହଜି ଯାଇଛି । କିନ୍ତୁ ସେଇ ସ୍ଥାନରେ ରହିଛି ଗୋଟାଏ ଚିହ୍ନ । ଖରା, ବର୍ଷା, ଶୀତ, କାକରରୁ ସୁରକ୍ଷିତ ସେଇ ସ୍ଥାନଟି ଯେ କ ଅନେକ ଦିନଯାଏ ସେଇ ମୂର୍ତ୍ତିକ ବକ୍ଷର ବିହିବାର ମୂଳ ସ୍ୱରୂପ ପାଇଛି ଏଇ ସ୍ମୃତି । ସୌମ୍ୟବନ୍ତ ତା'ର ଉପରେ ଫୁଲ୍‌କୁ ଛିଡ଼ାଇ ଠିକ୍ ଠିକ୍ ପାଖୁଡ଼ାକୁ ବିଛୁଡ଼ି ଦେଲା ।

'ସୌମ୍ୟବନ୍ତ !'

ପଛଆଡୁ କିଏ ଡାକିଲା । ସୌମ୍ୟବନ୍ତ ଗୁହିଁ ଦେଖିଲା ବିବୁଦ୍ଧ ।

'ସେଠି କ'ଣ ଦେଖୁଛ ସୌମ୍ୟ !'

'ପ୍ରାଣ-ବନ୍ତ ପ୍ରସ୍ତରର ଗତି !'

'ପ୍ରସ୍ତରର ଗତି !'

'ହଁ, ଆଶ୍ଚର୍ଯ୍ୟ ହେଉଛ ଯେ । ହେଇଟି ଦେଖ୍ ତାର ପାଦ ଚିହ୍ନ !'

'ପାଗଲ !'

'ମୋର ନିଜର ଅନୁଭୂତି ବିବୁଦ୍ଧ; ଜୀବନ୍ତର ସ୍ପର୍ଶରେ ଜଡ ମଧ୍ୟ ଚେତନ ହୋଇଯାଏ ।

ସଖୀ

ସେ ଚିଠା ? ସେତିକି ତାର ଅବଶେଷ ! ଏଇ କାନ୍ଥରେ ଖୋପ ଉପରେ ପୋଛ ଲିପାହୋଇ ଚାଲିଛି—ପ୍ରତିବର୍ଷ । କିନ୍ତୁ ସେଇ ଚିଠାଟାକୁ ମୁଁ ଲିପିବାକୁ ଦେଇନାହିଁ ସେ କୋଣଟକୁ । ତମେ ତାକୁ ଲିପେଇ ଦେବାକୁ ଚାହୁଁଛ ? ଅସୁନ୍ଦର ଦିଶିଲାଣି । କାନ୍ଥଟା ପୁରୁଣା ହୋଇଗଲାଣି, ନୁହେଁ ?

ଏ ଚିଠା କେ' ଲେଖିଥିଲା ଜାଣ ?

ସେଦିନ ସାବିତ୍ରୀ ବ୍ରତ । ମା ସାବିତ୍ରୀ ଉପବାସ କରିଥିଲେ । ପୂଜା ସରିଲା । ଆମ ଦିହିଙ୍କ ମୁଣ୍ଡରେ ଚନ୍ଦନ ଟୋପା ଦେଇ ଦିହିଙ୍କ ହାତରେ ଗୋଟିଏ ଗୋଟିଏ ଭୋଗଲଡୁ ଧରେଇ, କ'ଣ ଭାବି କଜାଣି ମା ଆଉ ଥରେ ଦଣ୍ଡବତ କଲେ । ସାବିତ୍ରୀ ମୋତେ ଚାହିଁଲା ମୁଁ ତାକୁ ଚାହିଁଲି । ଠାକୁରଙ୍କୁ ପହିଲେ ସେ ଜୁହାର ହେଲା । ମୁଁ ବି ଜୁହାର ହେଲି । ମୁଁ ମୁଣ୍ଡି ଆହାଏ ମାରି ଉଠିପଡ଼ିଲି । ସାବିତ୍ରୀ ଉଠି ନଥିଲା, ମା ବି ଉଠିଲେ । ସେତେବେଳଯାଏ ସାବି ସେମିତି ଅଧିଆ ପଡ଼ିଛି । ସାବି ମୁଣ୍ଡରେ ହାତ ବୁଲେଇଦେଇ ମା' ହସିଲେ । ସାବି ଉଠି ପଡ଼ିଲା । ଲାଜ ଗରଗର ସାବି ମୁହଁଟି ସେତେବେଳେ କେଉଁକ ବିକଟେ ହୋଇଗଲା । ତମରି ମୁହଁ ପରି । ଭାରି ସୁନ୍ଦର ଦିଶୁଥାଏ ।

ମା' ଟେଣିକ ଉଠିଗଲେ । ମୁଁ ସିନ୍ଦୁରରୁ ମେଞ୍ଚେ ନେଇ ତା' କପାଳରେ ବୋଲି ଦେଲି । ସେ ପଳେଇଗଲା ଲାଜରେ । ସେଇଦିନ ଏ ଚିଠାଟି ଲେଖିଥିଲା ସେ ।

ହଁ, ସେଇ ସାବିତ୍ରୀ । ସେଦିନ ବି ଏ ରାସ୍ତାଟା ସେମିତି ଥାଏ । ଏତେ ଖରାପ ହୋଇ ନଥିଲା । ଟିକିଏ ଫିକା ପଡ଼ି ଯାଇଥିଲା । ବୋଧହୁଏ ସେ ପାଖ କୋଣରୁ ଟିକିଏ ଛିଡ଼ି ବି ପଡିଥିଲା । ସାବିତ୍ରୀଙ୍କ ଘର କାନ୍ଥରେ ସେଦିନ ଧାନଶିଷା ମଣ୍ଡା ଫୁଲ ଫୁଟେଇ ସାବି ଚାଲିଗଲା ଆଉ କାହା ଘରେ ଲକ୍ଷ୍ମୀ ପାଦ ପକେଇବାକୁ ।

ତା'ପରେ ଅନେକ ଘଟଣା । ଗୋଟିକ ପରେ ଗୋଟିଏ ଘଟି ଯାଇଛି । ମୁଁ ହାଣିହୋଇ ଚାଲିଥାଏ । ମୋ ଜୀବନରେ ସେମିତି ନୂଆ କିଛି ନାହିଁ । ଏଇ ରାସ୍ତା ଭଳି କମିତିକା ଏକାରକମିଆ । ମା' ମରିଗଲେ । ସେଇଟା ଗୋଟାଏ ଘଟଣା ଯାହାକି ମୋର ମନେ ଅଛି । ବାକି ସବୁ ଭସା ମେଘ ପରି ଭାସି ଯାଇଛି ।

ବେଶୀ ସମୟ ବାହାରେ କଟେ । ବେଳେ ବେଳେ ଘରକୁ ଆସେ । ସେ ରାସ୍ତା ଉପରେ ନଜର ପଡ଼ିଯାଏ । ଚମକି ଉଠେ କାହାଘରକୁ ଚାଲି ଆସିଛି ।

ସାବି ଘର ଅନେକ ଦୂରରେ । ସାବି ଘର ବାନ୍ଧିଥିଲା । ମୋର ଘର କାହିଁ ।

ଦିନେ ହଠାତ୍ ଶୁଣିଲି, ସାବି ତା ଘରୁ ପଳେଇଛି । ଠିକ୍ ପଳେଇ ନଥିଲା । ତେବେ ସ୍ଥା ଲୋକେ ସେଇଆ କହିଲେ । ପ୍ରକୃତରେ ସେ ତା' ଗାଁ ଲେଖାରେ କେଉଁ ଭାଇ ସାଙ୍ଗରେ ଯାଇଥିଲା ତା' ସ୍ୱାମୀକି ଖୋଜିବାକୁ । ଲୋକେ ସେଇ ଭାଇକି ଲଗେଇ ତାକୁ କେତେ କଥା କହିଲେ ।

ସାବିର ସ୍ୱାମୀ କଲିକତାରେ ଥିଲା । ଛ ମାସେ ବର୍ଷେ ଥରେ ଘରକୁ ଆସେ । ମାସେ ପଖେ ରହି ଯାଏ । ମୁଁ ଭାବୁଥିଲି ସାବିର ସେ ଦିନଗୁଡ଼ିକ କେତେ ସୁଖରେ କଟୁଥିବ । ଆଉ ଯେଉଁଦିନ ତାର ସ୍ୱାମୀ ତା'ଠୁଁ ବିଦାୟ ନେଇ ଯାଉଥିବ ସେଇଦିନଠୁଁ ପୁଣି

ଫେରିବା ଦିନକୁ କେତେ ଆଗ୍ରହ ଆନନ୍ଦରେ ଚାହିଁ ବସିଥିବି । ଆଉ ତା'ର ପ୍ରତୀକ୍ଷାକୁ ଭାବି ଭାବି ଦୂର ବିଦେଶରେ ତା' ସ୍ୱାମୀ କେତେ ଆନନ୍ଦ ନପାଉଥିବ ।

ମୋର ସେ କଳ୍ପନା ମିଛ ହୋଇଗଲା । ସାବିର ସ୍ୱାମୀ ଆଉ ଫେରିଲା ନାହିଁ ।

ସେଦିନ ବି ଏ ଶତାଠା ଥାଏ । ଆଉ ଟିକିଏ ସଫା ଦିଶୁଥିଲା । ଇସ୍ଥାଠୁ ଅଲପ ଗୋବର ପାଣିର ଛିଟା ପଡ଼ୁଥାଏ । ଆଗଠୁ ଆଉ ଗୋଟେ ଦି'ଠା ଯାଗାରୁ ଝଡି ଝଡ଼ି ଯାଉଚି ।

ସାବିର ଖଣ୍ଡେ ଟିପଣା ଆମ ଘରେ ଥିଲା । ମା' ଆଣି ପକେଇ ଥିଲେ ମୋ କୋଷ୍ଠି ସାଙ୍ଗରେ । ମୋର ମନେ ଅଛି, ତାହାକ ସେଦିନ କହିଥିଲା—ଏ ଗୋଟିଏ ସତୀ କୋଷ୍ଠି । ମାଁ କହିଲେ, ହିଁ ଅଟିର ଗୁଣ ଜାଣି ନାଁ ଦେଇଚି ଦାସ ଘର ବିଷ୍ଣୁ ।

ସେ କୋଷ୍ଠିଟା ଥିଲା । ମୁଁ ସେଇଦିନ ତାକୁ ଚିରି ଚିରି କରି ଫିଙ୍ଗିଦେଲି ।

ଯୁଦ୍ଧ ଭିତରେ ଦିନାକେତେ ଚାଲିଗଲା । କାନ୍ଥର ଛତାଠା ସେମିତି ଥାଏ । ସହରରେ ଗୋଟେ ଶ୍ରମିକ ଗଣ୍ଡଗୋଳ ହେଲା । ମୋତେ ଆସିଲା ନିମନ୍ତ୍ରଣ । ଜେଲରୁ ଫେରିବା ଏଇ କେଇଟା ଦିନ ହେଲା । ପୁଣି ଗୋଳମାଳ ଭିତରେ ପଡ଼ି ଏତେ ଝଞ୍ଜଟ ଭିତରେ ପଶିବାକୁ ଖୁବ୍ ବେଶୀ ମନ ବଳୁ ନଥିଲା । କିନ୍ତୁ ସେଠା ତ ଗୋଟେ ନିଶା । ନିଶା ଛାଡ଼ିଗଲାବେଳେ ଦଣ୍ଡିକ ପାଇଁ ମନେହୁଏ ଆଉ ଖାଇବି ନାହିଁ । ପୁଣି ଯେତେବେଳେ ହାତରେ ବୋତଲ ପଡ଼େ, ଆଉ ଛାଡେ କିଏ !

ମୋ ପହଞ୍ଚିବା ପରେ ପରେ ହାଙ୍ଗାମା ଟିକିଏ ତାତି ଉଠିଲା । ମାଲିକମାନେ ଗୁଣ୍ଡା ଲଗାଇଦେଲେ । ତେଲାଠା ମୋ ଉପରେ

ନବଷି ମୋ ପାଖ ଲୋକର ମୁଣ୍ଡଟା ଛଟୁ କରିଦେଲା । ରକ୍ତ ଝରଝର କ ବହି ଯାଉଥାଏ । ସଙ୍ଗେ ସଙ୍ଗେ ତାଙ୍କୁ ହାସପାତାଳକୁ ନେଇଗଲେ । ଆଉ ଦଶ ଜଣ ଆଘାତ ପାଇଲେ । ସଭା ଭାଙ୍ଗିଗଲା । ଲୋକେ ଛିନ୍ନଛତ୍ର ହୋଇ ପଳେଇ ଗଲେ ।

ମୁଁ କୁଲି ବସ୍ତି ଆଡକୁ ବାହାରିଲି । ଅବସ୍ଥା ଦେଖିବାପାଇଁ । ଲୋକେ କାଲେ ସାହସ ହରେଇ ପକେଇବେ ।

ବସ୍ତି ଭିତରେ ବୁଲୁଛି । ନିହାତି ନୁଙ୍ଗୁରା ଗଳି । ଜଣେ ଲୋକ ଆସି କହିଲା—ବାବୁ ସେ ଘରେ କିଏ ତମକୁ ଡାକୁଛି । ମୁଁ ବୁଲି ପଡ଼ି ସେ ଘରଆଡକୁ ଚାହିଁଲି, ମାଇପି ଟିଏ ଠିଆ ହୋଇଛି । ମୁଁ କାବା ହୋଇଗଲି ।

ଗଳି । ଘରଟା ଟିକିଏ ଭଲ । କୁଲିଙ୍କ ଘରଠୁ ଟିକିଏ ଫରକତ । ସୁନ୍ଦର ବି ।

ସାବି ଆସି ନଥିକନା ମୋ ଗୋଡତଳେ ପଡିଗଲା । ଗୋଡରୁ ଧୂଳି ନେଇ ସେ ଯେତେବେଳେ ଉଠିଲା ମୁଁ ଚାହିଁ ପାରିଲି ନାହିଁ । ଖାଲି ଚାହିଁଦେଉଛି ଯାହା । ମଥାରେ ମେଞ୍ଚେ ସିନ୍ଦୁର । ଶ୍ରୀ ବୋଇଲେ ସେତକ । ଆଉ କିଛି ନାହିଁ । ଶ୍ରୀହୀନ ଜୀବନର ସେଇତକ ସମ୍ବଲକୁ ଦାଣ୍ଡରେ ପକେଇ ତା'ର ତଳେ ଆପଣାର ଅବସାଦକୁ ଘୋଡାଇବାର ଚେଷ୍ଟା କରୁଥାଏ ।

ଦିନ ଦୁଇଟା ହେବ । ସକାଳୁ କିଛି ଖାଇ ନାହିଁ । ଓଠ ଶୁଖିଯାଇଛି । ନିଜେ କଳାକାଠ ପଡ଼ି ଯାଇଛି । କିନ୍ତୁ ସାବି କାଳୀ ନୁହେଁ । ଆଖି ଧୂସର । ସେ ମଦାରା ନାହିଁ । ଖାଲି ପୂଜାର ଅର୍ଚ୍ଚନା ।

"ମୋତେ ଚାହିଁପାରୁଚ !" ସେ ପଚାରିଲା ।

ସେଦିନ ଘରୁ ବାହାରିଲାବେଳକୁ ଏଇ ମଲାଛୁଆ ଶଡାଠାକୁ ଛୁଇଁ ଯାଇଥିଲି । ସେଦିନ ଏ ଶଡାକୁ ଶଡା ବୋଲି ଶର୍ଦ୍ଧିଥିଲି । କାନ୍ଥରେ କିଏ ଚୂନ ନେସିଦେଇଛି ବୋଲି ଭୁଲ କରିନଥିଲି ।

ସେ ମୋତେ ବସିବାକୁ କହିଲା । ତା'ର 'ସ୍ୱିଏ' ଆସିବାଯାଏ । ମୋତେ ଖାଇବାକୁ ବି କହିଲା ଭାରି ସନ୍ତର୍ପଣରେ । ସେବା ସୁଜା ଯାର ଗୁହଁ ବସିଥାଏ ତାର 'ସେ' ଆସିଲେ 'ତାଙ୍କୁ' ଖାଇ-ବାକୁ ଦେଇ ତା'ପରେ ନିଜେ ବସିବ ।

ମୁଁ ଟିକିଏ ବସିଲି । ତା' କଥା ଏଡ଼ିପାରିଲି ନାହିଁ । ମନ ଚଞ୍ଚଳ ହେଉଥାଏ । ଯିବାପାଇଁ ଯେତେ ନୁହେଁ ସେଠି ନ ରହିବା ପାଇଁ ବେଶୀ । ସେ ମୋତେ ଅନେକ କଥା ପଚାରୁଥିଲା ଏକା ନିହାରେ । ମୁଁ ତାକୁ କିଛି ଉତ୍ତର ପାରିଲି ନାହିଁ ।

ମୁଁ ଲକ୍ଷ୍ୟ କଲି, ତା' ମୁହଁରେ ସେ ଅଂଗ ସଙ୍କୋଚ ନାହିଁ । ମନେ ହେଲା ଯେମିତି ବଡ଼ ନିର୍ଭୀକ ହୋଇଯାଇଛି । କିନ୍ତୁ ନିର୍ଲଜ୍ଜ ନୁହେଁ ।

କେତେବେଳେକେ ଗୋଟେ ମଣିଷ ଆସିଲା । ମୋଟା ପେଟା ଲୋକଟାଏ । ମଥାରେ ପଗଡ଼ି । ହାତରେ ଲାଠି । ସାବି ତାକୁ ପରିଚୟ ଦେଲା ମୁଁ କିଏ ।

'ଭାଇ ।'

ସେ ଲୋକଟା ମୋତେ ଦଣ୍ଡବତ କଲା । ଯେମିତି ଭାରି ବାଧ୍ୟ ସିପାହିଟିଏ ।

କିନ୍ତୁ ସେ ତ ସାବିର ସ୍ୱାମୀ ନୁହେଁ । କିମ୍ବା ଯଉଁ ଭାଇ ସାଙ୍ଗରେ ଗାଁରୁ ପଳେଇ ଆସିଥିଲା ସେ ବି ନୁହେଁ ।

ସାବି ଦଉଡ଼ଯାଇ ଷ୍ଟେଟ ଗିନାଟିରେ ପାଣି ଟିକିଏ ଆଣି ତା ଗୋଡ ପାଖରେ ଦେଖେଇଲା । ସେ ଗୋଡ ଧୋଇ ଆସି ବୁଢ଼ା-ଅଙ୍ଗୁଳିକି ବୁଡ଼େଇ ଦେଲା ସେଥିରେ । ସାବି ତାକୁ ମୁଣ୍ଡରେ ମାରି ପିଇଦେଲା ।

ମୁଁ ସାବିକି ଚିହ୍ନୁ ନଥିଲି । ସେ ଲୋକଟାକୁ ଚିହ୍ନିଥିଲି । ମୋ ତା' ଭିତରେ କେତେ ତଫାତ୍ । କିନ୍ତୁ ତଫାତ୍‌ଟା କେଉଁଠି ବୁଝି ହେଉ ନଥାଏ ।

ସେଠୁ ଫେରି ଆସି ଶୁଣିଲି, ସେ ଲୋକଟା କୁଲି ସର୍ଦ୍ଦାର । ମାଲିକର ଡାହାଣ ହାତ । ମୋତେ ମାରିବାପାଇଁ ଲୋକ ଖଞ୍ଜେଇ-ଥିଲା ସେଇ ।

ତଥାପି ମୋର ତା ଉପରେ ରାଗ ହେଲାନାହିଁ । ସେ ସାବିର ସ୍ୱାମୀ ।

ତଥାପି ମୋର ମନେ ହେଲା—ସାବି ବାସ୍ତବିକ ସତୀ ସାବିତ୍ରୀ ।

ଏ କଥାଟା ?

ତମର ଯଦି ଇଚ୍ଛା ହୁଏ, ପୋଛିଦିଅ !

ଘଉ୧

ଆମେ ଦୁଇଜଣ ଯାକ ଇନ୍ଦିରାକୁ ଭଲ ପାଉଥିଲୁ । ଦୁଇଜଣ ଯାକ ଚାହୁଁଥିଲୁ ତାକୁ ପାଇବାକୁ, ତାକୁ ଆପଣାର କରିବାକୁ । ବିନୋଦ ଆଉ ମୁଁ ।

ଦୁହେଁଯାକ ଏକାଦିନେ ତାକୁ ଦେଖିଥିଲୁ । ସମୁଦ୍ରକୂଳରେ ବୋଧହୁଏ ସେଇଦିନ ସେଇଠି ଦୁହେଁଯାକ ଏକା ସାଙ୍ଗରେ ପ୍ରଥମ ଦର୍ଶନରେ— । ଇନ୍ଦିରା ସେମିତି ଝିଅ ।

ବିନୋଦ ଯାଏ ସମୁଦ୍ର କୂଳଆଡ଼କୁ ବୁଲି । ଆଗରୁ ବି ଯାଉ-ଥିଲା । କିନ୍ତୁ ସେଇଦିନ ପାଖରୁ ନିୟମିତ ।

ମୁଁ ଯାଏ ଦେଉଳକୁ । ଆଗରୁ ବି ଯାଉଥିଲି । କିନ୍ତୁ ସେଇଦିନ ପାଖରୁ କୌଣସି ଦିନ ବାଦ୍ ପଡ଼େ ନାହିଁ । ନିହାତି ଜରୁରି କାମ ନଥିଲେ ।

ବିନୋଦ ପ୍ରତିଦିନ ଯାଏ । ଦିନ୍ ସନ୍ଧ୍ୟାବେଳକୁ । ସେଇ ସମୁଦ୍ର କୂଳକୁ—ସେଇଠିକି । କିନ୍ତୁ ଦେଖାହୁଏ କ୍ୱଚିତ୍ । ବିନୋଦ କିନ୍ତୁ ଚାହିଁ ବସିଥାଏ ତା'ର ପଥକୁ । ସମୁଦ୍ରର ଢେଉ ଗଣୁଥାଏ କି କ'ଣ ! ହସେ କି କାନ୍ଦେ ସେଇ ଜାଣେ । ଯେଉଁଦିନ ସେ ଚଞ୍ଚଳ ଫେରି ଆସେ ମୁଁ ବୁଝିପାରେ ଯେ ସେଦିନ ସେ ଇନ୍ଦିରାକୁ ଦେଖିଛି । ସେତେବେଳକୁ ସନ୍ଧ୍ୟା ହୋଇ ନଥାଏ ।

ଦେଉଳରେ ସନ୍ଧ୍ୟା ଆରତି ହୁଏ । ମୁଁ ଠାକୁରଙ୍କୁ ଚାହିଁ ରହେ, ପ୍ରଣାମ କରେ । ମନେହୁଏ, ମୋ ସାଙ୍ଗେ ମୋ ବାଁ ପାଖରେ

ଆଉ ବି କିଏ ଜଣେ ଯେମିତି ପ୍ରଣାମ କରୁଛି ଆସି । ଦୁହିଙ୍କ ଉପରେ ଆକାଶରୁ ପୁଷ୍ପ ବୃଷ୍ଟି ହେଲାପରି ଲାଗେ । ଚନ୍ଦନକୁ ଗୋଲା ବୋଲି ଦେଲାପରି ପ୍ରେମ ମୂଲ ଫୁଲ୍·ପଡ଼େ । ଯେଉଁଦିନ ମୁଁ ଢ଼େଙ୍କ୍ରେ ଘରକୁ ଫେରେ, ସେଦିନ ମୋର କାହିଁକି କଜାଣି ପ୍ରଥମରୁ ଯେମିତି ମନେହୁଏ ଆଜି ମୁଁ ଏକା ଏକା । ସେ ଆସି ନାହିଁ । କେହି ଆସି ନାହାନ୍ତି । ମୋ ସାଙ୍ଗରେ କେହି ଠାକୁରଙ୍କୁ ଦଣ୍ଡବତ କରିନାହାନ୍ତି । ମୁଁ ବେଢ଼ା ଭିତରେ ବୁଲେ । ଢ଼େର ହୋଇଯାଏ ।

ମୋର ଆଗେ ଶାହା ହେଲା । ସେଦିନ ଭିଡ଼ ଭିତରେ ମୁଁ ବାଡି କରି ଦେଇଥିଲି । ଇନ୍ଦିରାର ମା ଓ ବାପା ଦିହେଁଯାକ ଥିଲେ । ମୋତେ ସେମାନେ କହୁଥିଲେ ବେଳ ହେଲେ ତାଙ୍କ ସେଠିକି କେବେ କେମିତି ବୁଲି ଆସିବାକୁ । ଇନ୍ଦିରା ମୋତେ କିଛି କହି ନଥିଲା । ମୁଁ ବି କିଛି କହି ପାରି ନଥିଲି । ସେ ମୋତେ ଗୁହିଁ ଥିଲା । ମୁଁ ବି ତାକୁ ଗୁହିଁ ଥିଲି । ଏକା ସାଙ୍ଗରେ । ସେମିତି ଥରୁଟେ । କିନ୍ତୁ ଆମ ଦୁହିଙ୍କର ଶାହା ଦେଇଥିଲା ପରି ମୋତେ ଲାଗିଲା । ଅନେକ ଦିନର ଲାହା ।

ବିନୋଦ ଦିନେ ଯାଇଥିଲା ମୋ ସାଙ୍ଗରେ । ଏମିତି ବୁଲି ବୁଲି । ମୋର ବନ୍ଧୁ ଭାବରେ । ସେଠି ଯାଇ ବିନୋଦ ଏକ ନୂଆ ବିନୋଦ ହେଇଗଲା । ମୁଁ ତାକୁ ସେମିତି ଫୁର୍ତ୍ତିରେ କେବେ ଦେଖି ନଥିଲି ଆଗରୁ । ତାର ଯୋଗ୍ୟତା ଦଶଗୁଣ ବଢି ଯାଇଥିଲା ପରି ଲାଗିଲା । ସେ ବୋଧବୋ ର ଜମେଇ ରଖିଥିଲା ଆସରକୁ । ନିଜର ଉପସ୍ଥିତିର ପ୍ରାଧାନ୍ୟ ସେ ସବୁବେଳେ ଜାହିର କରି ରଖିଥାଏ ଅନ୍ୟ ଉପରେ । ତା କଥାର ପ୍ରତିବାଦ କରିବାପାଇଁ ସେ କାହାକୁ ସୁଯୋଗ ଦିଏନାହିଁ । ସେଦିନ ତା' କଥାର ପ୍ରତ୍ୟେକ ପଦ ଯେମିତି ଅନ୍ୟଙ୍କୁ ବାଧ୍ୟ କରୁଥିଲା ମାନି ନେବାପାଇଁ ।

ମୁଁ ଯାଏ । ବିନୋଦ ଯାଏ । ଇନ୍ଦର୍ ଘରେ ଆମ ଦୁହିଙ୍କର ଭେଟ ହୁଏ କମ୍ । କିନ୍ତୁ ସେ ଜାଣେ ମୁଁ ଯେବେ ଯାଏ । ସେ ଗଲେ ମୁଁ ସବୁବେଳେ ଜାଣିପାରେ ନାହିଁ । ଜାଣିବାର ଇଚ୍ଛା ମଧ୍ୟ ରଖେ ନାହିଁ ।

ମୁଁ ଯାଇଁ ଇନ୍ଦର୍‌ର ମା, ଇନ୍ଦର୍‌ର ଭାଇ ଏମାନଙ୍କ ସାଙ୍ଗରେ କଥା ହୁଏ । ଇନ୍ଦର୍‌ର ଛୋଟ ଛୋଟ ଭଉଣୀ ଦୁଇଟି ଆସି ମୋ ଉପରେ ଲଦି ହୁଅନ୍ତି । ମନେହୁଏ, ଇନ୍ଦର୍ ଶହେଜଣ ହୋଇ ମୋ ଚାରିଆଡ଼େ ମୋତେ ଘେରିଯାଇଛି । ମୋତେ କଥା ନ କହିଲେ କ'ଣ ହେଲା । ମୋ ଠାରୁ ଦୂରରେ ରହିଲା ତ କ'ଣ ହେଲା । ସେ କାନ୍ଥ ବାଡ଼ ଟେବୁଲ୍ ଚଉକି ଚାରିଆଡ଼େ ଇନ୍ଦର୍‌ର ସାନ୍ନିଧ୍ୟ ମୁଁ ଉପଲବ୍ଧି କରେ ।

ଇନ୍ଦର୍ ନଥାଏ । କାମ କରୁଥାଏ । ସବୁବେଳେ କାମ, କାମ। ମୁଁ ଚାହିଁ ଦେଖେ । ମନେହୁଏ ସେ କାମରେ ଯେମିତି ଗୋଟେ ଅନୁରାଗ ଅଛି । ସେ କାମଟା ବି ମୋର ପାଇଁ—ମୋ'ର ଉଦ୍ଦେଶ୍ୟରେ ।

ବେଳେ ବେଳେ କେତେବେଳେ କମିତ ଆସେ । ପାଖରେ ଚଉକିଟି ଉପରେ ବସେ । ମୁଁ କହେ ବସିବାକୁ । ସେ ବସେ । ସେଇ ତେତିକି । ତା'ଠୁ ମୋର ଯେମିତି ବେଶୀ କିଛି କହିବାର ନଥାଏ । ଆଉ କିଛି କହିପାରେ ନାହିଁ । ସେ ଚାଲିଗଲେ ମନେହୁଏ ଅନେକ କ'ଣ ରହିଗଲା ପରା ! ଭାବେ, ମୁଁ ବୋଧହୁଏ କହିଛି । କିନ୍ତୁ ସେ ବୁଝିପାରିଲା ନାହିଁ । ଆମ ଦୁହିଁଙ୍କର ମନ ଏକ, କିନ୍ତୁ ଭାଷା ଯେମିତି ଦୁଇଟା । କେହି କାହା ମନ କଥା ବୁଝାଇ କହିପାରେ ନାହିଁ ।

ସେ ପାଖରେ , ବସିଥିଲେ ମୋତେ ମାଡ ପଡ଼େ । ହାଲୁକା ମନଟା ଝଲଝଲ ହେଉଥାଏ—ଥିର ହେଇଯାଏ ସେ ଭାଗରେ । ମଝିରେ ମଝିରେ ମୁଁ ତାକୁ ମଥାଟେକ ଗୁହେଁ । ସେ ତଳକୁ ମୁହଁ ପୋତି ବସିଥାଏ । ବେଳେ ବେଳେ ଗ୍ୱର ଆଖିର ଭେଟ ହେଇ-ଯାଏ । ମୋର ସବୁ ସାର୍ଥକ ହେଇଗଲା ପରି ଲାଗେ । ଅନେକ ଅବୁଝା କଥା ବୁଝି ହେଇଯାଏ ।

ବିନୋଦ ଯେତେବେଳେ ଯାଏ, ଗୋଟା ଘରଟା ତାର ଉପ-ସ୍ଥାନ ପକାଏ । ସମସ୍ତେ ସରବ ହେଇ ଉଠନ୍ତି । ଇନ୍ଦିରର ଭାଇ ଭଉଣୀ ସମସ୍ତେ । ବିନୋଦର ପ୍ରତି ଅଙ୍ଗରେ ତରଙ୍ଗ ଖେଳିଯାଏ । ସେ ଉତଳା ହେଇ ଉଠେ । ତା ଦେହର ତେଜ ଯେମିତି ଯାଇ ବାଜେ ଇନ୍ଦିରା ଦେହରେ । ଇନ୍ଦିରା ଚଞ୍ଚଳ ହେଇ ଉଠେ । ସଜାଗ ହେଇ ଉଠେ । ଆପଣାକୁ ଆପଣାର ଆୟତ୍ତ ଭିତରେ ରଖି ପାରେ-ନାହିଁ । ପେଜ ହାତରେ ଢାଳି ହେଇଯାଏ । ଫୁଟିଲା ପୋଝଣା ଫୁଟିକରି ମୁହଁ ଉପରେ ପଡ଼େ । ପାନ ଥାଳିଆ ଖସିପଡ଼େ ହାତରୁ । ତୋଳା ଯୋଡ଼ାକ ଖାଲି କଣକୁ କଣକୁ ଖସି ବୁଲୁଥାଏ । ଓଠ ଫାଙ୍କରେ ହସର ରେଖା କଏ ବଙ୍କାକରି ଗାରେ ଟାଣିଦେଇଛି ଯିମିତି ।

ଦୁହେଁ ବସି କଥା ହୁଅନ୍ତି । ଖୁବ୍ ଧୀରେ । ନାଁ ସେ କଥାର ନିୟମ ନାହିଁ । ଶୃଙ୍ଖଳା ନାହିଁ । ଖାଲି ବସି ବସି ନୁହେଁ । ବାଟରେ ଘାଟରେ, ଘରର ଦୁଆରେ ବାହାରେ, 'ଯାଉ ଯାଉ, 'ଉଠୁ ଉଠୁ ସେ ହଠାତ୍ ଆରମ୍ଭ ହୁଏ ପୁଣି ହଠାତ୍ ଶେଷ ହୁଏ । ମୁଖବନ୍ଧ ନଥାଏ କିମ୍ବା ମନ୍ତବ୍ୟ ନଥାଏ । ଯେଉଁଠି ପାରେ ସେଇଠି ଆରମ୍ଭ ହୁଏ, ଯେଉଁଠି ପାରେ ସେଇଠି ଶେଷ ହେଇଯାଏ । ନଆକରି ଅରମ୍ଭ କରିବାକୁ

ପଢ଼େ ନାହିଁ । ଯେତେବେଳେ ଆରମ୍ଭ ହୁଏ, ସେ ଯେମିତ ଆରମ୍ଭ ନୁହେଁ—ଅଗ କଥାର ଜେର । ଅଥଚ ଯେତେବେଳେ ସରେ ସେତେବେଳେ ସରିଯାଏ ଏକାବେଳକେ ପୂର୍ଣ୍ଣଚ୍ଛେଦ ପକେଇ, ସେକଥା ଆଉ ଯେମିତ ପୁଣି ଥରେ ଉଠିବ ନାହିଁ । ମା ତା ର ଦିଅନ୍ତି । କଥାର ଖିଅ ଛୁଟିଯାଏ ।

ବିନୋଦ ଯାଇ ଇନ୍ଦିରାର ମା'ଙ୍କ ପାଖରେ ବସେ । ଇନ୍ଦିରା ବି ବସିଥାଏ । ଦୁହେଁ ଯେମିତ ତାଙ୍କ ପାଖରେ ଦୁଇଟି ଛୁଆ । ସେ ଇନ୍ଦିରାକୁ ମାରେ । ଇନ୍ଦିରାକୁ ଠେଲିଦିଏ । ପୁଣି କୁଣ୍ଢେଇ ପକେଇ ସାଲୁଲେଇ ବହଲେଇ ପକାଏ । ତାଙ୍କର ଆଗରେ

ମୁଁ ଯାଏ । ଛାଡ଼ି ଆସେ ପତ୍ରିକା କି ବହି ଖଣ୍ଡେ । ଭଲ ଭଲ ଯାଗାରେ ମୋର ଚିହ୍ନ ଥାଏ—ଟିପଣୀ ଥାଏ । ଭାବେ ଇନ୍ଦିରା ପଢ଼ିବ । କେବେ କେବେ ବହି ମାଗିବାକୁ ଭୁଲି ବି ଯାଏ ।

ବିନୋଦ ଯାଏ । ଇନ୍ଦିରାକୁ ସାଙ୍ଗରେ ନେଇ ଆସିବା ପାଇଁ । ସିନେମା ଦେଖିବାକୁ, ସମୁଦ୍ରକୂଳ ବୁଲି ଯିବାକୁ ।

ସେତେବେଳେ ହୁଏତ ଠାକୁରେ ମୋ ପ୍ରଣତ ନେଉଥାନ୍ତି ।

ମୁଁ ଯାଏଁ ଖାଲି ହାତରେ । ଫେରି ଆସେ ଭାରି ହୃଦୟ ନେଇ । ବିନୋଦ ଯାଏ ଉପହାର ନେଇ, ଫେରି ଆସେ ଫୁଲ ପରି ହାଲୁକା ପ୍ରାଣରେ ।

ମୁଁ ଫେରି ଆସି କବିତା ଲେଖେ । ସେ କବିତା କେହି ପଢ଼ନ୍ତି ନାହିଁ । ଧୀରେ କି ଛିଡ଼ାଇ ଦିଏ । ବିନୋଦ ଫେରି ଆସେ ଘରେ ବସି ଚିଠି ଲେଖିବାପାଇଁ । ତାର ଅନୁପସ୍ଥିତିର କୈଫିୟତ ଦେବା-

ପାଇଁ । ଇନ୍ଦିରା ପାଖରେ ନରହିଥିବା ସମୟର ଗୋଟାଏ କ୍ଷିତିରଶ୍ମି ଲେଖି ବସେ । ଫଳରେ କେହି କାହାଠାରୁ ଦଣ୍ଡକପାଇଁ ବିଚ୍ଛିନ୍ନ ହୁଏ ନାହିଁ । ମୁଁ ସବୁ ଛିନ୍ନ କରି ଫିଙ୍ଗିଦିଏ ଅପେ ଅପେ ।

ବିନୋଦ କହେ ମୋ ଆଗରେ—'ଇନ୍ଦିରା ମୋତେ ଭଲ ପାଏ ।' ଭାରି ସରଳ ପିଲା ସେ ।

ମୁଁ ଭାବେ ମୋ'ର ମନ ଭିତରେ—'ନା, ଇନ୍ଦିରା ମୋତେ ଭଲ ପାଏ ।' କାହାରିକି କହିପାରେ ନାହିଁ ।

ଇନ୍ଦିରା ବିନୋଦକୁ ଥଟ୍ଟା କରେ । ବିନୋଦ ମଧ୍ୟ ରହସ୍ୟ କରେ । ଇନ୍ଦିରା ପଚାରେ—"ତମ କନିଆ କମିତି ହବ କହିଲ ବିନୋଦ ଭାଇ !" ବିନୋଦ କହେ—'ତୋ'ରି ପରି ।' ଇନ୍ଦିରା ହସେ । ବିନୋଦ ତାକୁ ପାଖକୁ ଭିଡି ଆଣି ତାର କୁଞ୍ଚିତକେଶର କୋମଳ ସ୍ପର୍ଶ ଆପଣା ଗଣ୍ଡର କୂପ ମୂଳରେ ଅନୁଭବ କରେ । ଇନ୍ଦିରା ଆପଣାକୁ ଛଡ଼େଇ ନେଇ ପଳାଏ । ବିନୋଦ ଧରିନିଏ ହାତକୁ । 'ହାତଟାଣି ଚିଡ଼ିଗଲୁ କି ?' କହି ଇନ୍ଦିରା ହସି ପକାଏ । ବିନୋଦ ଛାଡ଼ିଦିଏ ।

ବିନୋଦ ଭାବେ, ଇନ୍ଦିରା ବାସ୍ତବିକ୍ ତାକୁ ଭଲ ପାଏ । ଇନ୍ଦିରା ତାକୁ ଆପଣାର କରିବାକୁ ଚାହେଁ ।

ମୁଁ ଭାବେଁ, ଭାବେନାହିଁ ବରଂ ମନକୁ ବୁଝାଏ । ଇନ୍ଦିରା ବିନୋଦକୁ ଭଲ ପାଏ ନାହିଁ—କେବେ ନୁହେଁ । ବରଂ ପରିହାସ କରେ । ଭଲ ପାଇବାଟା ଥଟ୍ଟା ତାମସାରେ ପ୍ରକାଶ ପାଏନାହିଁ । ଭଲ ପାଇବାଟା ଭସା ମେଘଭଳି ହାଲୁକା ନୁହେଁ । ଭଲ ପାଇବାଟା ଗୁରୁ ଗମ୍ଭୀର ।

ମୁଁ ଗଲେ ଇନ୍ଦିରା ଗମ୍ଭୀର ହୋଇଯାଏ । ଭାବେ, ଏଇଟା ପ୍ରକୃତ ପ୍ରେମର ଲକ୍ଷଣ । ପ୍ରଣୟର ଗଭୀରତା, ଗୋପନୀୟତା । ବିନୋଦଙ୍କୁ ସେ ଯଦି ଭଲ ପାଉଥାଏ ତେବେ ସେଥିରେ ବିଶେଷତ୍ୱ ନଥିବ । ଯୌବନର ସାମାନ୍ୟ ଉଦ୍ଦୀପନା ହୋଇପାରେ ।

ଦିନକର କଥା । ବିନୋଦ ମୁଁ ଦୁଇଜଣଯାକ ପହଞ୍ଚିଲୁ । ଇନ୍ଦିରା ବସିଥିଲା । ଆମକୁ ଦେଖି ଠିଆ ହୋଇ ପଡ଼ିଲା । ବିନୋଦ ଆଗକୁ ବଢିଯାଇ ଇନ୍ଦିରାର ହାତ ଧରି 'ଶେକ୍‌ହେଣ୍ଡ' କଲା । ମୁଁ ନମସ୍କାର କରିବାକୁ ଅପେକ୍ଷା କରୁଥିଲି । ଢ଼େର ନସହି ନିଜେ ନମସ୍କାର କଲି ଆଗେ । ହାତରେ ଥାଏ ସିଲେଇ ସରଞ୍ଜାମ । ରୁମା-ଲ୍‌ରେ ପଡୁଥିଲା ବିନୋଦର ନାମ । ମେସିନର ହାତ ପରି ହାତ ଦୁଇଟା ତାର ଅଳ୍ପ ଉପରକୁ ଉଠି ପ୍ରତିଭଦ୍ରତା ଜଣାଇଲା ।

ଅନେକ କଥାଭାଷା ହେଲା । ମୁଁ କହିପାରିବି ନାହିଁ କ କଥା । ଏହା ଭିତରେ ବିନୋଦ ଉଠି ଚାଲିଗଲାଣି । କଥାର ସୁଅ ବନ୍ଦ ହୋଇଯାଉଛି । ଇନ୍ଦିରାର ସାନ ଭଉଣୀ ତଳେ ବସି କୁଣ୍ଢେଇକି ଲୁଗା ପିନ୍ଧେଇ ଦେଉଥାଏ । ମୁଁ ନିରର୍ଥକ ତାକୁଇ ଚାହିଁଛି ।

'ଆ ସୁରମା, ମୁଁ ଆସୁଛି ଏଇନେ ।'

ମୁଁ ଚାହିଁ ଦେଖିଲି ଇନ୍ଦିରା ଉଠୁଛି । ବସିବାକୁ କହିପାରିଲି ନାହିଁ । କେଉଁଠିକି ଯାଉଛ, ପଚାରି ପାରିଲି ନାହିଁ, ସେ ଚାଲିଗଲା ।

ମୁଣ୍ଡ ଭିତରେ ଯେଉଁ ଯାଗାର କ୍ଳାନ୍ତି ଆଉ ଦୁର୍ବଳତା ମଣିଷକୁ ଅଚେତ ନିଦରେ ଶୋଇ ପକାଏ ସେଇ ଯାଗାଟା ଖୁବ୍ ଚଞ୍ଚଳ ଆଉ କ୍ରିୟାଶୀଳ ହୋଇଗଲା ପରି ଲାଗୁଥିଲା । ବାକୀ ଦେହଟା ସାରା ହାଲିଆ ହୋଇ ପଡ଼ିଛି ।

ସେଦିନ ରାତିରେ ମୁଁ ଶୋଇନାହିଁ । ନିଦ ହେଲାନାହିଁ । ଠିକ୍ ଇନ୍ଦିରା କଥା ଭାବୁ ନଥିଲି । କେବଳ ବେଳେ ବେଳେ ଇନ୍ଦିରା ଆସି ଠିଆ ହେଇଯାଏ । ମୁଁ ତାଙ୍କୁ ନଚାହିଁଲା ପରି ମନଟାକୁ ଫେରେଇ ନିଏ । କ'ଣ ଯେ ଗୁଡ଼ାଏ ଭାବୁଥିଲି ଠିକ୍ ନାହିଁ, ଖିଅ ନଥିଲା । ଅଡୁଆ ସୂତା ପରି ।

ଦିନେ ନୁହେଁ, ଅଧେ ନୁହେଁ, ତିନିଦିନ ଧରି ନିଦ କୁଆଡ଼େ ଉଡ଼ିଗଲା । ମନେ ହେଲା, ମୁଁ ପାଗଳ ହେଇଯିବି । କିନ୍ତୁ ଏ ଅବସାଦର କାରଣ କ'ଣ ? ଇନ୍ଦିରା ! ମୋତେ ହସ ମାଡ଼ିଯାଃ !

ପଳେଇଗଲି ସେଠୁ । ବିନୋଦ ଚିଠି ଦେଇଥିଲା । ମୁଁ ଲେଖିଥିଲି ଭଲ ଅଛି । କେତେଦିନ ପରେ ତା'ରି ଚିଠିରୁ ଖବର ପାଇଲି, ତା'ର ବାହାଘର ।

ଦୁହିଁଙ୍କ ପାଖକୁ ବିବାହ ଉପହାର ଦେଇ ପଠାଇଲି, ଅଲଗା ଅଲଗା । ଜବାବ୍ ଆସିଥିଲା ଏକା ସାଙ୍ଗରେ 'ଧନ୍ୟବାଦ !'

ସେ 'ଧନ୍ୟବାଦ'ଟା ଏବେ ବି ସାଇତି ରଖିଛି । ମୁଁ ତାର ନୂଆ ଅର୍ଥ କରେ—ଭଲ ପାଇବାଟା ସ୍ୱପ୍ନ ନୁହେ ସତ୍ୟ ।

ଛାୟାରେ ମାୟା

ଶ୍ରୀମତୀ ସାଧନା ମୋତେ ହଠାତ୍ ଖଣ୍ଡେ ତାର ପଠେଇଲେ—ଶୀଘ୍ର ଆସ, ମୋର ବଡ଼ ବିପଦ । ମୁଁ ଅସୁସ୍ଥ ଥିଲି । ସେ ଜାଣନ୍ତି । ତଥାପି ତାର କରିଛନ୍ତି । ବାଧ୍ୟ ହୋଇ ଗଲି ।

କିନ୍ତୁ ପହଞ୍ଚି ଦେଖିଲି ଦେହ ଓ ମନରେ ସେ ସମ୍ପୂର୍ଣ୍ଣ ସୁସ୍ଥ । ସେ କହିଲେ—ମୋର ଦେହ ଭଲ ନଥିବାରୁ ସେ ମୋତେ ତାଙ୍କ ପାଖରେ ରଖି ଉପଯୁକ୍ତ ଚିକିତ୍ସା ଯତ୍ନ କରିବାକୁ ଚାହାନ୍ତି । ମୁଁ ଭଲ ନହେବାଯାଏ ସେ ମୋତେ ଛାଡ଼ିବେ ନାହିଁ । ସତ କଥା କହି ଅନୁରୋଧ କରିଥିଲେ ମୁଁ ଆସି ନଥାନ୍ତି । ତେଣୁ ମିଥ୍ୟାର ଆଶ୍ରୟ ନେବାକୁ ପଡ଼ିଛି ।

ସାଧନାଙ୍କ ସହିତ ମୋର ଖୁବ୍ ବେଶୀ ନିକଟରେ ରହିବାର ସୁଯୋଗ ଘଟିଥିଲା । ଦୁଇ କିମ୍ବା ତିନଥର ଦେଖା ଯିବା ପୂର୍ବରୁ । କିନ୍ତୁ ଅଳ୍ପ ସମୟ ଭିତରେ ସେ ମୋତେ କିମିତି ଆପଣାର କରି ନେଇ ପାରିଥିଲେ । ଭାବିଥିଲି ହୁଏତ ସେଇଟା ତାଙ୍କର ଗୁଣ ।

ସେ ମୋତେ ଭଲ ପାଆନ୍ତି ଏକଥା ମୁଁ ଦମ୍ଭକରି କହିପାରିବି ନାହିଁ । କେବଳ ଥରେ ସେ ମୋତେ କଥାରେ କଥାରେ କହିଥିଲେ, 'ନିର୍ମଳବାବୁ, (ଏନ୍) 'ଅକ୍ଷରଟା ମୋତେ ଭାରି ଭଲ ଲାଗେ ।' ଏଇଟାକୁ ପ୍ରେମର ସୂଚନା ବୋଲି ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ ନଥିଲି ।

ସେତେବେଳେ ସେ ପଢୁଥିଲେ । ବର୍ତ୍ତମାନ ସରକାରୀ କର୍ମଚାରୀ । ଏବେ ବି କୁମାରୀ ଅଛନ୍ତି । ମୁଁ ମଧ୍ୟ ଅବିବାହିତ ଯୁବକ ଆମ୍ଭମାନଙ୍କ ଭିତରେ ଏତେଦୂର ସୌହାର୍ଦ୍ଦ୍ୟଟା ବାହାରକୁ ଅସୁନ୍ଦର ଦିଶିପାରେ ବୋଲି ମୋର ଭୟଟାକୁ ସେ ହସନ୍ତି । ସେ ହସରେ ନିର୍ଭୀକତା ଥାଏ । ସେଥିପାଇଁ ମୋର ତାଙ୍କ ଉପରେ ଭରସା ଥାଏ । ବୟସରେ ଜ୍ୟେଷ୍ଠ ହେଲେ ବି ମୁଁ ତାଙ୍କୁ ମାନେ ।

ଦିନ କେଇଟା ଭିତରେ ସତକୁ ସତ ମୁଁ ସ୍ୱାସ୍ଥ୍ୟର ପରିବର୍ତ୍ତନ ବେଶ ବୁଝିପାରିଲି । ସେ ଅଫିସରୁ ଫେରିଲେ ସନ୍ଧ୍ୟାବେଳେ ସାଙ୍ଗରେ ବୁଲିଯାଉଁ—ଅନେକ କଥା ପଡ଼େ । ରାତିରେ ସେ କାମ କରନ୍ତି । ଖାଇବାବେଳେ, ଆଉ ଖାଇ ସାରିବା ପରେ ଶୋଇବା ପୂର୍ବରୁ ପୁଣି ଆଲୋଚନା ଚାଲେ । ମନେହୁଏ, ଯେମିତି ନିତି ନୂଆ ନୂଆ କଥା । ସକାଳେ ନିତ୍ୟକର୍ମ ପରେ ଏକାଠି ବସି ଖବରକାଗଜ ପଢ଼ାଯାଏ । ରାଜନୈତିକ ଯୁକ୍ତି । ବଡ଼ ଶୁଖିଲା ଲାଗେ ମୋତେ ।

ଏତେ କଥାବାର୍ତ୍ତା ଭିତରେ ଦିନେହେଲେ ମୁଁ ସାମାନ୍ୟ ସନ୍ଧାନ ବି ପାଇ ନଥିଲି ଯେ ତାଙ୍କ ମନ ଭିତରେ କେଉଁଠି ଠାଏ ଆଘାତ ଅଛି । ସେ ଯେ କାହିଁକି ଆଜିଯାଏ ଅବିବାହିତା ଅଛନ୍ତି ମୁଁ ସେକଥା ପଚାରି ପାରେ ନାହିଁ ।

ଦିନେ ସେ ମୋତେ ପଚାରିଲେ—"ଆପଣ କେବେ ବିବାହ ହେଉଛନ୍ତି ?"

ମୁଁ କହିଲି—"କହିପାରୁ ନାହିଁ ।"

"ଆପଣ ବିବାହ ହୋଇ ପଡ଼ନ୍ତୁ, ଆପଣଙ୍କ ଦେହ ଠିକ୍ ହୋଇଯିବ ।" ସେ କହିଲେ । ମୋତେ ବଡ଼ ହସ ମାଡ଼ିଲା । ମୁଁ ଭାବି

ଜୋରରେ ହସିଲି । ସେ କିନ୍ତୁ ଗମ୍ଭୀର ହୋଇ କହିଲେ—"ଅଠା ନୁହେଁ, ଆପଣଙ୍କ ଯତ୍ନ ନେବା ଲୋକର ଅଭାବ ।"

"ଆପଣ ତ କାହାରି ବିନା ଯତ୍ନରେ ସୁସ୍ଥ ଅଛନ୍ତି !" ମୁଁ ପଚାରିଲି ।

"ମାଇପି ଲୋକଙ୍କର ଏମିତି ମାଉଁସ ଲାଗେ । ଦୁଃଖରେ ବି ତାଙ୍କର ଗଣ୍ଡି ବଢ଼େ ।"

ଏଇ କଥାରୁ କେମିତି ବୁଝନ୍ତି ଯେ; ସତ ସତ ତାଙ୍କ ଭିତରେ ଗୋଟେ ଦୁଃଖ ଥିଲା ବୋଲି ।

ସେ ଯେଉଁ ଘରେ ଶୁଅନ୍ତି ମୁଁ ତା' ପାଖ ଘରେ ଶୁଏ । ଦିନେ ରାତିରେ ମୋ ନିଦ ଭାଙ୍ଗିଗଲା । ସବୁଦିନେ ଅଉଜା ଥାଏ, ଦୈବାତ୍ କାହିଁକି ସେଦିନ ମୋ ଘରୁ ତାଙ୍କ ଘରକୁ ଯିବାର ଦୁଆରଟା ମୁକୁଳା ଥିଲାପରି ଲାଗିଲା । ତାଙ୍କ ଘର ଅନ୍ଧାର ଥିଲା । ମୋ ଘର ଲଣ୍ଠନଟା ଏତେ ମିଞ୍ଜି ମିଞ୍ଜି ଜଳୁଥିଲା ଯେ କେବଳ ଜଳୁଛି ବୋଲି ଲଣ୍ଠନର ଗୋଟାଏ କଣରୁ ଚାହିଁଲେ ବୁଝାପଡ଼ିବ ।

ମୁଁ ଦେଖିଲି, ସାଧନାଙ୍କ ଝରକା ପାଖରେ ଗୋଟାଏ ଛାୟା ମୂର୍ତ୍ତି । ମୋତେ ଭାରି ଡର ମାଡିଲା । ମନରେ ନାନା ସନ୍ଦେହ ବି ହେଲା । ମୁଁ ଯାଇଁ ଲଣ୍ଠନ ତେଜାଇ ଦେବି ଏ ସାହସ ବି ମୋର ନଥିଲା ।

ମର୍ତ୍ତିଟା କ୍ରମେ ହଲିଲା ପରି ମନେ ହେଲା । ନିଶ୍ୱାସ ମାରିଲା ପରି ଲାଗିଲା । ସେ ନିଶ୍ୱାସଟା ଯେମିତି ମୋ ଉପରେ ଆସି ବାଜିଲା । ମୁଁ ଚମକି ପଡ଼ିଲି । ଭାବିଲି ସେଟା ପବନ ।

ଧୀରେ ଧୀରେ ମୂର୍ତ୍ତି ଟୋଟିଏ ଟ୍ରଙ୍କ ପାଖକୁ ଗଲା । ମୂର୍ ଅସ୍ତ୍ରେ ଟ୍ରଙ୍କଟା ଯେମିତି ଅପେ ଖୋଲି ହେଇଗଲା । ତାପରେ ଟ୍ରଙ୍କଟା ପୁଣି ବନ୍ଦ ହେଇଗଲା । ମୂର୍ତ୍ତିଟା ପୁଣି ତାର ନିଜ ସ୍ଥାନକୁ ଚାଲିଗଲା ହାତରେ କ'ଣଟାଏ ଥିଲାପରି ଲାଗିଲା ।

ମୋର ଚୋର ଭୟ କମେ ଚାଲିଗଲା । ମନେ ହେଲା, ଗୋଟାଏ ଭୂତ କି କ'ଣ ! ସାଧନାଙ୍କ ବିଛଣା ପାଖରେ ଥିଲା ତେଣିକି ଚାହିଁ କିଛୁ ଜାଣି ପାରିଲି, ସେ ସେଠି ନିଶ୍ଚିନ୍ତରେ ଶୋଇଛନ୍ତି କି ନାହିଁ ।

ମୂର୍ତ୍ତିଟି ଧୀରେ ଧୀରେ ମୋ'ର ଘର ଦୁଆର ଅଡ଼କୁ ଆସିଲା । ଡରେ ମୋ ଆଖି ବନ୍ଦ ହେଇଗଲା । ଚାହିଁବାକୁ ଆଉ ସାହସ ହେଲା ନାହିଁ । କିଛୁକ୍ଷଣ ପରେ ମୋର ମନେ ହେଲା ମୋ ମୁହଁ ଉପରେ ଯେମିତି କାହାର ନିଶ୍ୱାସ ବାଜୁଛି,—ଭାରି ଗରମ । ମୁଁ ଚମକି ପଡ଼ିଲି । ନିଶ୍ୱାସଟା କୁଆଡ଼େ ଉଡ଼ିଗଲା ପରି ଜଣାହେଲା । କେତେ-ବେଳକେ ମୁଁ ଆଖି ଧୀରେ ଧୀରେ ଖୋଲିଲି । ଚାରିଆଡ଼କୁ ଚାହିଁ ଦେଖିଲି—ଆଉ କେଉଠି କିଛୁ ନାହିଁ ।

ମୁଁ ପୁଝାରୀକ ଡ଼ାକଲି । ସାଧନା ଉଠି ଆସିଲେ । ପଚାରିଲେ, କ'ଣ ? ଡର ମାଡୁଛି ?

ମୁଁ କହିଲି—'ନା' । ମିଛରେ ।

"ଆଉ କାହିଁକି ଡ଼ାକଲେ ପୁଝାରୀକ ?"

"କିଏ ଗୋଟାଏ ଏଇବାଟେ ଯିବା ଆସିବା କରୁଥିଲା ।" ଆଉ ଲୁଚାଇ ପାରିଲି ନାହିଁ ।

"କେତେବେଳେ ?"

"ଏଇ ଲାଗେ ।"

"ଯାଃ, ଆପଣ ବୋଧହୁଏ ସପନ ଦେଖି ଡରିଗଲେ ।" ସେ ହସି ହସି ଚାଲିଗଲେ ।

ସେ ଯେତେବେଳେ ଅଫିସକୁ ଯାଆନ୍ତି ନିତି ମୋତେ ପଚାରନ୍ତି—'ବାହାରକୁ ଯିବେ କି ?' ମୁଁ ହଁ କହିଲେ ସେ ତାଙ୍କ ଘରଟାରେ ଚାବି ଦେଇଯାନ୍ତି, ନଇଲେ ସେମିତି ମେଲା ପଡ଼ିଥାଏ ।

ସେଦିନ ମୁଁ ରହିବି ବୋଲି କହିଲି । ସେ ଚାଲିଗଲେ । ମୋର ଭାରି ମନ ହେଉଥାଏ ସେଇ ଟ୍ରଙ୍କଟାକୁ ଦେଖିବା ପାଇଁ ଯାଇଁ ଦେଖିଲି, ଟ୍ରଙ୍କଟା ଖୋଲା । ଭାବିଲି, ଟ୍ରଙ୍କତ ଖୋଲା ପଡ଼ିବାର ନୁହେଁ । ସବୁ ବାକ୍ସରେ ତ ଚାବି ପଡୁଛି । ଭଲ କରି ଦେଖି ବୁଝିଲି ଯେ କିଏ ଯେମିତି ଖୁବ୍ ତର ତରରେ ଚାବି ଦେଇ ଚାଲି ଯାଇଛି; କବଜଟା ତା ଘର ଭିତରେ ପଡ଼ି ନାହିଁ । ମୋର ଆହୁରି କୌତୁହଳ ହେଲା । ତାଙ୍କୁଣୀଟା ଉଠାଇଲି । ତା' ଭିତରେ କେତେଖଣ୍ଡ ବହିପତ୍ର, ରୁମାଲ, ବଡ଼ ନିମନ୍ତ୍ରଣ କାର୍ଡ, ଖଣ୍ଡେ ଫଟ ଆଉ ଖଣ୍ଡେ ଡାଇରି । ଫଟ ଖଣ୍ଡିକ ମୁଁ ଚିହ୍ନି ପାରିଲି ନାହିଁ— ପୁରୁଷର ଫଟ । ଫଟଟା ସବା ଉପରେ ଥିଲା । ମନେ ହେଲା କିଏ ଯେମିତି ତରତରରେ ପକେଇ ଦେଇ ଯାଇଛି । ସନ୍ଦେହ ହେଲା କାଲି ସେ ଛାୟାମୂର୍ତ୍ତି କ'ଣ ଏଇ ଫଟ ନେବାକୁ ଆସିଥିଲା କି ଆଉ !

ତାପରେ ଡାଇରି ଖଣ୍ଡ କାଢିଲି । ସାଧନାଙ୍କ ଡାଇରି । କାଲି ତାରିକର ପୃଷ୍ଠାଟା ବାହାରି ପଡ଼ିଲା । ଅନ୍ୟାୟ କରୁଛି ବୋଲି ଜାଣି ବି ନ ପଢି ରହି ପାରିଲି ନାହିଁ । ସେଥିରେ ସେଦିନ ଲେଖା ହୋଇଛି—

ଆଜ ବି ଡାକିଲି । ଯେତେବେଳେ ସେ ଅସି ଡାକନ୍ତି ତାର ପାଞ୍ଚ ମିନଟ ଭିତରରେ ନିଦ ଭାଙ୍ଗିଯାଏ । ମୁଁ ଉଠି ପଡ଼ି ଝରକା ପାଖକୁ ଗଲି । କେହ ନାହିଁ—ଆଜ ବି କେହ ନାହିଁ । ବର୍ଷେ ଚାରି ମାସ ଭିତରେ ହେଲା ଆଜକୁ—ସେ ଏଇଠି ଶେଷ ଦେଖା ଯାଇ-ଥିଲେ । ଆଜ ବି ଫଟୋଟା ନେଇ ମୋହନଙ୍କ ପାଖକୁ ଗଲି । ପୁଣି ଥରେ ନିରେଖି ଦେଖିଲି । କାହିଁ, କିଛିତ ମିଳିଲା ନାହିଁ । ସେ ନାକ ସେ ଆଖି, ସତେ କ'ଣ ସେମିତିକା ଥିବ ? କିନ୍ତୁ ତଥାପି ମୋହନ ମୋତେ ଅନେକଟା ତାଙ୍କପରି ଦିଶନ୍ତି । ମୋହନଙ୍କ ସହିତ କଥା କହିଲା ବେଳେ ମୋର ମନେ ହୁଏ ମୁଁ ତାଙ୍କ ସାଙ୍ଗରେ କଥା କହୁଛି ।'

ପାଗଳା

ତମେ ପାଗଳ ଅନେକ ଦେଖିଥିବ । ଅନେକ ପାଗଳାଙ୍କ କଥା ଶୁଣିଥିବ । କିନ୍ତୁ ମୁଁ ଯେଉଁ ପାଗଳା କଥା କହିବ ସେମିତି ପାଗଳ କେବେ କେଉଁଠି ଦେଖି ନଥିବ କି ସେମିତି ପାଗଳା କଥା କାହାରି ପାଖରୁ ଶୁଣି ନଥିବ ।

ଦେଖିଲେ ପାଗଳ ବୋଲି କେହି କହିବ ନାହିଁ, କିନ୍ତୁ ସେ ପାଗଳ । ମୁଁ ଜାଣେ ସେ ପାଗଳ । କାହାରିକି କିଛି କହେ ନା— ଡାଁ କି ଚୁଁ କିଛି ନା । ସଂସାରରେ ଥାଇ ବି ସଂସାରରୁ ବାହାର । ଦୁନିଆରେ ଥାଇ ବି ନଥିଲା ପରି । ଖାଏ ପିଏ ଶୁଏ ବୁଲେ ଭଲ ମଣିଷ ପରି । ତଥାପି ପାଗଳ—ବଦ୍ଧ ପାଗଳ ।

ଘର ଅଛି ଦୁଆର ଅଛି—ସବୁ ଅଛି । ଅଥଚ କାହାରି ଉପରେ ମମତା ନାହିଁ । ପାଗଳ ଛଡ଼ା ଆଉ କ'ଣ ହେଇପାରେ ।

ତଥାପି ତାର ହୃଦୟ ଥିଲା । ସେଠି ଦରଜ ଥିଲା—ଆମଠୁ ବେଶୀ ଆଘାତ ଲାଗୁଥିଲା ସେଠି । ଆମରି ପରି ସେ ହସେ, କାନ୍ଦେ, ଦାହକୁ ସୁଖ ଦୁଃଖ ସବୁ ଜାଏ । ଦୁଃଖରେ କଷ୍ଟରେ ସେ କଲିଜାଟାକୁ ଟାଣି ଓଟାରି ଛିଡ଼େଇ ଫିଙ୍ଗିଦେବାକୁ ମନ କରେ । ଛାତିଟାକୁ ଜାବୁଡ଼ି ଧରେ । ଛାତିର ସେଇ ଚମଡ଼ା ତଳେ—ଅସ୍ଥିର ତଳେ— ଓଃ କି କଷ୍ଟ ସେ ! ମୁହଁ ତାର ବିକୃତ ହେଇଯାଏ ଯନ୍ତ୍ରଣାରେ ।

କିନ୍ତୁ ଉପଶମ ହୁଏନାହିଁ । ସେ ନିଜ ଛାତି ଉପରେ ନିଜେ ପ୍ରହାର କରେ । ବାଉଳି ପିଟି ହୁଏ । ପାଗଳ ନୁହେଁ ତ ଆଉ କ'ଣ !

ଆକାଶର ଗୋଟାଏ ଦିଗକୁ ଚାହିଁ ରହିଯାଏ । ଆଖି ବାହାରି ପଡେ । ଡୋଳା ସ୍ଥିର ହୋଇ ଆସେ । ଜଳ ଉଠେ—ଯେମିତି ନିଆଁ ବାହାରୁଛି । ଦନ୍ତ ଥରେ । ଦାନ୍ତ ପାଟି ବିଲି ହୋଇଯାଏ । ତତଲା ଲୁହ ଟପ ଟପ ଗଡ଼ି ପଡେ ଆଖିରୁ । ସେ କାନ୍ଦେ । ହଁ, ସେ କାନ୍ଦେ । ଓଃ ଭାରି କଷ୍ଟ, ବଡ ଦୁଃଖୀ, ବଡ ଯନ୍ତ୍ରଣା । ପାଗଳ ହେବାଠାରୁ ଅଧିକ ବେଶୀ ଯନ୍ତ୍ରଣା । ସେ କଥା କେହି ଜାଣୁ ନଜାଣୁ ମୁଁ ଜାଣେ ।

ଜାଣିଚ ? ସେ ପାଗଳାଟା ବି ଭଲ ପାଇ ଶିଖିଥିଲା । ଭଲ ପାଉଥିବା ଲୋକପର ହୃଦୟରେ ସେ ଅସ୍ୱସ୍ତି ଅନୁଭବ କରୁଥିଲା । ତଥାପି ସେ ଭଲ ପାଇବାକୁ ଯାଏ । ସେହି ଅସ୍ୱସ୍ତି କିଣି ଆଣିବା-ପାଇଁ ଭଲ ପାଇବାକୁ ଯାଏ । ପାଗଳ ନୁହେଁ ତ ଆଉ କ'ଣ !

ହଁ ଭଲ ପାଇବାଟା ଗୋଟେ ପାଗଳାମି । ଗୋଟେ ରୋଗ । ଭଲ ପାଇବାର ଦୁନିଆଟା ଗୋଟେ ପାଗଳା ଗାରଦ । ସେଠି ସମସ୍ତେ ପାଗଳ । ସେଥିପାଇଁ କେହି ଜାଣିପାରନ୍ତି ନାହିଁ, କେହି ବୁଝିପାରନ୍ତି ନାହିଁ ଯେ ସେମାନେ ନିଜେ ପାଗଳ । କିନ୍ତୁ ସମସ୍ତଙ୍କଠୁ ଏ ଥିଲା ବେଶୀ ପାଗଳ । ବଡ଼ ପାଗଳ ।

ଜୀବନଠାରୁ ବଡ଼ ହୃଦୟକୁ ନେଇ ସେ 'ଜଣକ'ର ପାଦ-ତଳେ ସଅଁପି ଦେଲା । ହୃଦୟକୁ ଉପେକ୍ଷା କରି ଜୀବନ ସାଙ୍ଗରେ ଜୁଆ ଖେଳିଲା । ଫଳରେ ହେଲା କ'ଣ ?

ନିଜେ ଧରା ଦେବାକୁ ପାଇଁ ସେ 'ତାଙ୍କୁ' ଦୂରେଇ ଦେଲା। ବଡ଼େଇ ବଡ଼େଇ ଭଲ ପାଇବାକୁ ଯାଇଁ ସେ ଭଲ ପାଇବା ପାଇ ପାରିଲା ନାହିଁ। ତଥାପି ସେ ଆଶା ଛାଡ଼ ନଥିଲା। ପାଗଳ ନୁହେଁ ତ କ'ଣ ?

ସେ ତାଙ୍କୁ ପୂଜା କଲା। ତାର ଫଟୋ ଆଣି ଆପଣା ଘରେ ଥାପନା କଲା। ତା'ରି ପାଖରେ ଯାଇ ନିଜର ଦୁଃଖ ଜଣାଏ। ସେଇ ଫଟୋକୁ ଚାହିଁ କାନ୍ଦେ। ଉପର ମଝୁ ଉପରେ ଆଖିର ଲୁହ ଢାଳେ। ପାଗଳ ନୁହେଁ ତ ଆଉ କ'ଣ!

ସବୁଥିର ସୀମା ଅଛି। କିନ୍ତୁ ମଣିଷ ଯେତେବେଳେ ତାର ସୀମାକୁ ଲଙ୍ଘନ କରି ଚାଲିଯାଏ ସେତେବେଳେ ସେ ଆଉ ତାର ପୂର୍ବ ଅବସ୍ଥାରେ ରହିପାରେ ନାହିଁ। ସେଦିନ କିନ୍ତୁ ସେ ପାଗଳ ସତକୁ ସତ ପାଗଳାମିର ସୀମା ଲଙ୍ଘନ କରିଗଲା।

ବେମାର ପଡ଼ିଥାଏ। ବହୁତ ବାର ଡ଼ାକିଲା, ତାଙ୍କୁ ଥରୁଟିଏ ଦେଖିବା ପାଇଁ। ଭାବୁଥିଲା, ତାଙ୍କୁ ଥରେ ଦେଖିଲେ ତାର ସବୁ ରୋଗ ଆରାମ ହୋଇଯିବ। ସେ ସୁସ୍ଥ ହୋଇ ଉଠିବ। କିନ୍ତୁ ସେ ଆସେ ନାହିଁ। ଯେତେ ବ୍ୟାକୁଳ ହୋଇ ଡ଼ାକ ପଠାଏ ସେ ଶୁଣେ ନାହିଁ। ହୃଦ ତରଳେ ନାହିଁ।

ବହୁଦିନ ପରେ ସେ ଆସିଲା। ପାଗଳ ଏକୁଟିଆ ପଡ଼ିଥାଏ। କେହି ଶୁଶ୍ରୂଷା କରିବାକୁ ନାହିଁ। ପାଗଳ ତାଙ୍କୁ ଦେଖି ହସିଲା ନାହିଁ ଆଜି। କାନ୍ଦିଲା ବି ନାହିଁ ଆଜି। ଠଣା ଉପରେ ଗୋଟିଏ ବୋତଲରେ ଔଷଧ ଥିଲା ! ପାଗଳ ଠାରିଲା ଦେବାପାଇଁ। 'ସେ' ମନା କରିପାରିଲା ନାହିଁ।

ପାଗଳ ଆଁ କଲା । 'ସେ' ଔଷଧ ଢାଳିଦେଲା । ପାଗଳ ଅଗି ଭୁକ୍ ଔଷଧ ଖାଇଦେଲା । ମୁହଁ ବକ୍ରୁତ ହେଇଗଲା । 'ଆଃ' ବୋଲି କରୁଣ ଚହ୍ଲାର ଛାଉଣ୍ଡ ଗ୍ଭହିଁଲା 'ତା' ମୁହଁକୁ । ସେଠି ସେ କ'ଣ କରୁଣାର ରେଖା ଦେଖିଥିଲା ? କିଜାଣି !

ତାପରେ ସବୁ ଶେଷ । ରୋଗ ଶେଷ, ଯନ୍ତ୍ରଣା ଶେଷ, ଔଷଧ ଶେଷ ଆଉ ବୋଧହୁଏ ଭଲ ପାଇବାର ବି ଶେଷ ।

ଡାକ୍ତର କହିଲେ, ସେ ବିଷ ଖାଇ ଦେଇଛି । ଆତ୍ମହତ୍ୟା କରିଛି ।

କିନ୍ତୁ ସେ କ'ଣ ନିଜ ହାତରେ ନିଜକୁ ବିଷ ଖୋଇଛି !

ନା-ନା-ନା-ନା-!

ସେ ଯେ ପାଗଳ ! ପାଗଳ ନିଜକୁ ହତ୍ୟା କରିପାରେ ନା !

କିନ୍ତୁ ପ୍ରକୃତରେ ସେ ପାଗଳାମିର ସୀମା ଲଙ୍ଘନ କରି ଯାଇ-ଥିଲା । ସେ ଆଉ ପାଗଳ ନଥିଲା । ମୁଁ ତାର ଶବକୁ ଯାଇ ଦେଖିଲି । ବାସ୍ତବିକ୍ ଆଉ ତାର ପାଗଳାମି ନାହିଁ । କିଏ କହିଲା ସେ ପାଗଳ ବୋଲି !

କଲ୍‌ପନା

କଳ୍ପନାଟା ସବୁଦିନେ, ସବୁ ଅବସ୍ଥାରେ, ସମସ୍ତଙ୍କ ପାଇଁ ବଡ଼ ମଧୁର । ବାସ୍ତବତାରେ ଆନନ୍ଦ ଥାଇ ପାରେ । ନଥାଏ ବୋଲି କହୁନାହିଁ । କିନ୍ତୁ କଳ୍ପନାର ଆନନ୍ଦଟା ବଡ଼ ସୂକ୍ଷ୍ମ । ବାସ୍ତବତାରେ ମୁହଁ ବାନ୍ଧି ହୋଇଯାଏ ବେଳେ ବେଳେ କିନ୍ତୁ କଳ୍ପନା ସବୁବେଳେ ନୂଆ—ସବୁବେଳେ ସୁନ୍ଦର ।

ଦୁହେଁ ଦୁହିଁଙ୍କି କଳ୍ପନାରେ ଦେଖନ୍ତି—ପୁଅଟିଏ—ଝିଅଟିଏ ବାଳକଟିଏ—ବାଳିକାଟିଏ—ନାଁ ଯୁବକଟିଏ—ଯୁବତୀଟିଏ ।

ସେତିକିରେ ତାଙ୍କର ସୁଖ । ସେତିକିରେ ତାଙ୍କର ଆନନ୍ଦ । ଶଠି ଯାଏ ଶଠି ଆସେ । ଇଚ୍ଛା ହୁଏ ଆହୁରି କିଛି ସୂକ୍ଷ୍ମ କ୍ଷଣମଧ୍ୟ ହୋଇ ପାରନ୍ତା କି । ଯେଉଁଥିରେ ବାସ୍ତବର ଗନ୍ଧ ନଥାନ୍ତା । ଶଠି ଭଲ କାଗଜ କଲମ କାଳିର ଅବସ୍ଥିତିକି ଅତିକ୍ରମ କରି ଆଉ ଗୋଟାଏ ନୂଆ କୌଣସି ପ୍ରକାରର ଆଦାନ ପ୍ରଦାନର ଉପାୟ ଥାଆନ୍ତା କି ! ହୁଏତ ଦୁହେଁଯାକ ଦୁଇ ଦୂର ଉଚ୍ଚ ସ୍ଥାନରେ ରହି ଗୀତ ଗାଆନ୍ତେ । ସେ ଗୀତର ଲହରୀ ଆକାଶରେ ଭାସି ଆସନ୍ତା । ତାର ରୂପ ନଥାନ୍ତା । ସେ ଗୋଟାଏ ସ୍ୱର । ଗୋଟାଏ ମୂର୍ଚ୍ଛନା । ସେଇ କହନ୍ତା ପରସ୍ପରର ଅନ୍ତରର ଭାଷା । ହୁଏତ ସେ ବି ପାରନ୍ତା ନାହିଁ । ସେ ସ୍ୱରକୁ ବାଟରେ ଆଉ କେହି ଯଦି ଆପଣା ଯନ୍ତ୍ରରେ ଧରିରଖି ଶୁଣେ ! ସେ ଭାବି ପାରନ୍ତି ନାହିଁ କେଉଁ ସୂକ୍ଷ୍ମତମ ପୃଷ୍ଠ-ଭୂମି ଉପରେ ଦୁହିଙ୍କର ଭାବ ଫୁଟିବ !

ପରସ୍ପରର ବ୍ୟବଧାନ ଶହ ଶହ ମାଇଲ୍ ।

ପତ୍ରିକାର ମଧ୍ୟସ୍ଥତାରେ ହୋଇଥିଲା ପ୍ରଥମ ପରିଚୟ । ଦୁହେଁ ଦୁହିଁଙ୍କ ଲେଖାକୁ ପସନ୍ଦ କରନ୍ତି । ଦୁହେଁ ଦୁହିଁଙ୍କ ଲେଖାକୁ ଭଲ ପାଉଥିଲେ ।

ଯୁବକ ବସି ଯୁବତୀର ରୂପ ଆଙ୍କେ—ମନେ ମନେ । କବିତାର ଯତି ଭଳି ତାର ଭଙ୍ଗୀ, ଛନ୍ଦ ଭଳି ତାର ରୂପ, ଭାବ ଭଳି ତାର ହସ, ଭାଷା ଭଳି ତାର ସରଳତା ।

ଯୁବତୀ ବସି ଯୁବକର କଳ୍ପନା କରେ । ଗଳ୍ପ ଭଳି କ୍ଷିପ୍ର ଓ ବଳିଷ୍ଠ । କଥାବସ୍ତୁ ଭଳି ମନୋରଞ୍ଜକ ରୂପ । ପରିଚ୍ଛେଦ ପରି ତାର ଭଙ୍ଗୀ । ପ୍ରଶ୍ନ ଭଳି ତାର ହସ । ଉତ୍ତର ଭଳି ତାର ଗୁହାରୀ । ସମସ୍ୟା ଭଳି ତାର କଥା । ଭଲ ପାଇବାରେ ହିଁ ତାର ପରିଣତି । ଅପ୍ରତ୍ୟାଶିତ ପରିଣାମହିଁ ତାର ପ୍ରେମ ।

ଯୁବକ ଲେଖେ ଗଳ୍ପ । ଯୁବତୀ ଲେଖେ କବିତା । ପୁଣି ଯୁବତୀ ଗଳ୍ପ ଲେଖି ଆରମ୍ଭ କରେ ଯୁବକ-କବିତା । ଯୁବତୀର ଗଳ୍ପ ଯୁବକର କବିତାକୁ ଆଶ୍ରୟ କରି ଗଢି ଉଠେ । ଆଉ ଯୁବକର କବିତା ଯୁବତୀର ଗଳ୍ପ ଆଧାରର ଅସ୍ପଦରେ ସ୍ୱଚ୍ଛନ୍ଦ ଗତି କରେ

ପରସ୍ପର ହୃଦୟର କଥା ମିଳେ ପରସ୍ପରର ଆଲେଖ୍ୟରୁ । ଚିଠି-ଗୁଡାକ ମାମୁଲି । ସେଥିରେ କବିତ୍ୱ ନଥାଏ ଭାବ ପ୍ରବଣତାର ପରିଚୟ ଦେବାପାଇଁ । ଗଳ୍ପର କଳ୍ପନା ନଥାଏ ଅବାସ୍ତବତାର ଜୟଗୀତ ଗାଇବା ପାଇଁ ।

ଚିଠିଗୁଡାକ ଖୋଲା । ନିତାନ୍ତ ମାମୁଲି । ପାଣି ପବନ ଦେହପା ଢେନ । ତଥାପି ସେଇ କର୍ଷିତ କେଦାର ଭିତରେ ପ୍ରେମ ବୀଜ ବୁଣି ହୋଇଥାଏ । ପ୍ରଥମେ ପ୍ରଥମେ ବୁଝିଁ ହେଉ ନଥିଲା । କିନ୍ତୁ

ଯେତେବେଳେ ଅଙ୍କୁର ଉଦ୍‌ଗମ ହୋଇ ପତ୍ର ପୁଷ୍ପରେ ଶୋଭା ପାଇବାକୁ ଆରମ୍ଭ କଲା, ସେତେବେଳେ ସେଠା ନ୍ୟାୟ ହେଉ ଅନ୍ୟାୟ ହେଉ, ତାର ମାୟା ଆଉ ଛାଡ ହେଲା ନାହିଁ ।

ଦିନ ଯାଏ । ଦିନ ଯାଉଥାଏ । ଭିତରର ଆଗ୍ରହ କ୍ରମେ କ୍ରମେ କଳ୍ପନାର ଚକ୍ରକୁ ଭାଙ୍ଗି ପକାଇବାକୁ ବସିଲା । ରକ୍ତ ମାଂସରେ ଗଢ଼ା ଏ ଦେହର ଡାକ ଦୁହିଙ୍କୁ ଅସ୍ଥିର କରି ପକାଇଲା । ଦୁହିଙ୍କର ପ୍ରବଳ ଇଚ୍ଛା ହେଲା ଦୁହିଙ୍କି ଥିରେ ଦେଖିବେ ।

ଯୁବକ ଫଟୋ ମାଗେ । ଯୁବତୀ କହେ—'ନା' ମୋର ଫଟୋ ନାହିଁ ।' ଭାବେ ଫଟୋ ଦେଖି ନଥିଲେ ପ୍ରଥମ ଭେଟଟା କେଡ଼େ ରୋମାଞ୍ଚକର ହେବ ସତେ !

ଯୁବତୀ ଫଟୋ ମାଗେ । ଯୁବକ କହେ—ମୁଁ ଫଟୋ ଚୋଲେ ନାହିଁ । ଫଟୋ ବଡ ମିଥ୍ୟାବାଦୀ ।' ଭାବେ, ମୋ ବଦଳରେ ମୋ ଫଟୋକୁ ଭଲ ପାଇବା—ମୁଁ ତା ସହ୍ୟ କରିପାରିବି ନାହିଁ ।

ଯୁବତୀ ଗୁହାଁ ବସେ—କେବେ ଦେଖା ହେବ !

ଯୁବକ ଭାବି ବସେ—ମିଳନ ରାତି କେବେ ଆସିବ ।

ଯୁବତୀ ଭାବେ—ବନ୍ଧୁ ତମେ ବଡ଼ ନିଷ୍ଠୁର ! ଥରେ ଦେଖା ଦିଅ !

ଯୁବକ ଲେଖେ—ଅନ୍ତରର ଆକୁଳ ଆହ୍ୱାନ ଥିଲେ ଦେବତା ମଧ୍ୟ ସ୍ୱର୍ଗରୁ ଓହ୍ଲାଇ ଆସନ୍ତି ।

ଯୁବତୀ ସନ୍ଦେହ କରେ—ତା' ହୃଦୟ କ'ଣ ଅବିଶ୍ୱସ୍ତ ? ତାର ଆହ୍ୱାନ କ'ଣ ଅନ୍ତରର ନୁହେଁ ?

ଯୁବକ ବିଚାର କରେ—ଏହି ବ୍ୟବଧାନଟା କ'ଣ ଅନତିକ୍ରମଣୀୟ !

ଯୁବତୀ କ ଲେଖେ—ମୁଁ ଯିବ, ମୁଁ ଯିବ ! ଯୁବତୀ ପୁଛୁଥାଏ—କାହିଁ ?

ଯୁବତୀ ଶୁଣି ପାରୁଲା—ମୁଁ ଅସିଛୁ । ସତ ସତ ମୁଁ ଅସିଛୁ । କାଲି ସକାଳ ଅଠଟାରେ ମୁଁ ତମ ଦ୍ୱାରରେ ଭିକାରୀ ହେବି ।

ସତେ ସତେ ! ଯୁବତୀ ବିଶ୍ୱାସ କରିପାରୁ ନଥିଲା ।

ତହିଁ ଆରଦିନ । ସେଦିନ ବି ସବୁଦିନ ପରି ରାତି ପାହିଥିଲା । ଯୁବତୀ ଦେଖିଲା, ରାତି ପାହୁଛି । ସେ ଅନିଦ୍ରା ନୟନକୁ କାକର ପାଣିରେ ଧୋଇ ଅବଶ ଅଙ୍ଗକୁ ଝର ଜଳରେ ମାଜୁଥିଲା । ସୂର୍ଯ୍ୟ ଉଠି ଅସିଲେ । ପ୍ରେମ ମୂଳରେ ଆଲୋକର ମିଠା ହସ ।

ଯୁବତୀର ସଜ ସରୁ ନଥିଲା । ନିରାଡମ୍ବର—ନିରାଭରଣ—ସରଳ କବିତାର ପଙ୍‌କ୍ତି ପରି । ତଥାପି ସରୁ ନଥିଲା । ପଦ ପଡ଼ୁ ନଥିଲା । ଅମିତ୍ରାକ୍ଷରରେ ଛନ୍ଦ ଯତି ବିଗିଡ଼ି ଯାଉଥିଲା । ଶବ୍ଦଗୁଡ଼ିକ ପଦ ହେବାମାତ୍ରେ କମିତ ନିଜର ସ୍ଥାନ ନିର୍ଣ୍ଣୟ କରିପାରୁ ନଥାନ୍ତି ।

ସାଢ଼େଆଠ ବାଜିଗଲା । ଯୁବତୀ ବାରମ୍ବାର ବାହାରକୁ ଆସେ । ପୁଣି ଘର ଭିତରକୁ ଯାଏ । ଚଉକୀଟାକୁ ବାରମ୍ବାର ସିଧା କରୁଥାଏ । ଟେବୁଲ୍ କ୍ଲଥଟାକୁ ଘନଘନ ଝାଡ଼ି ଦେଉଥାଏ । ପୁଣି ଗବାକ୍ଷ ପଥରେ ଗୁହେଁ—ସଚକିତ ନୟନଂ । କାହିଁ କେହି ଅସିଲେ ନାହିଁ—ପଶ୍ୟନ୍ତି ତବ ପନ୍ଥାନମ୍ ।

ବାଟ ପାଖରେ ଭିକାରୀଟିଏ । କେତେବେଳୁ ଠିଆ ହେଲାଣି । ଯୁବତୀ ମନେ ମନେ ଅଦ୍ଧା କରି ଭିକାରୀକୁ ପଚାରେ—ଭିକାରୀ, ଦେଖିଛୁ ସେ ଭିକାରୀ କି ?

ତା’ର ମନ ଭିକାରୀ ହୋଇ ତାକୁ ଉତ୍ତର ଦିଏ—କାହିଁ ଭିକାରୀ !

‘ସେଇ ମ ସେଇ ଭିକାରୀ—ଯେ ପ୍ରେମ ଭିକ ମାଗି ଆସେ ।’ ଆପଣା ଭିତରରେ ସେ ହସି ଉଠେ । ମନେହୁଏ ସେ ଆନନ୍ଦ ତା ପ୍ରେମ ଭିକାରୀର ପାଦତଳେ ଝରା ପୁଷ୍ପଭଳି ଲୁଚ୍ଛୁଡ ହୋଇ ପଡ଼ୁଛି ସତେ କି !

ଆଠଟା ବାଜିଗଲା । କେହୁ ନାହିଁ । ଯୁବତୀର ପ୍ରାଣ ଶୁଷ୍କ ହୋଇ ଉଠିଲା । ‘ଭିକାରୀଟା ସେତେବେଳ ଯାଏଁ ବି ଠିଆ ହୋଇଛି ।’ ତାର ଭାରି ରାଗ ହେଲା । ଭିକାରୀଟାକୁ ମାରି ତଡ଼ି ଦିଅନ୍ତା ।

ନଅଟା ବାଜିଲା । କାହିଁ ? ଯୁବତୀର ପ୍ରାଣ କାନ୍ଦି ଉଠୁଥିଲା—କୁରରୀ ପ୍ରାୟେ ।

ହଠାତ୍ ଜଣେ ଭଦ୍ର ଲୋକ ଆସି ଭିକାରୀ ପାଖରେ ଠିଆ ହେଲା । ଯୁବତୀ ଦଉଡ଼ି ଗଲା ଦାଣ୍ଡ ଦୁଆରକୁ । କିନ୍ତୁ ଏ କିଏ ? ଏହି କ’ଣ ତାର ପ୍ରେମ ଭିକାରୀ । ଯାହାର ହାତରେ କ’ଣ ସେ ତାର ହୃଦୟକୁ ସମର୍ପଣ କରି ଦେବ ! ନା—ନା—ଏ ନୁହନ୍ତି—ଏ କଦାପି ହୋଇ ନ ପାରନ୍ତି ।

ଜଣେ କୃଷ୍ଣକାୟ ମନୁଷ୍ୟ । ରୁଗ୍ଣ । ଅସ୍ୱାଭାବିକ ଲମ୍ବ । ପରିଧାନ ମଳିନ ନିଷ୍ପ୍ରଭ । ଭିକାରୀକୁ ପଚାରିଲା—ଏଇଟା କ’ଣ—?

ଯୁବତୀ ଦଉଡିଗଲା—ହଁ ଏଇଟା ମୋ ଘର । କ’ଣ ଅରୂପ ବାବୁ ପଠେଇଛନ୍ତି ? ଆସି ପାରିଲେ ନାହିଁ ସେ ? କ’ଣ ହେଲା ତାଙ୍କର ? କୌଣସି ବିପଦ ହୋଇ ନାହିଁ ତ ?

ଯୁବକ ହତବାକ୍ୟ ହତଭମ୍ବ ହୋଇ ଠିଆ ହୋଇଗଲା । ତା ପରେ ଗୋଟାଏ ନିଶ୍ୱାସ ନେଇ କହିଲା—ହଁ, ମୁଁ ଅରୂପବାବୁଙ୍କ ପାଖରୁ ଆସୁଛି । ବଡ଼ ଦୁଃଖର କଥା, ସେ କାଲି ମାରି ପଡ଼ିଗଲେ ।

"ଏଁ—ମରିଗଲେ ।" ଯୁବତୀ କଥା କହିପାରୁ ନଥିଲା ।

ଭଦ୍ରଲୋକ କହିଲେ—ମଲାବେଳକୁ ସେ କେବଳ ଆପଣଙ୍କ କଥାଇ କହୁଥିଲେ । କହିଲେ କହିଦେବ, ମୋର ଶେଷ କଥା— କଳ୍ପନା କଳ୍ପନାରେହିଁ ରହିଯିବା ଭଲ । ବାସ୍ତବ ଜଗତକୁ ଟାଣି ଆଣି ତାର ଅସମ୍ମାନ କରିବ ନାହିଁ ।"

ଯୁବତୀ କାନ୍ଦୁଥିଲା । ଯୁବକ ନମସ୍କାର କରି ଧୀରେ ଧୀରେ ଚାଲିଗଲା ।

ଯୁବତୀ ସଜଳ ନେତ୍ରରେ ପଚାରିଲା—ଆପଣ—ଆପଣ—

ଯୁବକ ଉତ୍ତର ଦେଲା—ମୁଁ ଅରୂପର ମିତ—ମୋ ନା ଅରୂପ ।

ଯୁବତୀ କିଛି କହିବା ପୂର୍ବରୁ ଯୁବକ ଚାଲି ଯାଇଥିଲା ।

ଭିକାରୁଣୀ ତାର ଛିଣ୍ଡା ମୁଣ୍ଡି ଭିତରୁ କାଢି, କଳା ବଲ ବଲ ଫନ୍ଦ ଭଙ୍ଗା ପୁଟା ସିଲଭର ଡେକଚିରେ ମୁଠି ଦିଟା ପକେଇ ପାଟିକୁ ପକାଉଥାଏ । ହାତରେ ଟଣ୍ଡିଆ ନାଲି ଲଙ୍କା ଖଣ୍ଡେ ।

ଭୁଲ

ସେଦିନ ଶୁଣିଥିଲି ଗୋଟିଏ ଗୀତ ପଦଟା ରାଗ । ଭୁଲି ଗଲିଣି । ଆଜି ଗୀତଟା ମୋର ଫାଟିଛି ସିନା—ସେ ଦିନର ରାଗ ଆଉ ମନେ ପଡୁନାହିଁ । ଗୁଣୁଗୁଣୁ ହୋଇ ଉଠେ । ପୁଣି ବେସୁରିଆ ହୋଇଯାଏ । ତାଳ ବେତାଳରେ ପଡ଼େ । କିଏ କେଉଁଠି ଗୀତ ଗାଇଲେ ମୁଁ ଶୁଣେ । କାଳେ ତା'ର ଭିତରୁ ଖିଅଟା ମିଳିଯିବ । ମିଳେ ନା ।

ଅନେକ ଦିନ ତଳେ । କୌଣସି ରମଣୀର ସମ୍ପର୍କରେ ଆସିବା ସେଇ ମୋର ପ୍ରଥମ । ଅଞ୍ଜନା ଏ ପ୍ରଦେଶର ଝିଅ ନୁହେଁ । ପରିଚୟ ହେଲା । ଇଂରାଜୀରେ କଥାବାର୍ତ୍ତା କରୁ । ଚିଠି ପତ୍ର ଇଂରାଜୀରେ । ଆମ ଦୁହିଁଙ୍କର ଆଳାପ ଭିତରେ ଥିଲା ଦୁଇଜଣଙ୍କର ଦୁଇଜଣଙ୍କୁ ଚିହ୍ନିବାର ମୋହ । ନା—ନା—ପରସ୍ପରକୁ ପରସ୍ପର ଉପରେ କଷିନେଇ ନିଜ ନିଜକୁ ଚିହ୍ନିବାର ପ୍ରୟାସ ।

ଆଦର୍ଶଟା କି ଜିନିଷ ? ଅଙ୍ଗେ ନିଭେଇବା ଭଳି ସତକୁ ଛାଡ଼ି ଯେତେ ଦୂରକୁ ଦଉଡ଼େ ମଣିଷ ସେତିକି ଆଦର୍ଶବାଦୀ ଟିଏ ହୁଏ । ଆଦର୍ଶ ପଛରେ ଧାଇଁବାବେଳେ ମଣିଷର ଗୋଟେ ଜୀବନ ମୃତ୍ୟୁର ପିଆସା ଥାଏ—କୁହୁଡ଼ିରେ ପହଁରିବାକୁ ଯାଇ ହାତଗୋଡ଼ ଭାଙ୍ଗି ପକାଇବା ପାଇଁ ।

ସ୍ତ୍ରୀ ସହିତ ପୁରୁଷର କି ସମ୍ପର୍କ ? ମୁଁ ଭୁଲି ଯାଇଥିଲି ସେଦିନ । ଆଦର୍ଶର ମୋହରେ ବୋଲି ଦିନେ ମୋର ପ୍ରୀତି କ୍ଷୋଭ ହେଲା ।

ଅଞ୍ଜନାକୁ ମୁଁ ଭଲ ପାଇଲି । କାହିଁକି ? ତାର ମୋର ମତ ମେଳ ହେଲା ବୋଲି ? ହୃଦୟର ସାମଞ୍ଜସ୍ୟ ପାଇଲି ବୋଲି ?

ନା—ତାର ମୋର ନୈତିକ ସାନ୍ନିଧ ହେଲା ବୋଲି ? କହିପାରିବି ନାହିଁ । କିନ୍ତୁ ମୁଁ ତାକୁ ଚହ୍ନିଲି—ସେ ମୋତେ ଚହ୍ନିଲା । ଉଭୟ ଉଭୟଙ୍କୁ ନିକଟତର, ଅନେକାଂଶ ଆପଣାର କରି ନେଇଥିଲୁ । ଆଉ କ'ଣ ସେଇଥିପାଇଁ ?

ନା—ତା' ନୁହେ । ସେ ଧାରଣାଗୁଡ଼ାକ ନିହାତି ଭୁଲ । ବହୁତ ପରେ ମୁଁ ସେ ଭୁଲଟା ବୁଝିପାଇଲି । ସେ ସବୁପାଇଁ ମଣିଷ ଭଲ ପାଏ ନାହିଁ । ମଣିଷ ଭଲ ପାଏ ଆଗେ । ଭଲ ପାଇ ସାରିଲେ ଯାହାକୁ ଭଲ ପାଏ ତାକୁ ପାଇବାପାଇଁ ଏ ସବୁ କାଳ୍ପନିକ ତଥ୍ୟ ଆବିଷ୍କାର କରେ । ବରଂ ତାର ଭଲ ପାଇବାର ଯଥାର୍ଥତାକୁ ପ୍ରମାଣ କରିବାପାଇଁ ଏ ସବୁ ତାର ଯୁକ୍ତି—ଛଳନା । ଆପଣାର ଦୋଷୀ ମନକୁ 'ବୁଝାଇବା ପାଇଁ, ସାନ୍ତ୍ୱନା ଦେବାପାଇଁ, ଏ ନୈତିକତାର ଆଶ୍ରୟ ।

ଅଞ୍ଜନା ଚାଲିଗଲା । ତାର ବାପା ବଦଳି ହୋଇଗଲେ । ମୁଁ କହିଲି—ଅଞ୍ଜନା ଚିଠି ଦେବ ? ତା' ପାଖରେ ଧ୍ରୁବପଦ ଠିଆ ହୋଇ ରହିଥିଲା ! ସେ କିଛି କହିଲା ନାହିଁ ।

ଅଞ୍ଜନା ଡରୁଥିଲା । କାହାକୁ ? କାହିଁକି ?

'ଦେବ' । କେତେବେଳ ପରେ ସେ କହିଲା । ସେ 'ଦେବ'ର ଅର୍ଥ କିଛି ନୁହେଁ ।

ଅଞ୍ଜନା ମୋତେ ଭୁଲିଲା । ମୁଁ କିନ୍ତୁ ତାକୁ ଭୁଲି ପାରିଲି ନାହିଁ । ମୋର ଏଇ ଭଲ ପାଇବା ଆଦର୍ଶଟା ଗୋଟାଏ ଅଶରୀରୀ ଭୂତପରି ମୋ ପଛରେ ଗୋଡ଼େଇଲା । ଅଞ୍ଜନାର ଭଲ ପାଇବାର ଜୀଅନ୍ତା—ସେ ତେଣୁ ମରିଗଲା । ମରି ପୁନର୍ଜନ୍ମ ନେଲା ।, ମୋର

ମଣି ପ୍ରାଣହୀନ ଭଳି ପାଇ.ବା, ଅଚେତନ ପଥର ପରି ଯେମିତ ଥିଲା ସେମିତ ପଡ଼ି ରହିଲା ।

କଉଁଟା ବଡ଼ ? କଉଁଟା ସତ ?

ସ୍ତ୍ରୀ ସହିତ ପୁରୁଷର କି ସମ୍ପର୍କ ? ଏ ପ୍ରଶ୍ନର ଉତ୍ତର ଉପରେ ସେ ସବୁର ଉତ୍ତର ନିର୍ଭର କରୁଛି । ଯାର ଉତ୍ତର ଦେବାକୁ ମଣିଷର ସାହସ ହୁଏ ନାହିଁ ।

... ...

କେତେଦିନ ଗଲାଟଲା । ଅନେକ ଦିନ ଗଲାଣି । ଅଞ୍ଜନାଇ ମୋର ପୁଣି ଭେଟ ହେଲା ।

ଅଞ୍ଜନା ମା ।

ମୁଁ ପିତା ହୋଇନାହିଁ ।

ଅଞ୍ଜନା ଏଇ ଗୋଟିମାଟିର ଜଗତରେ ବୁଲୁଛି । ସେଦିନର ଅଞ୍ଜନା ଆଜିର ଅଞ୍ଜନା ଭିତରେ ଆକାଶ ପାତାଳ ତଫାତ୍ । ଆଜି ସେ ଖାଲି ପାଣିରେ ବୁଡ଼ିନାହିଁ—ପଙ୍କରେ ଘାଣ୍ଟି ହେଉଛି । ଆଉ ମୁଁ ? ସେଇମିତ ଭାସୁଛି ଉପରେ ।

ସେ କହେ, ଯେଉଁ ଦାୟିତ୍ୱ ନେବାକୁ ତମେ ଡରୁଛ, ଯେଉଁ ଦାୟିତ୍ୱକୁ ତମେ ଏତେଦିନ ଏଣ୍ଡି ଏଣ୍ଡି ବୁଲୁଛ ସେଇ ଦାୟିତ୍ୱକୁ ନେଇ ସଂସାରରେ ଚାଲିବାରେ ମୋର ସାହସ ବଢିଛି—ଆତ୍ମ ପ୍ରତ୍ୟୟ ଆସିଛି—ମୁଁ ଗର୍ବ ଅନୁଭବ କରୁଛି । ଆନନ୍ଦ ପାଉଛି ।

ଅଞ୍ଜନାର ପୁଅଟି ଭାରି ସୁନ୍ଦର । କଣ୍ଢୁଫୁଲ ଭଳି । ଆନନ୍ଦ ପାଇବାର କଥା ।

ମୁଁ କୋଳରେ ଜାକି ଧରିଲି । ଭାରି ଆନନ୍ଦ ଲାଗିଲା । ତାରି ଭିତରେ ଯେମିତି ମୋର କଳ୍ପଲୋକର ଅଞ୍ଜନା ।

ଅଞ୍ଜନା, ଏ ପୁଅଟିକୁ ମୋତେ ଦେ ।

ଅଞ୍ଜନା ହସିଲା । ସେ ହସ ନୁହେଁ ଉପହାସ ।

ମୋର ବୟସ ହୋଇଯାଇଛି । ମୁଁ ବିବାହ କରିନାହିଁ । ଅଞ୍ଜନାର ଉପହାସ ସେମିତି ରହିଯାଉ । ତା'ର ପ୍ରତିଶୋଧ ମୁଁ ନେଇ ପାରିବି ନାହିଁ । ଆଜି ଏ ବୟସରେ ।

ଅଞ୍ଜନା ସତୀ । ହିନ୍ଦୁ ଘରର କୁଳବଧୂ । ଭଲ ପାଇବାକୁ ଗୋଟିଏ ଗଣ୍ଡି ଭିତରେ ଯେଉଁମାନେ ବାନ୍ଧି ରଖିପାରନ୍ତି ସେଇମାନେ ସତୀ । ଅଞ୍ଜନା ମୋତେ ଆଜି ଭଲ ପାଇ ପାରେ ଏ ପ୍ରଶ୍ନ ବି ଉଠିବ ନାହିଁ—ଉଠି ପାରେନା ।

ମୁଁ ବିଟପ । ମୁଁ ଚରିତ୍ରହୀନ । ଗୋଟାଏ ଅଞ୍ଜନା ବଦଳରେ ମୁଁ ହଜାରେ ଅଞ୍ଜନାର ସନ୍ଧାନ କରି ବୁଲୁଥିଲି । ଯେଉଁ ଅଞ୍ଜନା ମୋ ପକ୍ଷରେ ଏଡ଼େ ଦୁଷ୍ପ୍ରାପ୍ୟ ମୂଲ୍ୟବାନ ହୋଇଥିଲା, ତାକୁ ନିହାତି ଦାମେ ସହଜ ଲଭ୍ୟ ବେଶ୍ୟା କରି ପାଇବାର ଲାଳସାରେ, ମୁଁ ନିଜେ ଅସଂଖ୍ୟ ଅବାଞ୍ଛନୀୟା ସ୍ତ୍ରୀଙ୍କ ପାଖରେ ଶସ୍ତା ହୋଇଯାଇଛି । ଅଞ୍ଜନା ସେ କଥା ଜାଣେ ନାହିଁ ।

ସମସ୍ତେ କହିବେ ଅଞ୍ଜନାକୁ ନ ପାଇବାର ଦୁଃଖକୁ ଭୁଲିବା-ପାଇଁ ମୁଁ ବେଶ୍ୟାଶକ୍ତ ହୋଇଛି । କିନ୍ତୁ ପ୍ରକୃତରେ ତା ନୁହେଁ । ମୁଁ ଯାଇଥିଲି, ଦିନେ ନାରୀର ଯେଉଁ ପ୍ରେମର ମୂଲ୍ୟ ମୁଁ ଏଡ଼େ ଉଚ୍ଚ ଧରିଥିଲି ତାକୁ ହରିନୋଠ କରି ବାଟରେ ବାଞ୍ଛୁଡ଼ି ଗୁଲିଯିବା ପାଇଁ । କିନ୍ତୁ ଫଳରେ ହେଲା କ'ଣ । ମୁଁ ଅଞ୍ଜନାର ପ୍ରେମକୁ ଭୁଲିପାରିଲି

ନାହିଁ । ତାର ପ୍ରେମର ମୂଲ୍ୟକୁ ହ୍ରାସ କରିପାରିଲି ନାହିଁ । ବରଂ ପ୍ରତି ମୁହୂର୍ତ୍ତରେ ସେ ପ୍ରେମ ମୋର ମନେ ପଡୁଥାଏ । ପ୍ରତିମୁହୂର୍ତ୍ତରେ ତାର ମୂଲ୍ୟ ମୋ ଆଖିରେ ବଢ଼ି ଚାଲିଥାଏ ।

ବେଶ୍ୟା ଭିତରେ ଯେଉଁ ଅଞ୍ଜନା, ଏ ସେ ଅଞ୍ଜନା ନୁହେଁ । ଅଞ୍ଜନା ଆଜି ଢେର ବଡ଼ ହୋଇଯାଇଛି ।

'ଅଞ୍ଜନା, ମୁଁ ଫେରି ଆସିବାକୁ ଚାହେଁ, ମୋତେ ଫେରାଇ ନେବ ?' ମୁଁ ପଚାରିଲି ।

'ମୋତେ ତମେ ଭଲ ପାଇ ପାରିବ ?' ସେ ଉତ୍ତର ଦେଲା ।

ଭାବିଲି, ଠିକ୍ ତ । ମୁଁ ଶିଖିଛି, ମୁଁ ପଢ଼ିଛି । ମୁଁ କେତେ ଭଲେ । ମୁଁ ତାକୁ ଭଲ ପାଇ ପାରିବ ।

ମୋତେ ଟିକିଏ ହସ ବି ମାଡ଼ିଲା । ସେଦିନ ଯେଉଁ ଆଦର୍ଶ ପଛରେ ଗୋଡ଼ାଇ ଅଞ୍ଜନାକୁ ହରାଇଥିଲି—ଆଜି ଅଞ୍ଜନା କ'ଣ ମୋଠୁ ସେଇ ଭଲ ପାଇବା ଆଶା କରୁଛି ଅବା ! ଖାଲି ହୃଦୟର ମିଳନ । ଦେହର ସାନ୍ନିଧ୍ୟ ନାହିଁ । କେବଳ ନିର୍ମଳ ପ୍ରେମ । ବାସନା ନାହିଁ—ବିଳାସ ନାହିଁ ।

କିନ୍ତୁ ମୁଁ କ'ଣ ପାରିବି ? ସ୍ତ୍ରୀ ପୁରୁଷର କି ସମ୍ପର୍କ ତାର ଉତ୍ତର ମୋ ହାଡ଼ରେ ହାଡ଼ରେ, ମଜ୍ଜାରେ ମଜ୍ଜାରେ ଲେଖା ହୋଇଛି । ଅଞ୍ଜନା ଆଜି ତା' ମାନିବାକୁ ଚାହେଁ ନାହିଁ ।

'ପାରିବି ।' ସାହସ ବାନ୍ଧି କହିଥିଲି । କିନ୍ତୁ ପାରିଲି ନାହିଁ ।

ମୋର ଭଲ ପାଇବା ଆଦର୍ଶର ଗଣ୍ଡି ଭିତରେ ରହି ପାରିଲା ନାହିଁ । ମୁଁ ଅଞ୍ଜନାକୁ ଯେତେ ମନେ ମନେ ଧରି ରଖିବାକୁ ଚେଷ୍ଟା

କରେ ସେ ସେତେ ଖସି ବୁଲେ । ମୋତେ ବେଶ୍ ଜଣାଯାଏ ଅଞ୍ଜନା ମୋର ନୁହେଁ ।

ଅଞ୍ଜନା କ'ଣ ଭାବୁଥିଲା କେଜାଣି ! ମୁଁ ଭାବୁଥିଲି, ଅଞ୍ଜନା ମୋତେ ଧରି ରଖିପାରିବ ନାହିଁ । ତାର ଆଉ ସେ ଶକ୍ତି ନାହିଁ । ମା ହୋଇସାରିବା ପରେ ସ୍ତ୍ରୀ ପୁରୁଷକୁ ଧରି ରଖିବାର ଶକ୍ତି ଯେମିତି ହରେଇ ବସେ ।

'ବାହା ହୁଅ !' ଆଜି ବି ସେ ସେଇକଥା କହୁଛି ।

ସେଦିନ ବାହା ନହୋଇ ଯେଉଁ ଭୁଲ୍ କରିଥିଲି ଆଜି ପୁଣି ବାହା ହୋଇ ସେଇ ଭୁଲ କରିବି ! ସେଦିନ ମୁଁ କାହାକୁ ଧରି ପାରିନଥିଲି । ଆଜି ଆଉ ମୋତେ କେହି ଧରି ରଖିପାରିବ ନାହିଁ ।

ସେଦିନ ମୋର ଅଯୋଗ୍ୟତାରୁ ମୁଁ ହତାଶ ହୋଇଥିଲି । ସେତେବେଳେ ସେଇ ଛାତ ଫଟା ରାଗିଣୀଟା କିଏ ମୋତେ ଗାଇ ଶୁଣେଇଥିଲା । ଆଜି ଛାତ ଫାଟି ଯାଇଛି । ଅକ୍ଷମତାରୁ ଶୁଣି ପାରୁନାହିଁ ସେ ସ୍ୱନ ।

ଅଞ୍ଜନା ସାଙ୍ଗରେ ଅନେକଦିନ ହେବ ଦେଖା ହୋଇନାହିଁ । ମୁଁ ବି ଆଉ ଦେଖା କରିବାକୁ ଚାହେଁ ନାହିଁ ।

ଓଃ—ପୁଣି ସେଇ ଛାତଫଟା ରାଗର ଗୁଣୁଗୁଣିଟା । ସେ ଗୀତଟା କ'ଣ—ସେ ରାଗଟା କ'ଣ ? ଆଃ—ପୂରା ମନେ ପଡୁନାହିଁ ।

କେବେ ଯେ ମନେ ପଡ଼ିବ ।

ବୀଣା

ଋଷିକୁଲ୍ୟା ନଦୀ ତଟରେ ଗୋଟିଏ ବୃଦ୍ଧ ଅନେକ ଦିନରୁ କୁଟୀରଟିଏ ବାନ୍ଧିଥାଏ । ଦିନରେ ଭିକ ମାଗିଯାଏ । ରାତି ହେଲେ ତାଟି କବାଟ ଦେଇ ଛିଣ୍ଡା ମୁଣି ଭିତରୁ ପୁରୁଣା ବୀଣାଟିଏ କାଢ଼ି ବଜାଏ । ପିଣ୍ଡା ଉପରେ ଶୁଖିଲା ପତ୍ରଗୁଡ଼ାକ ଭିତରେ ବି ମରମର ଶବ୍ଦ କରି ଉଠେ ।

ଜନପଦ ବଧୂ-ଲୋଚନ-ଚୁମ୍ବିତ ଋଷିକୁଲ୍ୟାର ଛଳ ଛଳ ଶୀତଳ ଜଳ ମଧ୍ୟ ଟଳ ଟଳ ନାଚି ଉଠେ । ଅଦୂରରେ ଗୋଟିଏ ତରୁଣ, ଲୋକ ଲୋଚନର ଅଲକ୍ଷରେ ବସି ସେଇ ଜଳ ଭିତରକୁ ବୀଣା ଝଙ୍କାରର ତାଳରେ ତାଳରେ ଉପଲ ଖଣ୍ଡ ନିକ୍ଷେପ କରୁଥାଏ । ଅନତି ଦୂରରେ ଗୃହାଭିମୁଖୀ ପଥିକର ପଦ ଚଞ୍ଚଳ ହୋଇଯାଏ । ଆପଣାର ଅଗୋଚରରେ ।

କେହି ଶ୍ରୁତିପାତ କରେ ନାହିଁ । ସଂସାର ବିଚଳିତ ହୁଏ ନାହିଁ । ଆକାଶର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା କକ୍ଷଚ୍ୟୁତ ହୁଅନ୍ତି ନାହିଁ ।

କେହି ଶୁଣେ ନାହିଁ, କେହି ଜାଣେ ନାହିଁ । ଜାଣି ମଧ୍ୟ ଜାଣେ ନାହିଁ । ଏକା ସେଇ ବୁଢ଼ାଟି ବଜାଏ । ଆଉ ବୁଢ଼ାର ଅଜ୍ଞାତରେ ଶୁଣୁଥାଏ ସେଇ ଯୁବକ ।

କୁମାର ପୂର୍ଣ୍ଣିମା ରାତି । ବୁଢ଼ାର ବୀଣା ଉତଳା ହୋଇ ବାଜି-ବାକୁ ଆରମ୍ଭ କଲା । ତରୁଣର ପ୍ରାଣ ନାଚି ଉଠିଲା । ପୁଲକରେ ରୋମ ମୂଳ ଫୁଲି ଉଠିଲା । ଆଖିରେ ଲୁହ ।

ଏ କଅଣ—ଏ କଅଣ ! ତାଲ ଛାଡଦେଇ ବୀଣା ଏମିତି ବେସୁରା ବାଜି ଉଠିଲା କାହିଁକି ! ତରୁଣ ଚିତ୍କାର କଲା—ବନ୍ଦକର, ବନ୍ଦକର ! ବୃଦ୍ଧ ଶୁଣିଲା ନାହିଁ । ମତୁଆଲା ହୋଇ ସ୍ୱରହୀନ, ଛନ୍ଦହୀନ ଝଙ୍କାର ସୃଷ୍ଟି କରିବାରେ ଲାଗିଥାଏ ବୃଦ୍ଧ ।

ବୀଣାର ତାର ଛିଡିଗଲା । ବୃଦ୍ଧ କ୍ଳାନ୍ତ ଅର୍ଦ୍ଧଚେତନ ଅବସ୍ଥାରେ ଦେଖିଲା ପାଖରେ ଠିଆ ହୋଇଛି ଗୋଟିଏ ତରୁଣ । ସେଇ ତରୁଣ । ଆଖିରେ ଲୁହ । ମୁଖ ମଣ୍ଡଳରେ ଦୟା, କରୁଣା ଓ ସହୃଦୟତାର ଛାୟା । ସେହିଦିନ ବୃଦ୍ଧ ଓ ତରୁଣର ପ୍ରଥମ ସାକ୍ଷାତ୍, ଅତୀତ ଓ ଭବିଷ୍ୟତର ସନ୍ଧିକ୍ଷଣ ପରି ।

ତା ପରଠୁଁ ତରୁଣ ପ୍ରତିଦିନ ଆସେ । ବୃଦ୍ଧ ପ୍ରତିଦିନ ବଜାଏ । ତରୁଣ ଶୁଣେ ।

ଦିନେ ବୃଦ୍ଧ ତରୁଣକୁ ଡାକି କହିଲା—"ବତ୍ସ, ଏ ବୀଣା ତମେ ଥରେ ଧର । ମୁଁ ଥାଉଁ ଥାଉଁ—"

ତରୁଣ କାତର କଣ୍ଠରେ ତାର ଅକ୍ଷମତା ଜଣାଇଲା—"ନା—ନା, ମୁଁ ଏ ବୀଣା ଧରିବାର ଯୋଗ୍ୟପାତ୍ର ନୁହେଁ ।"

ବୃଦ୍ଧ ନିରାଶ ହେଲା । କିନ୍ତୁ ପୁଣି ଥରେ ଅନୁରୋଧ କରି କହିଲା—"ତମଠାରୁ ଅଧିକ ଉପଯୁକ୍ତ ପାତ୍ର ମୋତେ କେହି ଦିଶୁନାହାନ୍ତି । ମୋର ଆଉ କେତେଦିନ । କାହାକୁ ଏ ମୂଲ୍ୟବାନ ବୀଣାର ଭାର ଦେଇଯିବି !"

ତରୁଣ ସେଦିନ ଉତ୍ତର ଦେଇଥିଲା—"ଗୁରୁ, ଯେଉଁଦିନ ଯାଏ ଆପଣ ସଶରୀରରେ ସ୍ୱୟଂ ବିଦ୍ୟମାନ ସେତେଦିନ ଯାଏ ଏ ବୀଣାକୁ ଧାରଣ କରିବା ପାଇଁ କେହି ଯୋଗ୍ୟ ହୋଇ ନ ପାରନ୍ତି !"

ବୃଦ୍ଧର ଦୁଇ ଚକ୍ଷୁରୁ ଝର ଝର ହୋଇ ଲୁହ ଝରି ପଡ଼ିଲା । ସେହି ଲୁହହିଁ ତାଙ୍କୁ ପ୍ରମାଣ ଦେଇ କହୁଥିଲା—'ହଁ, ତୁ ଜୀବିତ ଅଛୁ ।'

ରାଜାଙ୍କର ଗୋଟିଏ ବୀଣାର ପ୍ରୟୋଜନ ପଡ଼ିଲା । ସେ ସ୍ଥିର କଲେ ରାଜ୍ୟର ସର୍ବୋତ୍କୃଷ୍ଟ ବୀଣା ସେ କ୍ରୟ କରିବେ । ସ୍ୱର୍ଗତା ରାଣୀଙ୍କର ସମାଧି ମନ୍ଦିରରେ ସେ ବୀଣା ପ୍ରତିଦିନ ସନ୍ଧ୍ୟାରେ ବାଜିବ । ରାଣୀଙ୍କର ଅନ୍ତିମ କାମନା ତାହାହିଁ ଥିଲା ।

ବଣିକମାନେ ଦେଶ ଦେଶ ବୁଲି ଅନୁସନ୍ଧାନ କଲେ । ମାତ୍ର ଉତ୍କୃଷ୍ଟ ଧରଣର ବୀଣା ଦୁଷ୍ପ୍ରାପ୍ୟ ହେଲା । ଅବଶେଷରେ ଲୋକ ମୁଖରୁ ବୃଦ୍ଧର ବୀଣା ବାଦନ ସମ୍ବନ୍ଧରେ ଭୂରି ଭୂରି ପ୍ରଶଂସା ଶୁଣି ସେହି କୁଟୀର ଦ୍ୱାରରେ ପ୍ରବେଶ କଲେ ।

ଅନ୍ଧକାର ରଜନୀରେ ବୃଦ୍ଧର ବୀଣା ଗମ୍ଭୀର ଓ ମନ୍ଥର ନାଦରେ ମନ୍ଦ୍ରିତ ହେଉଥିଲା । ରାଜଦୂତ ବଣିକଗଣ ବୀଣା ଧ୍ୱନିରେ ମୁଗ୍ଧ ହୋଇଗଲେ ।

ବୃଦ୍ଧଙ୍କୁ ପଚାରିଲେ—ବୃଦ୍ଧ, ଏ ବୀଣା ବିକ୍ରୀ କରିବ ?

ବୃଦ୍ଧ ପରିହାସ କରି କହିଲା—ବୀଣାର ମୂଲ୍ୟ କିଏ ଦେବ !

"ନିଜେ ରାଜା ।"

'ଅସମ୍ଭବ ।' ବୃଦ୍ଧ ନିଶ୍ଚିନ୍ତ କଣ୍ଠରେ କହିଲା—

"ଯଦି ରାଜାଙ୍କର ଆଜ୍ଞା ହୁଏ !" ଦୂତମାନେ ପୁଣି ପ୍ରଶ୍ନ କଲେ ।

"ତଥାପି ଏ ବୀଣା ମୁଁ ଦେଇ ପାରିବି ନାହିଁ ।" ବୃଦ୍ଧ ଉତ୍ତର ଦେଲା ।

ରାଜା ନିଜେ ସମ୍ବାଦ ଦେଲେ—ବୃଦ୍ଧ ଏ ବୀଣା ଦାନ କର ।

ବୃଦ୍ଧର ସେଇ ଉତ୍ତର—ଅସମ୍ଭବ ।

ରାଜା ପ୍ରଲୋଭନ ଦେଲେ—ରାଜ୍ୟର ଏକ ଚତୁର୍ଥାଂଶ ପାଇବ, ବୀଣା ଦିଅ ।

ବୃଦ୍ଧର ତଥାପି ସେଇ ଉତ୍ତର—ଅସମ୍ଭବ ।

ରାଜଦୂତମାନେ ଭୟ ଦେଖାଇଲେ—ବୃଦ୍ଧ ! ରାଜା ଆଜ୍ଞା ଅନ୍ୟଥା ହୋଇ ନପାରେ ।

ବୃଦ୍ଧ ଉତ୍ତର ଦେଲା—ମନୁଷ୍ୟର ହୃଦୟ ମଧ୍ୟ ଅବାଧ୍ୟ ହୋଇ ନପାରେ ।

କିନ୍ତୁ କାର୍ଯ୍ୟକ୍ଷେତ୍ରରେ ରାଜ ଆଜ୍ଞାରହିଁ ଜୟ ହେଲା । ରାଜଦୂତ ମାନେ ବଳପୂର୍ବକ ବୃଦ୍ଧର ଏକମାତ୍ର ସମ୍ବଳ ବୀଣାଟିକୁ ଅପହରଣ କରିନେଲେ ।

ବୃଦ୍ଧ ଦୁଃଖରେ ଶଯ୍ୟାଶାୟୀ ହୋଇଗଲା । ତରୁଣଟି ତା' ପାଖରେ ବସି ଶୁଶ୍ରୂଷା କରୁଥାଏ । ବୃଦ୍ଧ ବଡ଼ କଷ୍ଟରେ ଆରମ୍ଭ କଲା—ବତ୍ସ, ମୋର ଆଉ କିଛି ନାହିଁ ତୋତେ ଦେଇଯିବାକୁ ।

ତରୁଣ ନୀରବ ରହିଲା ।

'ଜାଣୁ ?' ବୃଦ୍ଧ ଆରମ୍ଭ କଲା—ମୋ ପାଖରେ ଗୋଟିଏ ଅମୂଲ୍ୟ ରତ୍ନ ଥିଲା—ତୋର ଯୋଗ୍ୟ—ଆଃ-କି ଦାରୁଣ, କି ନିଷ୍ଠୁର ସେ—ଏଇ ରଜା ଭଳି ଆଉ ଏକ ଅତ୍ୟାଗ୍ରହୀ ପଶୁ—ଦଇବ—ତାକୁ ନେଇଗଲା ।

'ସେଦିନ ଜାଗର ପୁନେଇ—'

ବୃଦ୍ଧ ଆଖିରୁ ଝରଝର ହୋଇ ଲୁହ ଝରି ପଡ଼ିଲା । ତରୁଣ ସେଇ ଲୁହ ପୋଛୁ ଦିଇ ଦିଇ ବାରୁଥିଲା—ଓଃ-କି ତତଲା । ଯାହାପାଇଁ

ଏ ଲୁହ ଏତେ ତରଳ ହେଇ ଜନ୍ମ ହେଇଛି ସେ କେତେ ଉତ୍ତେ-ଜକ, ଉନ୍ମାଦକ ହୋଇ ନଥିବ ।

'ସେ ବୀଣା ବଜେଇବାକୁ ଭାରି ଭଲ ପାଏ । ସେଥିପାଇଁ ମୁଁ ତା' ନାଁ ରଖିଥିଲି—ବୀଣା । ଏଇ ବୀଣା ଖଣ୍ଡି ତା'ର ଜୀଅନ୍ତା ସ୍ମୃତି ହେଇ ରହିଥିଲା ! ଆଃ—ସେ ବି ଗଲା—ଆଉ ଅପଣାର ବୋଲି କହୁଛି ନାହିଁ ଯୁବକ !'

ଉଭୟ କାନ୍ଦୁଥିଲେ—ବୃଦ୍ଧର ଶ୍ୱାସ ଉଠିଲା—ଊର୍ଦ୍ଧ୍ୱମୁଖରେ ।

ରାଜଦୂତମାନେ ଆସି କହିଲେ—ବୃଦ୍ଧ, ରାଜା ଆଜ୍ଞା ତମେ ସେ ବୀଣାର ବାଦନ କୌଶଳ ଶିଖାଇ ଦିଅ । ସେ ବୀଣା ତମ ଛଡ଼ା ସମସ୍ତଙ୍କ ହାତରେ ବେସୁରା ବାଜୁଛି ।

ରାଜା ଆଜ୍ଞା ଅନ୍ୟଥା ହେଲା । ମନୁଷ୍ୟର ହୃଦୟ ଅବାଧହୋଇ ପାରିଲା ନାହିଁ । ବୃଦ୍ଧର ହୃଦ୍‌ଯନ୍ତ୍ର ସ୍ଥଗିତ ହୋଇଗଲା ।

ସେ ବୀଣା ବହୁଦିନ ଯାଏ ରାଣୀଙ୍କର ସମାଧି ମନ୍ଦିରରେ ସେମିତି ଅବହେଳିତ ହେଇ ଝୁଲୁଥିବାର ଦେଖା ଯାଇଥିଲା । ତାପରେ କେଉଁଦିନ କିପରି ସେଠୁ ଅପସାରିତ ହୋଇଗଲା ତା' କେହି କହିପାରନ୍ତି ନାହିଁ ।

ଆଉ ସେ ତରୁଣ ! ଖଣ୍ଡିଏ ନାଉଡୁମ୍ବି ଧରି ଏଇ ଗାଁ ବାଟରେ ଭଜନ ଗାଇ ବୁଲେ ।

ପୂଜାରଣୀ

ଶଙ୍ଖ ବାଜି ଉଠେ । ଘଣ୍ଟା ଘଣ୍ଟି ରବ ଉଚ୍ଛୁଳି ପଡ଼େ । ହରି-ବୋଲ ଧ୍ୱନିରେ ନାଟ ମନ୍ଦିର ଫାଟି ଯାଉଥିଲା ପରି ଲାଗେ । ହୁଳହୁଳି ଶବ୍ଦ ପଡ଼ିଯାଏ । ଆରତିରେ ମଦନ ଗୋପାଳଙ୍କର ମୁଖଶ୍ରୀ ଝଲସି ଉଠେ ।

ଆରତି ବଢ଼ିଯାଏ । ଦେବତାଙ୍କ ପାଦତଳେ ସମସ୍ତେ ପ୍ରଣତ ହୁଅନ୍ତି । ସ୍ପର୍ଶ ଜଳ ସିଞ୍ଚି ହୋଇଯାଏ । ବୈଷ୍ଣବ ଧୀରେ ଧୀରେ ଗୀତଗୋବିନ୍ଦ ଆବୃତ୍ତି କରେ—'ପ୍ରଳୟ ପୟୋଧି ଜଳେ—'

ବୈଷ୍ଣବର କନ୍ୟା ପାଳି ଧରେ—ପ୍ରଳୟ ପୟୋଧି ଜଳେ ।

ଦଶ ଅବତାର ଶେଷ ହୋଇଯାଏ । ବୈଷ୍ଣବ ଗାଏ—'ଶ୍ରୀତ କମଳା କୁଚ ମଣ୍ଡଳ ହେ ଧୃତକୁଣ୍ଡଳ ହେ । କନ୍ୟା ଧୀରେ ଧୀରେ ସେ ଗୀତର ତାଳରେ ଆଗକୁ ପାଦ ବଢ଼ାଏ । ନୂପୁରର ସିଞ୍ଜିନୀ ସଙ୍ଗୀତକୁ ମଧୁରତର କରିଦିଏ । ବାଳିକାର ନୃତ୍ୟଭଙ୍ଗୀରେ କବି-ଙ୍କର ଭାବ ଜୀବନ୍ୟାସ ପାଇଯାଏ । ସମସ୍ତେ ତନ୍ମୟ ହୋଇ ଚାହିଁ ରହନ୍ତି । ବୈଷ୍ଣବ କନ୍ୟା 'ଜୟ ଜଗଦୀଶ ହରେ' କହି ଭୂମିରେ ଲୋଟି ପଡ଼ୁଥାଏ ଯେମିତି ।

ବୈଷ୍ଣବର ପରିଚୟ କେହି ଜାଣନ୍ତି ନାହିଁ । କେତେବର୍ଷ ତଳେ ଅତି ଜୀର୍ଣ୍ଣଶୀର୍ଣ୍ଣ ଅବୟବ ଘେନି ଗୋଟିଏ ଲୋକ ଏଇ ଗ୍ରାମରେ ପହୁଞ୍ଚିଥିଲା । ସାଙ୍ଗରେ ଆଠ ନ' ବର୍ଷର ଗୋଟିଏ କୁମାରୀ କନ୍ୟା । ଲୋକଟି କେବଳ 'ହରି ହରି' ଭଜୁଥାଏ । ଖାଇବା ପିଇବା

ପ୍ରତି ଦୃଷ୍ଟି ନାହିଁ । ଯିଏ ଯାହା ଦିଏ, ଖାଏ । ନହେଲେ ନାହିଁ । ଖାଇବାକୁ ମାଗେ ନାହିଁ, ମନେହୁଏ ତାର ଯେମିତି କଉଠି ବଡ଼ ଗୋଟାଏ ଭରସାର ସ୍ଥଳ ରହିଛି । ତା'ର ବଳରେ ସେ ନାଚୁଛି, କୁଦୁଛି, ଗାଉଛି, ବୁଲୁଛି । ଗ୍ରାମବାସୀମାନେ ତା ପାଇଁ ଖଣ୍ଡେ କୁଡ଼ିଆ ବାନ୍ଧିଦେଲେ । ଗଲା ପାଞ୍ଚବର୍ଷ ହେବ ସେଇ କୁଡ଼ିଆଟି ତାର କ୍ଷୀଣ ରୁଗ୍ଣ ଶରୀରକୁ ଆଶ୍ରୟ ଦେଇଛି । ଗଲା ପାଞ୍ଚବର୍ଷ ହେବ ସେଇ ଜୀର୍ଣ୍ଣ କାୟାର ଶୀର୍ଣ୍ଣ କଣ୍ଠ ମଧ୍ୟରୁ ଅମୃତମୟ ସଙ୍ଗୀତ ଭାସି ଆସି ପ୍ରତିଦିନ ସନ୍ଧ୍ୟାରେ ଲୋକଙ୍କୁ ମୁଗ୍ଧ କରୁଛି ।

ବୈଷ୍ଣବର ଇତିବୃତ୍ତ ମଧ୍ୟ କେହି ଜାଣନ୍ତି ନାହିଁ । ବୈଷ୍ଣବର କଥା କହେ, ତାଙ୍କର ଘର ଥିଲା; ସେ ଘର କୁଆଡ଼େ ଉଡ଼ିଗଲା ସେ କହିପାରିବ ନାହିଁ । ତା ଗାଁ ନା ତାର ମନେ ନାହିଁ । ମନେ ଥିଲା । ଯେତେବେଳେ ତାର ମନେ ଥିଲା ସେତେବେଳେ କେହି ପଚାରି ନାହାନ୍ତି । ଆଜି ସେ ଭୁଲିଗଲାଣି । କିନ୍ତୁ ସେ ଗାଁ ଉଭେଇ ଗଲାପରି ଏକାରାତିକେ କୁଆଡ଼େ ପଳେଇଲା ସେ କହିପାରିବ ନାହିଁ । ସକାଳୁ ସେ ଦେଖିଲା ବାଠ ମଝିରେ ସେ ଆଉ ତା ବାପ । ଗାଁଟା କୁଆଡ଼େ ପଳେଇଛି । ସେ ଗାଁକୁ ଖୋଜିଲା । ଆଉ ପାଇଲା ନାହିଁ । ତାପରେ କେତେ ଗାଁ ଦେଖିଛି, କେତେ ଗାଁରେ ରହିଛି । କିନ୍ତୁ ତା' ଗାଁ ପରି ଗାଁ ତା' ଆଖିକି କେହି ଦିଶିଲା ନାହିଁ ।

ଅଉ ତା' ମା !

ହଁ ତା ମାଁ ବି । ସେଇ ଗାଁ ସାଙ୍ଗରେ କୁଆଡ଼େ ପଳେଇଛି । ସେ ଘରେ ସେ ଏକୁଟିଆ ଥିଲା । ସେ ଡାକିଲା ତା ମା'କୁ । ମା' ଶୁଣିଲା ନାହିଁ । ବାପ କହିଲା ମାମୁଁ ଘରକୁ ଯାଇଛି । ସେ ବି ମାମୁଁ ଘରକୁ ଯିବ ବୋଲି କାନ୍ଦିଲା । କିନ୍ତୁ କାହିଁ ତା' ମାମୁଁଘର ।

ବୈଷ୍ଣବଙ୍କୁ ପଚ୍ଚରିଲେ ସେ କେବଳ ଉପରକୁ ହାତ ଠାରିଦିଏ, ଧର୍ମ-ଧର୍ମ !

ସନ୍ଦେହ ହୁଏ, ବୈଷ୍ଣବର କ'ଣ ଏ ନିଜ ଝିଅ ! ଲୋକେ ପଚ୍ଚରନ୍ତି—ବୈଷ୍ଣବ, ଏ କ'ଣ ତମର ନିଜ ଝିଅ ?

ବୈଷ୍ଣବ ହସେ । କହେ,—'ନା ।' ଠାକୁରଙ୍କ ଆଡ଼କୁ ଆଖି ଢଳାଇ ଦେଇ ଦେଖେଇ ଦିଏ—'ତା'ର ।'

ବୈଷ୍ଣବ କନ୍ୟାକୁ ପଚ୍ଚରିଲେ, ତୋ ବାପା କିଏ ?—ସେ ଉତ୍ତର ଦିଏ—ମୋ ବାପା ତମେ—ମୋ ବାପା ସମସ୍ତେ ।

ସମସ୍ତେ ହସନ୍ତି । କନ୍ୟା ଗମ୍ଭୀର ହୋଇଯାଏ । କଇଁ ଫୁଲର ସଜ ପାଖୁଡ଼ା ପରି ଧଳା ଧଳା ତଥି ଆଖି ତାର ସରମରେ ଜର ଜର ହୋଇ ଉଠେ । ଗୋଲା କଜଳର ବିନ୍ଦୁ ଦୁଇଟି ପରି ଡୋଳା ଯୋଡ଼ିକ ଟଳ ଟଳ ହେଉଥାଏ ତା'ର ଭିତରେ ।

ବୈଷ୍ଣବ କନ୍ୟା ନାଚେ । ସମସ୍ତେ ଜାଣନ୍ତି ନାଚେ । କିନ୍ତୁ ସେ ଜାଣେ ସେ ପୂଜା କରୁଛି । ବୈଷ୍ଣବ ମଧ୍ୟ ଜାଣେ, କନ୍ୟା ତାର ପୂଜାରିଣୀ । ସେ ନାଚିଲା ବେଳେ ମନେହୁଏ ତାର ପିତୁଳା ପରି ଦେହର ପ୍ରତି ଅଙ୍ଗ ଯେପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନର୍ତ୍ତକୀ ।

ଆରତି ଶେଷ ହୁଏ । ପ୍ରତିଦିନ ଆରତି ଶେଷରେ ନାଚେ ।

ପ୍ରତିଦିନ ବହୁ ଲୋକ ଆସନ୍ତି । ବୈଷ୍ଣବର ଗୀତ ଗୋବିନ୍ଦ ଶୁଣିବାପାଇଁ, ଆଉ ବୈଷ୍ଣବ ବାଳିକାର ନାଚ ଦେଖିବା ପାଇଁ । ବୈଷ୍ଣବର ଗୋଟିଏ ପାଖରେ ଗୋଟିଏ କ୍ଷୁଦ୍ର ଥାଳ ଥୁଆ ହୋଇଥାଏ । ଯାହାର ଯାହା ଇଚ୍ଛା ହୁଏ ସେଇଥିରେ ଦେଇଯାଏ । ବୈଷ୍ଣବର ସେଇ ଜୀବିକା ।

ଦିନେ ନୃତ୍ୟ ଶେଷରେ ବୈଷ୍ଣବ ଦେଖିଲା ଗୋଟିଏ ସୁବର୍ଣ୍ଣ ମୁଦ୍ରିକା । ସେଦିନ ବୈଷ୍ଣବର ମନରେ ସନ୍ଦେହର ରେଖା ପାତ୍ ମଧ୍ୟ ହୋଇ ନଥିଲା । ପ୍ରଭୁଙ୍କର କୃପା ବୋଲି କହି ବୈଷ୍ଣବ କନ୍ୟାର ଅଙ୍ଗୁଳିରେ ପିନ୍ଧାଇ ଦେଇଥିଲା । ମନେ ମନେ ଭାବିଲା — ପ୍ରଭୋ, ଏ କନ୍ୟା ତୋତେଇ ଦାନ କଲି ।

ତହିଁ ଆରଦିନ ପୁଣି ସ୍ୱର୍ଣ୍ଣ ମୁଦ୍ରା । ଦିନେ ନୁହେଁ, ଦୁଇଦିନ ନୁହେଁ, ପ୍ରତିଦିନ । ବୈଷ୍ଣବ ଆଶ୍ଚର୍ଯ୍ୟ ହୋଇଗଲା । ଆର୍ତ୍ତ ସ୍ୱରରେ ବୈଷ୍ଣବ ପ୍ରାର୍ଥନା କଲା—ପ୍ରଭୋ ଏ କି ପ୍ରଲୋଭନ—ତ୍ରାହି କର—ତ୍ରାହି କର ! !

ପ୍ରଭୁ ଶୁଣିଲେ ନାହିଁ । ପ୍ରତିଦିନ ବୈଷ୍ଣବର ଥାଳରେ ସ୍ୱର୍ଣ୍ଣ-ମୁଦ୍ରା ପଡ଼େ । କିଏ ଦିଏ କେତେବେଳେ ଦିଏ ବୈଷ୍ଣବ ଲକ୍ଷ କରିପାରେ ନାହିଁ । ପ୍ରତିଦିନ ବୈଷ୍ଣବ ନିଷ୍ଚୟ କରେ, ଆଜି ସେ ଲକ୍ଷ କରିବ । କିନ୍ତୁ ଗୀତ ଗୋବିନ୍ଦ ଗାଇଁ ଗାଇଁ ସେ ଆତ୍ମହରା ହୋଇଯାଏ । ଭୁଲିଯାଏ ସ୍ୱର୍ଣ୍ଣମୁଦ୍ରା କଥା, ସେତିକି ବେଳେ ସମ୍ଭବତଃ ସ୍ୱର୍ଣ୍ଣମୁଦ୍ରା ପଡ଼େ ।

ବୈଷ୍ଣବ କନ୍ୟାକୁ ପଚାରିଲା—ସତ କହ, କିଏ ଏ ମୁଦ୍ରା ଦିଏ ।

ବାଳିକା କହେ—ମୁଁ ଜାଣେ ନାହିଁ ।

ବୈଷ୍ଣବ କୈତବ କ୍ରୋଧ ପ୍ରକାଶ କରି ଦିନେ କହିଲା—ସତ କହ ଏ ବିଷୟରେ ତୁ କ'ଣ ଜାଣୁ, ନହେଲେ ଚିରଦିନ ପାଇଁ ତୁ ମୋତେ ହରାଇବୁ । କହ, ଏ ମୁଦ୍ରାର ମୋହ ବେଶୀ ନା ମୋର ମୋହ ବେଶୀ ।

ବୈଷ୍ଣବ ବାଳିକା ଲୁଗୁଚ ପାରିଲା ନାହିଁ, କହିଲା—ପିତା, ମୁଁ ସତ କହୁଛି, କାହାର କି କେବେ ଦେବାର ଦେଖି ନାହିଁ । ତେବେ ମନେ ହେଉଛି ମଦନ ଗୋପାଳ ନିଜେ ଦିଅନ୍ତି !"

"ମଦନ ଗୋପାଳ ନିଜେ ଦିଅନ୍ତି !" ବୈଷ୍ଣବ ଚକିତ ହୋଇ ପୁଚ୍ଛିଲେ ।

ବାଳିକା ପୁଣି କହିଲା—"ମୁଁ ଯେତେବେଳେ ନାଚି ନାଚି ଥକି ପଡ଼େ, କିନ୍ତୁ ଭମର ଗୀତ ବନ୍ଦ ହୁଏ ନାହିଁ; ମୋତେ ଭାରି କଷ୍ଟହୁଏ; ପାଦ ଅବଶ ହୋଇ ଆସେ; କପାଳରୁ ଝାଳ ବହିଯାଏ; ମନେହୁଏ ମୂର୍ଚ୍ଛା ହୋଇ ତଳେ ପଡ଼ିଯିବି; ସେତେବେଳେ ମୁଁ କାତର ହୋଇ ଡ଼ାକେ—ଗୋପାଳ ମୋତେ ରକ୍ଷାକର ! ନାଚ ବନ୍ଦ ହେଲେ କିମ୍ବା ତାଳ ଭାଙ୍ଗିଗଲେ ମହାପାପ ହେବ, ମୋତେ ପାପରୁ ତ୍ରାହି କର !—ସେତେବେଳେ ମୋର ପ୍ରାୟ ଚେତନା ନଥାଏ; ସେଇ ଅଧ ଚେତନ ଅବସ୍ଥାରେ ମୋର ମନେହୁଏ ଗୋପାଳ ଉଠି ଆସନ୍ତି ସିଂହାସନରୁ; ମୋ ମୁଣ୍ଡରେ ହାତ ଦେଇ ଗୁଲିଯାନ୍ତି; ଗୁଲିଯାନ୍ତି ନାହିଁ, ମନେ ହୁଏ ସଭାରେ ଯାଇ ଯେମିତି ବସନ୍ତି—"

"ତାପରେ ତାପରେ—"

"ତାପରେ ମୁଁ ସୁସ୍ଥ ହୋଇ ଉଠେ । ମନେହୁଏ ମୁଁ ଏଇ ନାଚ ଆରମ୍ଭ କରିଛି । ଦ୍ୱିଗୁଣ ଉତ୍ସାହରେ ମୁଁ ନାଚେ । ମୋ ପାଦ ଏତେ ଚଞ୍ଚଳ ହୋଇ ଉଠେ ଯେ ମୋ ଆୟତ୍ତରେ ରହେ ନାହିଁ । ତଥାପି କେବେ ବେତାଳ ହୁଏ ନାହିଁ ।"

"ମା, ତୋ ଭଳି କନ୍ୟାପାଇ ମୁଁ ଧନ୍ୟ ହେଲି । ମୁଁ ଗୋପାଳଙ୍କୁ ସନ୍ଦେହ କରି କି ଅପରାଧ କରିଛି ! ହେ ପ୍ରଭୋ, ପତିତ ପାବନ, ତ୍ରାହି କର !"

ପୁଣି ସନ୍ଧ୍ୟା ଆସେ । ପୁଣି ଆରତି ହୁଏ । ବୈଷ୍ଣବ ଗୀତ-ଗୋବିନ୍ଦ ବୋଲେ ଆତୁର ମନପ୍ରାଣ ଦେଇ । ବାଳିକା ନାଚେ ପ୍ରଭୁଙ୍କ ପଦରେ ଆତୁର ଆଗ୍ରହରେ ଜୀଉନ୍ତଲା ହେଲପରି । ଲୋକେ କହନ୍ତି—ଏ ମର୍ତ୍ତ୍ୟର ମାନବୀ କେବେହେଁ ନୁହେଁ ।

ଧନକର କଥା । ବୃଦ୍ଧ ବିଭୋର ହୋଇ ଗୀତଗୋବିନ୍ଦ ଗାଉଛି । ମନେ ହେଲା ଗୋପାଳ ଆସି ବାଳିକାର ଶିରରେ ହାତ ଦେଲେ । ବାଳିକା ଉନ୍ମତ୍ତ ହୋଇ ନାଚ ଉଠିଲା । ମଦନ ଗୋପାଳ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଦରିଦ୍ର ବୈଷ୍ଣବର ଥାଳରେ ଦାନ କଲେ । ବୈଷ୍ଣବ ଆକୁଳ ହୋଇ ପ୍ରାର୍ଥନା କଲା—ପ୍ରଭୁ, ପ୍ରଭୁ, ଆଉ ପରୀକ୍ଷା କର ନାହିଁ ପ୍ରଭୁ ! ମୁଁ କେବେ ତମଠାରୁ ଅର୍ଥ ଆଶା କରେ ନାହିଁ । ମୋତେ କାହିଁକି ଏ ବନ୍ଧନରେ ବାନ୍ଧୁଛ । ମୋ କୁଟୀରରେ ଏ ସ୍ୱର୍ଣ୍ଣମୁଦ୍ରା ରଖିବା ପାଇଁ ଯେ ଆଉ ସ୍ଥାନ ନାହିଁ । କିନ୍ତୁ ପ୍ରଭୁ ଶୁଣିଲେ ନାହିଁ । ସ୍ୱର୍ଣ୍ଣମୁଦ୍ରା ଦେଇ ମଦନ ଗୋପାଳ ତ୍ରିଭଙ୍ଗରେ ଠିଆ ହେଲେ । ବଂଶୀ ବାଜି ଉଠିଲା । ବୈଷ୍ଣବ ଗାଇଲା—

ନାମ ସମେତଂ କୃତ ସଂକେତଂ ବାଦୟତେ ମୃଦୁ ବେଣୁମ୍
ବହୁମନୁ ତେତନୁ ତେତନୁ ସଂଗତ ପବନ ଚଳିତମପି ରେଣୁମ୍

ବାଳିକା ଆତ୍ମହରା ହୋଇ ନାଚ ଉଠିଲା । ବୈଷ୍ଣବ ଭାବ ଏବଂ ରାଗରେ ମୁଗ୍ଧ ହୋଇ ଯାଇଥାଏ ।

ହଠାତ୍ ଏ କ'ଣ ହେଲା । ବଜ୍ରପାତ ହେଲା ପରି ବୈଷ୍ଣବର ଧ୍ୟାନ ଭଗ୍ନ ହୋଇଗଲା । ଚମକି ପଡ଼ି ବୈଷ୍ଣବ ଚାହିଁଲା—ନର୍ତ୍ତକୀର ପଦ ପ୍ରକ୍ଷେପ ସଂଗୀତର ସ୍ୱର ସହିତ ସମତାଳରେ ନାହିଁ ।

ଉପ୍‌ରେ ବୈଷ୍ଣବର ଗ୍ଳୀତ ଥର ଉଠିଲା । ହାହ୍ଁ କର, ହାହ୍ଁ କର ମଦନ ଗୋପାଳ !

କାହାନ୍ତି ମଦନ ଗୋପାଳ ! ମଦନ ଗୋପାଳଙ୍କ ପ୍ରତିମୂର୍ତ୍ତିକି ଚାହିଁ ଦେଖିଲା, ସେ ସେହି ଜଡ଼ ଅଚେତନ ମଦନ ଗୋପାଳ । କନ୍ୟାର ଦୃଷ୍ଟି ସେ ପାଷାଣ ପ୍ରତିମା ଉପରେ ନାହିଁ । କନ୍ୟାର ବନ୍ଦନା ସେ ମୂକ ନିର୍ବାକ ଦେବତାଙ୍କ ଅଭିମୁଖରେ ଗତି କରୁ ନାହିଁ । କନ୍ୟାର ପୂଜାପାଇଁ ସତେ ଯେମିତି ସେ ଜୀବନ୍ତ ଦେବତା ଜଡ଼ ପାଲଟି ଯାଉଚନ୍ତି ।

ଆଉ କନ୍ୟା !

ଶ୍ରେଷ୍ଠୀ ଯୁବା ନୃତ୍ୟ ଶେଷ ହେଲା ପୂର୍ବରୁ ସମ୍ଭବତଃ କାର୍ଯ୍ୟ ବ୍ୟସ୍ତ ଥାଇ ଆଜି ଅପ୍ରତ୍ୟାଶିତ ଭାବରେ ଚାଲି ଯାଉଥିଲା । କନ୍ୟାର ଦୃଷ୍ଟି ଦ୍ୱାର ଅଭିମୁଖରେ ।

ବନ୍ଦନା ଶେଷ ହେଲା । ନୃତ୍ୟ ସ୍ତମ୍ଭିତ ରହିଲା । ବୈଷ୍ଣବ କୁଟୀରକୁ ଯାଇଁ କେବଳ ମଦନ ଗୋପାଳ ମଦନଗୋପାଳ ବୋଲି ରଡ଼ି ଛାଡ଼ି କାନ୍ଦିଲା ।

କନ୍ୟା ଡାକିଲା—ବାପା ବାପା, କାନ୍ଦୁଛ କାହିଁକି ?

ବୈଷ୍ଣବ କହିଲା—ଆଜି ମଦନ ଗୋପାଳ ମନ୍ଦିର ଛାଡ଼ି ଚାଲିଗଲେ ।

ସେଇଦିନ ରାତିରେ । ବୈଷ୍ଣବର କନ୍ୟା ଶୋଇ ପଡ଼ିଛି । ବୈଷ୍ଣବ ସମସ୍ତ ସ୍ୱର୍ଣ୍ଣମୁଦ୍ରା ଏକତ୍ରିତ କରି କନ୍ୟାର ଉପାଧାନ ତଳେ ଧୀରେ ଧୀରେ ଥୋଇ ଦେଇ କେଉଁଆଡ଼େ ଚାଲିଗଲା କେହି ଜାଣିଲେ ନାହିଁ ।

ବୈଷ୍ଣବର କନ୍ୟା ଓ ଶ୍ରେଷ୍ଠୀର ପୁତ୍ର ବିବାହର ଚତୁର୍ଥ ଦିବସରେ ମଦନ ଗୋପାଳଙ୍କୁ ଭେଟି ଦେବାକୁ ଆସିଥିଲେ । କନ୍ୟା ସେଦିନ ଠାକୁରଙ୍କୁ ପଚାରିଲା—ଠାକୁରେ ଏ କ'ଣ ତମର ପୂଜା ନୁହେଁ ? ପତି କ'ଣ ନାରୀର ଜୀବନ୍ତ ଦେବ ବିଗ୍ରହ ନୁହେଁ ?

ମଦନ ମୋହନ ସେ ଅକୂଳ ପ୍ରଶ୍ନର କି ଉତ୍ତର ଦେଲେ କିଜାଣି !

ସେତିକିବେଳେ ଜଣେ କିଏ ଗାଇ ଆରମ୍ଭିଲା—

ଭାଙ୍ଗି ଯାଉ ମୋର ମନ ଅଟ୍ଟାଳିକା
ଝରିପଡୁ ଆଶା କୁସୁମ କଳିକା
ସଂସାରର ନାଟ ସାରିଦିଅ ମୋର ହାଟ କରି ଦିଅ ଶୂନ୍ୟ ହେ,'

ଶ୍ରେଷ୍ଠୀ ବଧୂ ଚମକି ପଡି ଚାହିଁଲା—ଗାୟକ ତା'ର ବୃଦ୍ଧ ପିତା ନୁହେଁ ।

ନିଛାଟ ରାତି

ନିଛାଟ ରାତି । ଏକୁଟିଆ । ଆଖି ବୁଜାଦିଏ । ତାପରେ, ଏ ଏକୁଟିଆ ଜୀବନର ନିରାଟ ସତ କଥାକୁ ଆଉ କେହି ଜଣେ ଆସି ମିଛ ପ୍ରମାଣ କରିଦେଇ ଯାଉ । ମଣିଷର ସ୍ୱଭାବ ସେ ହକୁବେଳେ ସତଟାକୁ ଘୋଡ଼େଇ ରଖେ । ରଜ୍ଜୁରେ ସେ ସାପର ଭ୍ରମ ଦେଖେ । ସାପକୁ ସେ ରଜ୍ଜୁ କରି ଖେଳାଏ । ଶୁଖିଲା ବରଗଛକୁ ଭୂତ ବୋଲି ଡରେ । ମନ୍ତ୍ର ପଢ଼ି ମଣିଷ ଦେହରୁ ଭୂତ ଛଡ଼ାଏ । ସେ ଲୁଗା ପିନ୍ଧେ—ପୋଷାକ ପରିଚ୍ଛଦ—ଖାଲି ତାର ନଗ୍ନ ସତ୍ୟଟାକୁ ଲୁଚେଇ ରଖିବା ପାଇଁ । ଏଇଟା ସଭ୍ୟତା—ଏଇଟା ଶୋଭା ଆଉ ତମେ ଆମେ ଯାହାକୁ ଆଦର୍ଶ ଭଲ ପାଇବା କହୁଛେ, ସେଇଟା ବି ଏଇମିତି ଗୋଟାଏ ନଗ୍ନତାର ଆବରଣ । ମୁଁ କ'ଣ ଭଲ ପାଇବା ଖୋଜୁଛି ଏଇ ନିରାଟ ସତ୍ୟଟାକୁ ଭ୍ରମ କରି—ଏଇ ନିଛାଟ ରାତିକା ତମର ତାର ନିଛୁଟିଆ ଭାଙ୍ଗିବାକୁ ଯାଉଛି ?

ଏ କଥା କହିଲେ ମତେ ଲୋକେ ହସିବେ । ମାଠାରୁ ସ୍ତ୍ରୀ ବଡ଼ ହୋଇଯାଏ । ତଥାପି ମଣିଷ ତା ଅନ୍ତରର ଏଇ ସତ୍ୟକୁ ଚାପି ରଖିବା ପାଇଁ ମା'କୁ ଚେଷ୍ଟା କରି ବଡ଼ ବୋଲି ଦେଖେଇ ହୁଏ । ଗାଏ—ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ—ଆକାଶଠୁଁ ବଡ଼ ପିତା ମାତା ବଡ଼ ପୃଥିବୀ ଅପେକ୍ଷା । ସେ ମଣିଷଙ୍କୁ ତ କେହି ହସୁ ନାହିଁ—ମୋତେ କାହିଁକି ହସିବେ ।

ମଣିଷର ଏଇ ଆତ୍ମ ପ୍ରତାରଣାର ଅର୍ଥ କ'ଣ ? ଏହି ଭଲ ପାଇବାର ଅର୍ଥ କ'ଣ ? କେହି କହି ପାରିବ ? କେହି ଭାବିଚ ? ମୁଁ ଜାଣି ପାରୁ ନାହିଁ । ଏଇ ନିରନ୍ଧ୍ର ରଜନୀ ଭଳି ମୁଁ ନିଜେ ନିଜକୁ

ଦେଖିପାରୁ ନାହିଁ । ବେଳେ ବେଳେ କଳ୍ପନା କରେ, ସେ ଆସି ବସିଛି, ମୋ ପାଖରେ । ଧୀରେ ଧୀରେ ତା ରେଶମୀ କେଶ ଘେନି ତା' ମଥାଟି ମୋ' କୋଳ ଉପରେ ଥୋଇଲା । ଖାଲି କଳ୍ପନା । କହୁଛି—ମଥାରେ ତାର ବ୍ୟଥା । ମୁଁ ହାତ ଦେଲି । ମୁଁ ତାର ଦେହକୁ ଛୁଇଁ ଥିଲି । ସେ ସିନା ଛୁଇଁ ଥିଲା, ମୁଁ ଛୁଇଁ ନଥିଲି । ଏବେ ଛୁଇଁଲି । ମଥାକୁ ଧୀରେ ଧୀରେ ଆଉଁସି ଦେଲି । ଅବାଧ କେଶକୁ ଶାସନ କରୁଥିଲି । ମନେ ହେଲା ମୋର ଐକାନ୍ତିକ ବ୍ରତ ଭାଙ୍ଗିଗଲା କି ଆଜି ! ମୁଁ କାହିଁକି ଆଜି ଦୁଇଟା ଅନୁଭବ କରୁଛି ?

ପୁଣି ସେହି ନିଛାଟ ରାତିକି ଚାହିଁ । ସେ କହେ—ନା' ତମେ ଦୁହେଁ ଏକ । ସେ ମୋର ଦେହ ଛୁଇଁଛି ସତ କିନ୍ତୁ ସେ ରୋମାଞ୍ଚନ, ସେ ଅନୁଭୂତ ମୋର ନୁହେଁ, ତାର; ତା'ର ଦାଆ ।

ମନହୁଏ, ତାର ଅଧର ପାଖକୁ ଅଧର ନିଅନ୍ତି ! ଏକାନ୍ତରେ ଏକ ହେଇଯିବାର ଲାଳସାରେ । ନେବ ? ସତ୍ୟକୁ ସତ୍ୟ ରୂପରେ ପ୍ରକୃତ ରୂପରେ ଦେଖିବ ?—ଥରେ ଦେଖିବ ।

କିନ୍ତୁ ଅନୁମତ ମିଳେ ନାହିଁ । ଆପଣାର ମନ ଆପଣାର କଳ୍ପନା ଅବାଧ ହୁଏ । ସେଇଠି ପୁଣି ନିଜକୁ ଚାହିଁ ଦେଖେ—ଦୁଇ ହେଇଗଲା ।

ଭଲ ନପାଇବାଟା ତେବେ ଏକ । ଭଲ ପାଇବାଟା ଦୁଇ । 'ଆଜି ଭଲ ପାଇ ନିଜର ଭଲ ପାଇବା ବଦଳରେ ଅନ୍ୟ ଜଣକର ଭଲ ପାଇବାଟାକୁ ପାଇବା ଅର୍ଥ ପୁଣି ଏକ ହେଇଯିବା ।

ପୁଣି ସେଇ ପ୍ରଶ୍ନ—ସେ ମୋତେ ଭଲ ପାଇପାରିବ ! ପ୍ରକୃତ ଭଲ ପାଇ ପାରିବା ହେଇ ପାରିବ ! ଯେଉଁ ଭଲ ପାଇବାରେ ଭଲ

ପାଇବାର ଯାହା ନଗ୍ନରୂପ ତାହା ଏକାବେଳକେ ଢାଙ୍କି ହୋଇ-ପଡ଼ୁଛି । ତାର ଆଉ ଗୋଟାଏ ସତ୍ୟରୂପ ଅଛି ବୋଲି ଯିମିତି ଆଦୌ ବୁଝା ନପଡ଼େ ।

ତେବେ ଏଇ ଅସତ୍ୟ ଭଲ ପାଇବାଟା ପୁଣ୍ୟ ନା ପାପ ! ଭିତରର ଲାଳସାକୁ ଘୋଡ଼ାଇ ରଖି ଉପରେ ତାକୁ ଏମିତି ଗୋଟେ ପୁଣ୍ୟରୂପ ଦେବା ନ୍ୟାୟ ନା ଅନ୍ୟାୟ ।

ପାଣି ଶକ୍ତ ହେଲେ ବରଫ ହୁଏ—ପାଣି ରହେନାହିଁ । ଭଲ ପାଇବା ସେମିତି ସବୁଦିନେ ଭଲ ପାଇବା ଛଡ଼ା ଆଉ କିଛି ହୋଇ ନପାରେ । ସେ ପାପ ହୋଇଥିଲେ ପାପ, ପୁଣ୍ୟ ହୋଇଥିଲେ ପୁଣ୍ୟ। ଏତକ କୁହାଯାଇ ପାରେ ।

ଏଇ ନିସ୍ତବ୍ଧ ରାତି । ନିଜକୁ ନିଜେ ମୁଁ ଦେଖୁଛି—ପଚାରୁଛି—।

ଏଇ ନିସ୍ତବ୍ଧ ରାତି—ସେଠି ସେ ଅଛି ମୋତେ ଦୁଃଖର ଅନୁଭୂତି ଦେବାପାଇଁ ।

ସେଇ ନିସ୍ତବ୍ଧ ରାତିରେ ଆମେ ଦିହେଁ ଛଡ଼ାଛଡ଼ି ହୋଇଯିବୁ । ସେ ମୋତେ ଯିମିତି ଭାବରେ ପାଇବାକୁ ଆଶା କରୁଛି ମୁଁ ତା' ଆଗରେ ଠିକ୍ ସେମିତି ହୋଇ ପାରୁନାହିଁ । ମୁଁ ତାକୁ ଯେମିତି ପାଇବାକୁ ଆଶା କରୁଛି ସେଟା ତା' ପକ୍ଷରେ ଅନ୍ୟାୟ ଅଧର୍ମ ।

ମନେହୁଏ ସେ ମୋତେ ବୁଝେଇ କହୁଛି—ଅନ୍ଧାରରେ କଳ୍ପନା, ଏଇ ନିସ୍ତବ୍ଧ ରାତି ପରି ଗୋଟାଏ ନୁହେଁ—ଭଲ ପାଇବାର କେତେ-କଟା ନ୍ୟାୟ ଆଉ କେତେକଟା ଅନ୍ୟାୟ ।

କିନ୍ତୁ ମୁଁ ତାର ସୀମା ଠିକ୍ କରି ପାରୁନାହିଁ । ମୋର ସେଇଠି ହେଉଚି ଭୁଲ । ମୁଁ ସେଥିପାଇଁ ଧରି ନେଉଛି, ଭଲ ପାଇବାଟା

ଅନ୍ୟାୟ । ନିଷ୍ଠୁର ରାତ ନିଷ୍ଠୁର । ତାର ସେଇ ନିଷ୍ଠୁରିଆ ନଭାଙ୍ଗିବା ଯାଏ ସେ ସେଇ ନିଷ୍ଠୁର ହୋଇ ରହିବ । ଭଲ ପାଇବା—ଅନ୍ୟାୟ ଭଲ ପାଇବା ଅନ୍ୟାୟ ଅଧର୍ମ ହୋଇ ରହିଥିବ ।

ଏଇ ନିଷ୍ଠୁର ରାତଟା ମୋତେ ଛାଡ଼ିଦେବାକୁ ହେବ ନାଁ—ନିଷ୍ଠୁର ରାତ ମୋତେ ଛାଡି ଚାଲିଯିବ ! ମୁଁ ଏଇ ଛାତି ଉପରେ ତାର ଅତ୍ୟାଚାର ସହିବି । ସେଇ ମୋର ଭାଗ୍ୟ ।

ଖାଲି ଗୋଟିଏ କଥା ଭାବୁଛି । ରାତ ଯାଉଛି—ସମସ୍ତେ ଯାଉଛନ୍ତି । ନ୍ୟାୟ ହେଉ ଅନ୍ୟାୟ ହେଉ ସେହି ବୋଝଙ୍କୁ ତ ସମସ୍ତେ ଭାର କରି ବହି ନେଉଛନ୍ତି ।

ସମସ୍ତେ ଚାଲିଗଲେ । ମୁଁ ରହିଗଲି ଏକୁଟିଆ । ପାପକୁ ଡରି ମୁଁ ଗଲି ନାହିଁ । ପାପ ମୋତେ ଏକୁଟିଆ ପାଇ ଆଜି ମାଡି ବସୁଛି । ମୁଁ କ'ଣ କରିବି ? ମୁଁ ବୁଡିଗଲି—ଭାସିଗଲି । ମୋ ପ୍ରତି କାହାରି ହେଲେ ଦୟା ନାହିଁ । ମୋ ପାଇଁ କେହି ହେଲେ ସାହସ କରି ଅଧର୍ମ କରିବ ନାହିଁ ! ତାହେଲେ ମୋତେ କେହି ଭଲ ପାଇବନାହିଁ ।

ଆଉ ମୁଁ ?—ଏଇ ନିଷ୍ଠୁର ରାତରେ ମୁଁ କେବଳ ମୁଁ—ନିଷ୍ଠୁର ।

କଳ୍ପନା ଲିଭିଗଲା ।

ତା'ପରେ

ସମସ୍ତଙ୍କ ଜୀବନରେ ଘଟେ ଘଟୁଛି ଓ ଘଟିବ । ମୋର ଆଉ ନୂଆ କଥା କ'ଣ ! ଯେ ନମାନେ ସେ ମିଛ କଥା କହେ ।

ଯୌବନର ପ୍ରଥମ ଝଲସରେ ମଣିଷ ଯେତେବେଳେ ଗୋଟାଏ ଅଭୂତପୂର୍ବ ଚେତନା ପାଏ ସେତେବେଳେ ସେ ଚାହେଁ, ଦୁନିଆଟା ଯାକର ସବୁ ସୌନ୍ଦର୍ଯ୍ୟକୁ ଚପୁଡ଼ି ତା'ର ରସଟାକୁ ମତୁଆଲା ହୋଇ ପିଇଯିବାପାଇଁ । ରସାଳ ପଦାର୍ଥକୁ ସେ ଗିଳିଦେବାକୁ ଭୟ କରେ ନାହିଁ । ପଣସ ପରି ଯେତେ କଣ୍ଟା ଥାଉ, ନଡ଼ିଆ ପରି ଯେତେ ଟାଣ ଥାଉ, ସେ ଅଡୁଆ ଅସୁବିଧାତକ ତାକୁ ବରଂ ଭଲ ଲାଗେ । କିନ୍ତୁ ଏ ଉତ୍ସାହଟା ସବୁଦିନେ ରହିପାରେ ନାହିଁ ।

କମଳାକୁ ଦେଖି ମୁଁ ଭଲ ପାଇଲି । ତମେ କହ ତାକୁ ଭଲ ପାଇବା । ମୁଁ ବି ସେଦିନ ତମରି ଭାଷାରେ ତାକୁ ଭଲ ପାଇବା ବୋଲି କହୁଥିଲି । କିନ୍ତୁ ଆଜି ମୋର ମନ ହଉଚି ତାର ଆଉ ଗୋଟାଏ କିଛି ନାମ ଦେବାକୁ । ସେ ଭାଷାଟା ଖୋଜି ପାଉନାହିଁ । ପାଗଳାମି ନୁହେଁ । ତେବେ ପାଗଳାମି ବୋଲି କହୁଥାଏ ।

ସେ କିମିତିକା ପାଗଳାମି ଜାଣନ୍ତି । କମଳା ବାହା ହୋଇ ଯାଉଥିବା ଦିନ ଯେଉଁ ପାଗଳାମି ମୁଣ୍ଡରେ ପୂରେଇ ମୁଁ ବିଷ ଖାଇ ଦେବାକୁ ଯାଉଥିଲି, ସେ କାଳର ଭଲ ପାଇବାଟା ସେଇମିତିକା ଧରଣର ଗୋଟିଏ ପାଗଳାମି । ଯେତେବେଳେ ସେ ଧରେ, ଗୋଟି ପ୍ରେତ ଭୂତ ମାଡିବସିଲା ପରି ମାଡ଼ି ବସେ । କିନ୍ତୁ ସେ ବେଶୀ ବେଳ ରହେ ନାହିଁ । ଛାଡିଯାଏ । ଛାତି ଭିତରୁ ସବୁ ଅଳିଆ ଅସନାତକ

ଲଙ୍ଘି ଯୋଉଁ ମନ ତାର ନିର୍ମଳ ନିରୋଳ ହୋଇ ବସିଯାଏ । କିଛି ନଜାଣିଲା ପରି ।

ମୁଁ କୁନ୍ତଳାକୁ ବାହା ହବାଦିନ ମୋର ସେ ସବୁ କିଛି ମନେ ନଥିଲା । କୁନ୍ତଳାକୁ ମୁଁ ବାହା ହୋଇଥିଲି ଆଖିରେ ଅନ୍ଧପଟ୍ଟଳୀ ବାନ୍ଧି ପ୍ରେମ କରି ନୁହେଁ । ବାହା ହେବାପାଇଁ ବାହା ହେଲି । ସମସ୍ତେ ବାହା ହେଉଛନ୍ତି ବୋଲି ବାହା ହେଲି । ବରଂ ବାପ ମା ବାହା କରେଇ ଦେଲେ ବୋଲି ବାହା ହେଲି । ବାହା ହୋଇ ଭଲ ପାଇବାକୁ ହେବ କିମ୍ବା ବାହା ଘରେ ପ୍ରେମ ନାଟକର ଶେଷ ପଟ୍ଟକ୍ଷେପ ହେବ, ଏ ସବୁକଥା ଭାବି ନଥିଲି ।

କୁନ୍ତଳା ସୁନ୍ଦର ଥିଲା କି ଅସୁନ୍ଦର ଥିଲା ମୋତେ ପଚାରିଲେ ମୋ କଥା ଖାଣ୍ଟି ସତ ହୋଇ ପାରିବ ନାହିଁ । ପୁଣି କେତେ ଲୋକ କେତେ ପ୍ରକାର କହନ୍ତି । କାହାରି ଜଣକ କଥାକୁ ସତ ବୋଲି ଧରିଲେ ଆଉ ଜଣକ କଥା ମିଛ ହୋଇଯାଏ । ତେବେ ତା' ଦେହରେ ଯାହା ଯାହା ସୁନ୍ଦର ବୋଲି ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ପ୍ରକାର କହିଥାନ୍ତି ସେ ସବୁକୁ ଗୋଟେଇ ଦେଲେ ସେ ଗୋଟିଏ ତିଲୋତ୍ତମା—କଉଁଠି ବାଛିବାକୁ ନାହିଁ । ପୁଣି ସେଇ ଲୋକେ ତାର ଯଉଁ ଯଉଁ ଅଂଶକୁ ବାଛି ଥାଆନ୍ତି ତାକୁ ଯୋଗ କରି ଦେଖିଲେ ଯୋଗଫଳ ଅନୁସାରେ ସେ ତାଡ଼କା ଅସୁରର ବଡ଼ ଭଉଣୀ । ତେଣୁ ତାର ରୂପ ଗୁଣ ବିଷୟରେ କିଛି ନ କହିବାଇ ଭଲ । କିନ୍ତୁ ସେ ଭଲ ହେଉ ମନ୍ଦ ହେଉ ଯାହା ହେଉ ମୋତେ ବେଶ୍ ଆରେଇ ଗଲା । ମୁଁ ଏକପ୍ରକାର ବାନ୍ଧି ହୋଇ ପଡ଼ିଥିଲି ତା' ଦେହରେ । ଗୋଟାଏ ଜିନିଷ ଭଲ ହଉ ମନ୍ଦ ହଉ ଆପଣାର ବୋଲି ମନେ ହେବା ପରଠୁଁ ମଣିଷ ଆଖି ଇମିତି ଅନ୍ଧ ହୋଇଯାଏ ସ୍ୱାର୍ଥରେ

ଯେ ସେ ଆଉ ଭଲ ମନ୍ଦ ବିଚାର କରି ବସିବାକୁ ଖିଅ ପାଏ ନାହିଁ । ପ୍ରଥମେ ପ୍ରଥମେ ବୋଧହୁଏ ତୁଳନା କରେ । କିନ୍ତୁ ବା ଯାଏ ମନରେ । ମନର ଅବଶୋଷରେ । କିନ୍ତୁ ସେଇଟା କ୍ଷଣସ୍ଥାୟୀ । ମଣିଷ ଆପଣାର ନାକଟା ଆଖିଟା ଅସୁନ୍ଦର ହେଲେ ଯିମିତି ଅନ୍ୟ ଲୋକର ସୁନ୍ଦର ଆଖି ନାକ ଦେଖି ନିଜ ଆଖି ନାକକୁ କାଟି ଫିଙ୍ଗିଦେଇ ପାରେ ନାହିଁ ସେମିତି ଗୋଟାଏ ଆପଣାର ଭାବ ସାଙ୍ଗରେ ଠିକଏ ଠିକଏ ମିଳୁପାଯ୍ୟ ଭାବ ବି ଆସେ ।

କୁନ୍ତଳା ସାଙ୍ଗରେ ମୋର ଦିନଗୁଡ଼ାକ ବେଶ୍ କଟି ଯାଉଥିଲା । ମୋର ଦିନକ ପାଇଁ ମନରେ ଏ ଚିନ୍ତା ଆସିବାର ଡର ନଥିଲା ଯେ ମୁଁ ଅନ୍ୟ କୌଣସି ସ୍ତ୍ରୀ ପାଇଥିଲେ ଅଧିକ ସୁଖୀ ହୋଇଥାନ୍ତି । କିନ୍ତୁ ମୋର ଡର ହେଲା ଆଉ ଗୋଟାଏ ଦିଗରୁ । ମନେ ହେଉଥିଲା ବିଭାଘରର ପ୍ରଥମ କେଇଦିନର ଯଉଁ ନିଶା ସେ କ୍ରମେ କ୍ରମେ ଛାଡ଼ି ଆସୁଛି ।

ଲଳିତାକୁ ମୁଁ ପ୍ରଥମେ ଯେଉଁଦିନ ଦେଖିଲି ସେଦିନ ମୋଠି ଯାହା ହେଲା ତାକୁ ଦୟା ବୋଲି କୁହାଯାଇ ପାରେ । ଦୟାର ପରିଣତି ଯାହା ହେଲା ସେଇଟାକୁ ମୁଁ କ'ଣ କହିବି ? କିନ୍ତୁ ଦୟାରୁ ପ୍ରେମ ଆସେ ନାହିଁ ଏକଥା ମୁଁ ନିଶ୍ଚୟ କହିବି । ଅନେକ ସମୟରେ ପ୍ରେମଟାଇ ଦୟାର ଛଦ୍ମବେଶ ଧରି ଆସେ । ମଣିଷ ଯଉଁ ଦୁର୍ବଳ ମୁହୂର୍ତ୍ତିରେ ଯାହା ନିଜର ଅଛି ତାକୁ ଛାଡି ଯାହା ନାହିଁ, ଯାହା ନିଜର ନୁହେ ତା ଆଡ଼କୁ ଆଖି ପକାଏ ସେତିକିବେଳେ ପ୍ରେମ ବା ପାଇବାର ଲାଳସା ତାର ନିଜର ରୂପ ଦେଖାଏ । ମୋର ସେଇୟା ହେଲା ।

ଲଳିତା ବିଧବା । ବାଲ ବିଧବା ହୋଇଥାଇ ପାରେ । କିନ୍ତୁ ସେ କଥା ମୁଁ ତାକୁ କେବେହେଲେ ପଚାରି ନାହିଁ । ହୃଦୟ ଯେଉଁଠି ପୂର୍ଣ୍ଣ ଥାଏ ସେଠି ପ୍ରଶ୍ନ ଉଠେ ନାହିଁ । ଲଳିତାର ଗୁଲି ଚଳନ କଥା ବାର୍ତ୍ତା ସ୍ୱଭାବ ଚରିତ୍ର ମୋତେ ଗୋଟିମଣେ ବୁଡ଼ାଇ ପକାଇ-ଥିଲା ଯେମିତି ।

ଆଗରେ ପଥର ବାଡ଼ ଆକାଶ ଉଇଁର—ଲୋକ ନିନ୍ଦା । ସେଇଠା ଲାଗିଲା ଖେଳଘର ପରି । ଘରର ସୁଖଶଯ୍ୟା ଛାଡ଼ି ପଶିଲି ଠାଠା କମ୍ମାମାର କାରଖାନା ଭିତରେ—ହାଡ଼ଭଙ୍ଗା ଖଟଣୀ ଖଟିବାକୁ । ପହିଲ୍ କେତେଦିନ ବଡ଼ ଭଲ ଲାଗିଲା । ଲଳିତାର ବେଶ ସଜାଇ-ବାରେ ଖରଚ କରିବା ଥିଲା ମୋର ସବୁଠୁଁ ବଡ଼ ଆନନ୍ଦ । ଲଳିତାର ସେ ବିଧବା ବେଶ ଲୁଚି ଯାଇଛି ଦେଖିଲେ ମୋ ମନ ଭିତରେ ବରଂ ଗୋଟାଏ ଗର୍ବ ହୁଏ ।

ସେତେବେଳେ ମୁଁ ଭାବି ନଥିଲି ଯେ ହଠାତ୍ ଦୁଃସମୟ ଆସିବ । କଲ ଘରକୁ ପ୍ରତିଦିନ ଯାଏ । ଖଟିବା ସହଜରେ ନୁହେଁ । ଲଳିତାର ପ୍ରେମ ନିଶାରେ କହିଲେ ଚଳିବ । କିନ୍ତୁ କଲ ଯେ ପ୍ରତିଦିନ ମୋର ବଳ ବୟସ ଖାଇ ଯାଉଛି ଟୁକ୍ ଗୁଣ୍ଡେ ଗୁଣ୍ଡେ ସେ କଥା ମୁଁ ବୁଝି ପାରି ନଥିଲି । ଥରେ ଭୀଷଣ ବେମାର ପଡ଼ି ଘରେ ବସି ରହିଲି । ଟଙ୍କା ପଇସାର ବଡ଼ ଅଭାବ । ଲଳିତାକୁ ଦେଖି ମୋର ଭାରି କଷ୍ଟ ହେଲା । ପଇସା ନାହିଁ । ଖଟିବାକୁ ବଳ ନାହିଁ । ଲଳିତାକୁ ସାଙ୍ଗରେ ଆଣି ଠିକ୍ କରିଛି କି ନକରିଛି ସେ କଥା ଭାବୁ ନଥିଲି । ଭାବୁଥିଲି, ତାକୁ ସାଙ୍ଗରେ ରଖି ବୋଧହୁଏ ଠିକ୍ କରୁନାହିଁ । ଲଳିତାକୁ ଆଣିଥିଲି ମୁଁ କାହିଁକି ? ଲଳିତାକୁ ମୁଁ ଯଉଥିପାଇଁ ଆଣିଥିଲି ସେ ଯଦି ଆଜି ବି ମୋତେ ସେଇୟା ଦାବି କରେ ତାର

ଅନ୍ୟାୟ ହେବ କି । ମୁଁ ଲଳିତାଙ୍କୁ ଦୋଷ ଦେବି କାହିଁକି ? ସେ ଯଦି ମୋର ଅବସ୍ଥା ସାଙ୍ଗରେ ଆପଣାକୁ ବ୍ୟବସ୍ଥିତ କରି ନପାରେ ତେବେ ତାର କି ଅପରାଧ ! ବରଂ ତାକୁ ପ୍ରଶଂସା କରିବି ଯେ ସେ ତଥାପି ମୋତେ ଛାଡ଼ି ଚାଲିଯାଇ ନାହିଁ ।

ସମସ୍ତେ ମୋର ପୌରୁଷକୁ ନିନ୍ଦା କରନ୍ତୁ ପଛେ ମୁଁଇ ତାକୁ ଛାଡ଼ିଗଲି—ସେ ମୋତେ ଛାଡ଼ି ନଥିଲା । ମୋତେ ଏଡ଼େ ହୀନ ଅବସ୍ଥାରେ ତା' ପାଖରେ ରହିବାକୁ ନିତାନ୍ତ ଅମର୍ଯ୍ୟାଦା ଅପମାନ ବୋଧ ହେଉଥିଲା । ମୁଁ ସେ ପରିସ୍ଥିତି ସହ୍ୟ କରିପାରୁ ନଥିଲି ।

ତା'ପରେ—

ଜାଣେ ନାହିଁ ଆଉ କେତେଦିନ ବଞ୍ଚିବି । କିନ୍ତୁ ବଞ୍ଚିଛି । ଜୀବିକା ବି ଅର୍ଜନ କରୁଛି । ଏଇ ଗଛ ମୂଳରେ ବସି ବହୁ ଲୋକଙ୍କର ଭାଗ୍ୟ ରେଖା ଗଣେ । ଏଟା ଭଣ୍ଡାମି ହୋଇପାରେ । କିନ୍ତୁ ଲୋକେ ସେକଥା ଜାଣି ଶୁଣି ପଚାରନ୍ତି—'ତା ପରେ—'

ସେଇ 'ତାପରେ—'ର ଉତ୍ତର ମୁଁ ପାଏ ନାହିଁ ।

କମଳାର ହାତ ଦେଖିଲି । ମୁଁ କହିଲି, ମନେ ପଡ଼େ ପିଲାଦିନର ଜଣେ ଖୁବ୍ ସାଙ୍ଗକୁ ତମର ।

ସେ କହିଲା—'ନା—ତାପରେ—'

ମୋ ଛାତିରେ ବଡ଼ ଆଘାତ ଲାଗିଥିଲା ।

କୁନ୍ତଳା ଆସିଥିଲା । ଦାଢ଼ୀ ଭିତରେ ମୋତେ ଚିହ୍ନିବାର ଉପାୟ ନାହିଁ । ମୁଁ ତାକୁ କହିଲି, ସ୍ୱାମୀ ତୋର ତୋତେ ଛାଡ଼ି ଦେଇ ଚାଲି ଯାଇଛନ୍ତି । ସେ ଆଉ ଫେରିବେ ନାହିଁ । ସେ କାନ୍ଦିଲା ।

ମୁଁ ନିଜ ଆଖିର ଲୁହକୁ ନିଜ ଭିତରେ ଟୋକି ନେଉଥିଲି । ମୋର ମନେ ହେଲା, କୁନ୍ତଳାର ସ୍ୱାମୀ ହେବାକୁ ମୁଁ ଅଯୋଗ୍ୟ । କୁନ୍ତଳା ଏକାକୀ ଫେରିଗଲା ।

ଶେଷରେ ଆସିଲା ଲଳିତା । ମୁଁ ତାକୁ କହିଲି—'ତମକୁ ଯେ ରାଣୀ କରି ରଖିଥିଲା ସେ ତମର ଦୁଃଖ ସହି ନପାରି ଚାଲିଯାଇଛି । କି ତ୍ୟାଗ ସେ ନକରିଛି ତମ ପାଇଁ ?'

"ମୁଁ କ'ଣ ତା ପାଇଁ କିଛି ତ୍ୟାଗ କରିନାହିଁ ?" ସେ ଉତ୍ତର ଦେଲା ।

ତାପରେ—?

ଅନ୍ଧ

ଅନ୍ଧଟିଏ । ତାର ଆଉ କେହି ନାହିଁ । ଏତିକି ବଙ୍କଟେନୋକୁ ଝିଅ । ସେଇ ଏକା ତାର ସାହା । ବାଡ଼ି ଖଣ୍ଡେ ଧରି ସେଇ ଅନ୍ଧକୁ ବାଟ କଢ଼େଇ ନେଇଯାଏ । ଅନ୍ଧ ଗୀତ ଗାଏ, ଭିକ ମାଗେ । ଝିଅଟି ତାର ଝୁଲି ପତାଇଦିଏ । ସଞ୍ଜ ବେଳକୁ ଦୁହେଁ ଫେରି ଆସନ୍ତି ଖଣ୍ଡିଏ ଭଙ୍ଗା ଘର ତଳକୁ ।

ଅନ୍ଧ ଭାତ ରାନ୍ଧି ବସେ । ଝିଅ ଦିଏ ଚୁଲିକି ଜାଳ ପେଲି । ଅନ୍ଧ କଥା କହେ, ସେ ହୁଁ ଭରେ । ବେଳେ ବେଳେ ଝିଅଟା ଢୁଳେଇ ପଡ଼େ । ଅନ୍ଧ ଡାକେ ଝିଅ ! ଝିଅ ଚମକି ପଡ଼େ ।

ପାଣି ଆଣି ଯାଇ ଝିଅ ଦିନେ ଦିନେ କେତେ ଡେରି କରିଦିଏ । ଅନ୍ଧ ରାଗିଯାଏ । ଗାଳି ଦିଏ—ହଁ ଲୋ ତୁ ମୋତେ ଡରିବୁ କିଆଁ । ଅନ୍ଧ ବାପୁଟାଏ ତ ! ଭାବୁଥିବୁ, ଏ ମଲେ ମୁଁ ନିଶ୍ଚିନ୍ତ । ଝିଅଟିର ଆଖିରେ ଲୁହ ଭରିଯାଏ । ବେଳେ ବେଳେ ବାପର ଭର୍ତ୍ସନା ସହ୍ୟ କରି ନପାରି କାନ୍ଦେ । ଅନ୍ଧ ସେ କାନ୍ଦଣା ଦେଖି ପାରେ ନାହିଁ । ସେ ଲୁହକୁ ପୋଛି ପାରେ ନାହିଁ ।

ଝିଅଟି ଗୋଟିପଣେ ତାର । ଏ ଦୁନିଆର ରାସ୍ତା, ଘାଟ, ଘର, ଦ୍ୱାର ନାଟ ତାମସା, ବାଜା ଖେଳ କାହାରି ଅଧିକାର ନାହିଁ ଝିଅ ଉପରେ । ଝିଅ ପାଖରେ ବସିଥିଲେ ତାର ମନେହୁଏ, ଦୁନିଆ ଅଛି, ଦୁନିଆବାସୀ ମଣିଷ ଭିତରେ ଦୟା ଅଛି, ଭଗବାନ ଅଛନ୍ତି । କିନ୍ତୁ ରାସ୍ତା ମଝିରେ ଥରେ ଥରେ ଅନ୍ଧକୁ ବସେଇ ଦେଇ ଅନ୍ଧ ଝିଅ

ଯେତେବେଳେ ଅପଣାର ସ୍ୱତନ୍ତ୍ର ସତ୍ତାକୁ ଅନୁଭବ କରିବାପାଇଁ ଅଳପ ଦୂରକୁ ଯାଇଁ ବୁଲି ବୁଲି ଦେଖୁଥାଏ, ସେତେବେଳେ ଅନ୍ଧ ମନେ କରେ ଦୁନିଆଟା ଅନ୍ଧ, ଦୁନିଆଟା ନିଷ୍ଠୁର, ଦୁନିଆଁରେ ମଣିଷ ନାହିଁ, ଦୁନିଆଯାକ ମଣିଷର ହୃଦୟ ନାହିଁ—ଭଗବାନ ନାହାନ୍ତି । ଝିଅକୁ ସେ ଗାଳିଦିଏ । କିନ୍ତୁ ପାଖରେ କିଛି ସମୟ ପାଇଲେ ସବୁ ରାଗ ଭୁଲି ହେଇଯାଏ । ଦୁଃଖ କରେ—କାହିଁକି ରାଗିଲି ।

ଅନ୍ଧ ଥରେ ବେମାର ପଡ଼ିଲା, ଭାରି ବେରାମ୍ । ଆଉ ଭିକ ମାଗି ଯାଇ ପାରେନାହିଁ । ଝିଅକୁ ଛାଡ଼ିଦିଏ ଭିକ ଗଣ୍ଡାଏ ଆଣିବାପାଇଁ । ଛୁଡ଼ା ମଣିଷ ଖଣ୍ଡିକ ଉପରେ ପଡ଼ି ଅନେଇଥାଏ ତା ବାଟକୁ । ଭାବେ, ଆସିଲେ ସେ କଥା କହିବ ତା ଆଗରେ । କିନ୍ତୁ ଝିଅ ଯେତେବେଳେ ଫେରେ ସେ ଦେଖେ ଯେ ତାର କହିବାକୁ କିଛି ନାହିଁ । ଓଲଟି ଝିଅଟି ଗୁଲୁରୁ ଗୁଲୁରୁ ହେଇ ତାର ସେଦିନିକାର ଅଭିଜ୍ଞତା କହେ । କଉ ବାବୁ ମାଇଲା, କିଏ ଗାଳିଦେଲା, କା ମାଇପ କାମୁଡ଼ି ଗୋଡ଼େଇ ଆଣିଲା ଆଉ କିଏ ପଇସାଟିଏ ମାଗିଲାରୁ ଅଣିଟିଏ ଦେଲା, ଗୋଟି ଗୋଟି କରି ବାପ ଆଗରେ କହେ । ବାପ ଶୁଣେ । ମନେହୁଏ ଗୋଟାଏ ଦୁନିଆର ଇତିହାସ ଏ ।

କିନ୍ତୁ ଝିଅ ଆଉ କେତେ ମାଗିବ । ଦୁଇଜଣ ଜଣଙ୍କ ମାଗି-ଅଣାରେ କେତେଦିନ ଚଳିବେ । ବାପର ସାଗୁ ବାଲି କିଣି ଆଣି ସାଉ ଦେଖେ ଯେ ତାର ଖାଇବାକୁ ନାହିଁ । କ୍ରମେ କ୍ରମେ ସେ ଭାଙ୍ଗି ପଡ଼ିଲା । ଭୋକରେ ଦିନେ ଦିନେ ତାର ପେଟ ଆଉଠି ହେଉଥାଏ, ସେଇଥିରେ ସେ ଯାଏ ଭିକ ମାଗି । ବଡ଼ କଷ୍ଟ । ସେ ଆଉ ସହି ପାରେନାହିଁ ।

ଦିନେ ଭାରି ଭୋକ ଲାଗୁଥିଲା । ଦୁର୍ବଳ ଗୋଡ ଆଉ ଚାଲି ପାରୁ ନଥିଲା । ସେ ନଥ କରି ବସି ପଡ଼ିଲା ରାସ୍ତା କଡରେ ।

ଲୋକଟିଏ ଆସି ପଚାରିଲା—ଆମ ଘରକୁ ଯିବୁ—ଖାଇବାକୁ ଦେବ। ସେ କିଛି ନ ବୁଝିର ସାଙ୍ଗେ ସାଙ୍ଗେ ଉଠିଲା। ଭୋକ ଆତୁରାରେ ସେ ସବୁ ଭୁଲି ଯାଇଥିଲା—

ସେ କହେ—ମୁଁ ବାପା ପାଖକୁ ଯିବ।

ଲୋକଟି କହେ—ସେଠିକି ଗଲେ ଉପାସରେ ମରିବୁ।

ସେ କହେ—ମୋ ବାପା।

ଲୋକଟି କହେ—ବାପ ବାପ ହବୁ ତ ତଣ୍ଟି ଚପିଦେବ।

ସେ ଏଣେ ବାପ ବାପ ହେଇ କାନ୍ଦୁଥିଲା। ଫିଟିକରି ଯିବାର ଉପାୟ ନଥିଲା। ଆଜି ତା' ବାପ।

ସବୁଦିନ ପରି ଅନ୍ଧ ସେଦିନ ବି ଚାହିଁଲା—ଝିଅ ଆଜି ଫେରିଲା ନାହିଁ। ଦିନେ ଗଲା ଦୁଇଦିନ ଗଲା। ଝିଅର ଦେଖା ନାହିଁ। ଅନ୍ଧ ଘୁସୁରି ଘୁସୁରି ଯାଇ ରାସ୍ତା କଡ଼ରେ ବସି ଡାକିଲା—ବାବୁ ଗୋଟିଏ ପଇସା।

ଡାକ ଦିଏ—ତେଣେ କାନପାରେ, ଝିଅ ପାଟି ଶୁଭିଲା କି।

କିନ୍ତୁ ଝିଅ କାହିଁ।

ବର୍ଷା ଆସେ, ଝଡ଼ ଆସେ, ବିଜୁଳି ମାରେ, ଘଡ଼ଘଡ଼ି ଫାଟି ପଡ଼େ, ଅନ୍ଧ କାନ୍ଦେ, ତା' ଛାତି ଫାଟିଯାଉଛି ସତେ କି। ସାତପାଙ୍କ ପଲ୍ଲ ଭିତରେ ପଡ଼ି ଅନ୍ଧ ଅନ୍ଧାରର ଅନ୍ଧାର ଭିତରେ କ'ଣ ଖୋଜେ, କାହାକୁ ଚହ୍ନୁଥାଏ କଜାଣି।

ସେ ଏବେ ବି ବଞ୍ଚିଛି, ଖାଲି ଏଇ ଦୁଃଖର ଅନୁଭୂତି—ହୃଦୟର ପରାସଠିକୁ ଆଜି କାହାକୁ ଦେଇ ପାରୁନାହିଁ ବୋଲି।

ଝିଅ ଭୁଲିଗଲା। ଯୌବନ ତାକୁ ଭୁଲେଇ ଦେଲା। କିନ୍ତୁ ଅନ୍ଧ?

ନିର୍ବାଣ

କେଉଁ ବିସ୍ମୃତ ଅତୀତର କଥା ।

ବୌଦ୍ଧଯୁଗ ।

ନିବିଡ଼ ଅରଣ୍ୟାନି ।

ଆଜାନୁ ଲମ୍ବିତ ବାହୁ । ଆକର୍ଣ୍ଣ ବିସ୍ତାରି ଭ୍ରୂ । ଆକଣ୍ଠ ଶୋଭିତ କର୍ଣ୍ଣ । ସୁଦୀର୍ଘ ଲଲାଟ । ସୁଗୋଲ ମୁଖମଣ୍ଡଳ । ସୁକାନ୍ତ ସୁଗଠ ଅଙ୍ଗ ଯଷ୍ଟି । ଜଣେ ଆର୍ଯ୍ୟ ଯୁବକ । ଭିକ୍ଷୁ । ତପସ୍ୟାରତ ସାଧକ ।

* * * *

ଉଷାଗମର ଅବ୍ୟବହିତ ପୂର୍ବରୁ, ତମସାବୃତ ରଜନୀର ବୁକୁ ବିଦାରଣ କରି ଯେତେବେଳେ ପ୍ରକାଶର କ୍ଷୀଣତମ ଆଭାସ ବାୟୁ-ମଣ୍ଡଳକୁ ପୁଲକିତ କରେ, ସେତେବେଳେ ଗୋଟାଏ ଅତି ପରିଚିତ ଶର ପ୍ରତ୍ୟାଶିତ କାକଳୀର ସ୍ପନ୍ଦନରେ ଭିକ୍ଷୁ ଉନ୍ମିଳିତ ହୋଇ ଆସେ ।

ସେ କାକଳୀ କମ୍ପନ ବ୍ୟତିରେକେ ତମସା ଯେପରି ବିଦୂରିତ ହେବାର ନୁହେଁ, ସୁଷୁପ୍ତି ଯେପରି ଅପସାରିତ ହୁଅନ୍ତା ନାହିଁ । ଶରୀର ସ୍ଥାଣୁ ଅକର୍ମଠ, ସମସ୍ତ ସୃଷ୍ଟି ଯେପରି ଜଡ଼ ଅଚେତନ ହୋଇ ପଡ଼ି ରହନ୍ତା ।

* * * *

ନିତ୍ୟକର୍ମ ସମାପନାନ୍ତେ ସାମାନ୍ୟ ଫଳାହାର କରି ଭିକ୍ଷୁ ଯେତେବେଳେ ବଳିଷ୍ଠ ବଟ ବୃକ୍ଷ ତଳେ ଚକ୍ଷୁ ମୁଦ୍ରିତ କରି ସିଦ୍ଧ ଆସନରେ ବସି ଧ୍ୟାନ ମଗ୍ନ, ସେତେବେଳେ ପ୍ରତିଦିନ, ବାଳିକାଟିଏ ଆସି ତାଙ୍କୁ ପ୍ରଣିପାତ କରେ—

"ବୁଦ୍ଧଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି
ସତ୍ୟଂ ଶରଣଂ ଗଚ୍ଛାମି !"

ତାପରେ ସେଇ ପାର୍ବତୀୟ ପ୍ରଦେଶରେ ଗୋଟାଏ ଅନୁଭୂତ ପ୍ରହେଳିକା ଭଳି ଅନ୍ତର୍ହିତ ହୋଇଯାଏ ।

ସନ୍ଧ୍ୟା ଆସେ । ସୂର୍ଯ୍ୟ ଅସ୍ତାଚଳ-ଗାମୀ ହୁଅନ୍ତି । ସାକ୍ଷାତ୍ କରୁଣା ସଦୃଶା ସେଇ ତରୁଣୀ ପୁଣି ଆବିର୍ଭୂତ ହୁଏ । ପ୍ରଣାମ କରି କହେ—

ହିଂସା ବହୁଦୂର ହେଉ
କାମନା ବହୁଦୂର ହେଉ
ଦୁଃଖ ବିନଷ୍ଟ ହେଉ

ଧ୍ୟାନରତ ସନ୍ନ୍ୟାସୀ ଧୀରେ ଧୀରେ ସଚେତନ ହୁଅନ୍ତି । ଅର୍ଦ୍ଧ ଅବଗୁଣ୍ଠନବତୀ କୁମାରୀ ସନ୍ଧ୍ୟାରେ ଆଲୋକବତ୍ ଘନ ଘନ ଲତାର ଅନ୍ତରାଳରେ ଅନ୍ତର୍ହିତ ହୋଇଯାଏ ।

❋ ❋ ❋ ❋

ପ୍ରତିଦିନ—ସକାଳ ଓ ସନ୍ଧ୍ୟା ।
ପ୍ରଭାତରେ ସେଇ ମଧୁର ସ୍ୱର—
ସନ୍ଧ୍ୟାରେ ସେଇ ସ୍ତୁତି ବଚନ—

ଧୀରେ ଧୀରେ ସେ ସବୁ ମୂର୍ତ୍ତିମସ୍ତୁ ହୋଇ ଉଠିଲା । କୁମାରୀର ଅନୁପସ୍ଥିତିରେ ମଧ୍ୟ ଭିକ୍ଷୁ ଶୁଣନ୍ତି—ବୁଦ୍ଧଂ ଶରଣଂ ଗଚ୍ଛାମି ।

❀ ❀ ❀ ❀

ଏହି ଧାରା ବାହିକତାକୁ ଭଗ୍ନ କରି ସେଦିନ ଅକସ୍ମାତ୍ ଉପସ୍ଥିତ ହୋଇଥିଲେ ଜଣେ ରାଜକୁମାର । ସନ୍ନ୍ୟାସୀ ସଦ୍ୟ ଧ୍ୟାନ ରତ । କୁମାରୀ ପ୍ରଣିପାତ କରି ଫେରି ଗୁହାଁଲା—ଅପୂର୍ବ, ଅନାହୁତ, ଅପ୍ରତ୍ୟାଶିତ, ଅଦୃଷ୍ଟପୂର୍ବ, ଆଗନ୍ତୁକ—ରାଜକୁମାର !

କି ସୁନ୍ଦର, କି ମନୋହର, କି କାନ୍ତି, କି ଲାବଣ୍ୟ ! ଉଦୀୟମାନ ସୂର୍ଯ୍ୟର ସମ୍ମୁଖରେ କୁମାରୀ ଲଜ୍ଜାବତୀ ଲତିକା ସଦୃଶ ସଙ୍କୁଚିତ ହୋଇ ପଡୁଥିଲା ।

❀ ❀ ❀ ❀

ପ୍ରତିଦିନ, ସେଇଠି ସେଇ ସ୍ଥଳରେ, ସନ୍ନ୍ୟାସୀ ଧ୍ୟାନରତ ହୋଇ ଯାଆନ୍ତି । କୁମାରୀ ଫେରି ପଡ଼ି ଗୁହେଁ—ଅଦୂରରେ ରାଜକୁମାର !

ଦିନ ପରେ ଦିନ ଗଡ଼ିଯାଏ । କୁମାରୀ ଅଧୀର ହେଇ ଉଠେ । କଣ୍ଠରେ କର୍କଶତା, ବ୍ୟସ୍ତତା, ଅସ୍ଥିରତା । ସନ୍ନ୍ୟାସୀଙ୍କ ଧ୍ୟାନମଗ୍ନ ହେବାରେ କଷ୍ଟ ହୁଏ । ଅଳ୍ପ ସମୟ ପରେ ଧ୍ୟାନ ଭଗ୍ନ ହୁଏ । ପାଖରେ କେହି ନଥାନ୍ତି ।

ଦୋଳାୟିତ ପଦ୍ମ ଛାୟାରେ ଏକ ବିକଟ ରୂପ ଦେଖାଯାଏ । ସନ୍ନ୍ୟାସୀ ଅନ୍ତରରେ ସନ୍ଦେହର ରାକ୍ଷସୀ ମୂର୍ତ୍ତି ସନ୍ଦର୍ଶନ କରି ଭୀତତ୍ରସ୍ତ ହୋଇ ଉଠନ୍ତି ।

* * * *

"ସଂଘଂ—ସଂଘଂ—ସଂଘଂ—ସଂଘଂ ଶରଣଂ ଗଚ୍ଛ
ବୁଦ୍ଧଂ ଶରଣଂ ଗଚ୍ଛ—
ଧର୍ମଂ ଧର୍ମ—ଧର୍ମଂ ।"

କୁମାରୀ ଫେର ପଡ଼ିଥିଲା । ସନ୍ନ୍ୟାସୀଙ୍କର ଲଗ୍ନଯୋଗ ଭାଙ୍ଗିଲା । ସେ ଚକ୍ଷୁ ଉନ୍ମୋଚନ କରି ଚାହିଁଲେ—କଣ୍ଠରୁ ଝରେ ସମ୍ବୋଧନ ଜଣେ ରାଜକୁମାର !

* * * *

ଦିନପରେ ଦିନ ଚାଲିଯାଏ । ସନ୍ଧ୍ୟା ଆସେ । କୁମାରୀ ସନ୍ଧ୍ୟା ପରେ ସନ୍ଧ୍ୟା ଆସି ସ୍ୱସ୍ତି ବାଣୀ ଶୁଣାଏ । କିନ୍ତୁ ସାଧକର ଧ୍ୟାନଭଙ୍ଗ ହୁଏ ନାହିଁ ।

* * * *

ଶବ୍ଦ ଶୁଭେ—ବୁଦ୍ଧଂ ଶରଣଂ ଗଚ୍ଛାମି
ଧ୍ୱନି ଉଠେ—ହଂସା ବହୁଦୂର ହେଉ
ତଥାପି ତପସ୍ୟାର ଶେଷ ନାହିଁ କିମ୍ବା ଆରମ୍ଭ ନାହିଁ ।

* * * *

ଦିନେ ସେଇ ଆସନ ଉପରେ ସନ୍ନ୍ୟାସୀର ଦେହ ଢଳି ପଡ଼ିଥିଲା । ଅନୁତପ୍ତା କୁମାରୀ ସେଦିନ ଭୂର୍ଜପତ୍ର ଲିଖିତ ଖଣ୍ଡିଏ ଚିଠାଉ ସେହି ସନ୍ନ୍ୟାସୀଙ୍କର ଆସନ ତଳରୁ ପାଇଥିଲା ।

"ଇତର ଜୀବକୁ କଷ୍ଟ ଦେବାରେ ବା ହିଂସା ଆଚରଣ କରିବାରେ ପାପ ହୁଏ । କିନ୍ତୁ ହିଂସ୍ର ଆଚରଣ କରିବା ପଶୁଙ୍କୁ ଆପଣାକୁ ରକ୍ଷା କରିବାକୁ ଯାଇ ମଣିଷ ନିଜ ପ୍ରତି ଯେଉଁ ହିଂସା ଆଚରଣ କରେ ତା' କମ୍ ପରିତାପର ବିଷୟ ନୁହେଁ । ଗୋଟିକୁ ସମର୍ଥନକରି ଅନ୍ୟଟିକୁ ଉପେକ୍ଷା କରିବା ବୋଧହୁଏ ମନୁଷ୍ୟ ପକ୍ଷରେ ଅସମ୍ଭବ ।"

ତାର ଉତ୍ତର କୁମାରଙ୍କ ଅନୁରୋଧରେ କୁମାରୀ ଲେଖିଥିଲା—"ସଂଘରେ ନାରୀର ସ୍ଥାନ ଅପରିହାର୍ଯ୍ୟ । କାରଣ ସାଧକ ଜୀବନରେ ନାରୀ ପ୍ରେରଣା—ସଂଯମୀ ଜୀବନରେ ନାରୀ ଶୃଙ୍ଖଳା । ନାରୀକୁ ନିଜ ଭିତରେ ଦେଖିବାକୁ ଚେଷ୍ଟା କଲେ ନାରୀ, ବାସନା, ବିଳାସ, ହିଂସାର ମୂର୍ତ୍ତିମତୀ । କିନ୍ତୁ ନାରୀ ଭିତରେ ନିଜକୁ ଦେଖିବାକୁ ଚେଷ୍ଟାକଲେ ନାରୀ ତ୍ୟାଗ ଓ କଲ୍ୟାଣର ପ୍ରତିମା । ନାରୀର ସତ୍ୟ ଅବସ୍ଥିତିକୁ ଅସ୍ୱୀକାର କରିବା ଅର୍ଥ ମିଥ୍ୟାକୁ ପ୍ରଶ୍ରୟ ଦେବା ।

* * * *

ରାଜକୁମାର ଗୋଟିଏ ସ୍ମୃତିଫଳକରେ ତାର ସମାଧାନ କରି ଯାଇଥିଲେ—

"ଯାହା ଜୀବନରେ ସମ୍ଭବ ନହୁଏ ତା' କେବଳ ମୃତ୍ୟୁରେହିଁ ସମ୍ଭବ ହୋଇପାରେ ।

* * *

ଦଣ୍ଡ

ଫୁଲ୍ ବଗିଚାରେ ଫୁଲ୍ ଫୁଟେ । ମୂଲ୍ କେହି ବୁଝେ ନାହି । ମୂଲ୍ ତାର ନାହିଁ । ଯାଇ ଯୂଇ ମଲ୍ଲୀ ମାଳତୀର ମୂଲ୍ ବସେ । ତା'ର ବି ମୂଲ୍ । ମଞ୍ଚାତଳ ଘାଇରେ ଦୂବ କିଆରି ଦନ୍ଦରେ ଲଟେଇ ମାଡ଼ୁଛି ସରୁ ଲତାଟିଏ । ତା'ର ମୂନରେ ଫୁଲଟିଏ । ଏଠି ସେଠି ଦୁଇଚାରିଟା ଫୁଲ କାନଶିରି ନୁହେଁ । ସେଇମିତିକା—ସେଇ ଜାତର ।

"ଏ କି ଫୁଲ ମାଲ୍ତୀ ?"

"କିଜାଣି !"

କେହି ଜାଣନ୍ତି ନାହିଁ ସେ କି ଫୁଲ । ଆନନ୍ଦ ନିତି ନିତି ଯାଇଁ ସେଇ ଫୁଲ ପାଖରେ ଠିଆ ହୁଏ । ଭଲ ଲାଗେ । ପଛଆଡ଼େ ନାନା ଜାତିର ଫୁଲ । ସେ ବାସନା ତା ନାକ ଭିତରେ ପରଶ ସଞ୍ଚାର କରେ ନାହିଁ । ଗୋଲାପର ଗଣ୍ଡ ଅଭିମାନରେ ଲାଲି ହୋଇ ଉଠେ । ଅପରାଜିତା ଦୁଃଖରେ କାଳି ପଡ଼ିଯାଏ । ଟଗର ଚାହିଁ ରହେ ଧଳା ଧଳା ଆଖିରେ । କଳା ଡ଼ୋଳା ତାର ପତ୍ର ଭିତରେ ଲୁଚିଯାଇଛି ଯେମିତି । ମଲ୍ଲୀ, ମଲ ମଲ ବୋଲି ଝୁଙ୍କି ପଡ଼େ । ଆନନ୍ଦ ଚାହେଁ ନାହିଁ । ଆନନ୍ଦକୁ ଆଉ କିଛି ଭଲ ଲାଗେ ନାହିଁ ।

ଭଲ ଲାଗିବାର କାରଣ ନଥାଏ । କାହାକୁ କାହିଁକି କଏ କେଉଁଠି ଭଲ ଲାଗେ ତାର ଧରାବନ୍ଧା ଗତ ନାହିଁ । ହାରମୋନିୟମ୍‌ର ସାଣ୍ଟ୍ ଚିପିଲେ ସେ ବାଜେ ନାହିଁ ।

ସୌନ୍ଦର୍ଯ୍ୟ ? ବାସନା ? ନାଃ ! ରୂପ ଗୁଣ ଉତ୍କୃଷ୍ଟରେ ନାହିଁ । ଭଲ ଲାଗିବାର ମୌଳିକ ଗୁଣିତକ ଗୁଣନିୟୁକ ସବୁ ଉପରୁ ଭଲ ଲାଗିବା ।

ସେଇ ଫୁଲଟି ତାକୁ ଭଲ ଲାଗେ । ମାଲୁଣୀ ହସେ । କି ପୁଅ ଲୋ ଏ ମା !

ଆନନ୍ଦ ସେ ଫୁଲକୁ ହାତରେ ଧରେ ! ତୋଳେ ନାହିଁ । ହାତକୁ ଆଣି ନାକ ପାଖକୁ ନେଇ ନେଇ ଚମକି ପଡ଼େ । ହାତ ଥମିଯାଏ । ନାକରେ ଲାଗେ ନାହିଁ ।

ଧୀରେ ଧୀରେ ଆପଣା ଗଣ୍ଡକୁ ନେଇ ସେଇ ଫୁଲର ପାଖୁଡ଼ା ଦେହରେ ଘସିଦେବାକୁ ମନ କରେ । ମୁନିଆ ଯତର ପୋଷାକ ହୋଇ ଯାଏ । ମନ ତାର ଭାଙ୍ଗିଯାଏ ।

ଦିନର ଅପରିଶ୍ରାନ୍ତ କର୍ମ ଭିତରେ ସେ କେଉଁଠି ସେ ଫୁଲକୁ ହଜାଇଥାଏ କଜାଣି ! ସଞ୍ଜ ହେଲେ ସେ ଫୁଲର ଭୂତ ଆସି ତାକୁ ରେଶମୀ ଅବାଜରେ ଡାକେ—ସେ ରହି ପାରେନାହିଁ । ସବୁ କାମ ଛାଡ଼ି ସେ ଯାଏ ସେଇ ଫୁଲ ପାଖକୁ । ସଂସାରର ସବୁ ଭାର, ସବୁ ଦାୟିତ୍ୱର ବୋଝକୁ ସେ ଦଣ୍ଡକ ପାଇଁ ଫିଙ୍ଗିଦିଏ । ଶରୀରର ସଂଭୋଗ କ୍ଷଣକପାଇଁ ତୁଚ୍ଛ ହୋଇଯାଏ । ଅଶନ ବ୍ୟସନ ପିତା ଲାଗେ । ପ୍ରଶସ୍ତି ପ୍ରଶଂସା ବିରକ୍ତି ଆଣିଦିଏ । ଆନନ୍ଦ ଚାଲେ ସେଇ ଅଜ୍ଞାତ କୁଳଶୀଳା କୁସୁମ କଳିକାର ସନ୍ନିଧିକୁ ।

ମାଇପିଟିଏ ଆସି କହେ—ପୁଅ, ସେ ଫୁଲରେ ହାତ ଦେବୁ-ନାହିଁ । ସେ ଫୁଲ ଲଗେଇଛି ମୋ ପୁଅ !

"ପୁଅ !" ଆନନ୍ଦ ଆଶ୍ଚର୍ଯ୍ୟ ହୁଏ ।

"ହଁ, ହଁ ମୋ ପୁଅ । ରଜାଙ୍କ ରଣ ଡାକରା ଆସିଲା । ସେ ଗଲା । ଯାଇଛି ଯେ ଆଜ ଫେରିନାହିଁ—ତିନିବର୍ଷ ହେଲାଣି । ଯିବା ଦିନ ସେଇ ଫୁଲଟିକୁ ସେ ଲଗେଇ ଦେଇ ଗଲା । ଏ ଫୁଲ ଥିବାଯାକେ ମୋ ପୁଅ ମୁଣ୍ଡରୁ ସବୁ ବିପଦ ଟଳି ପଡ଼ିବ । ଏ ଫୁଲ ମଉଳି ଗଲେ କି ମରିଗଲେ ଆଜ ମୋ ପୁଅ ବଞ୍ଚିବ ନାହିଁ । ଜାଣିଥା—ସେ ଫୁଲରେ ହାତ ଦେବୁନାହିଁ ।"

ମାଇପିଟି ଚାଲ୍‌ଯାଏ । ଅନନ୍ଦ ସେଇମିତି ଚାହିଁ ଥାଏ ।

ଦିନ ପରେ ଦିନ ଚାଲ୍‌ଯାଏ । ମାଇପିଟିର ପୁଅ ଫେରେନାହିଁ । ଯୁଦ୍ଧ ସରେ ନାହିଁ । ଅନନ୍ଦ ନିତ ଆସେ । ସେ ଫୁଲକୁ ଦେଖିଯାଏ । ନିତି ନିତି ନୂଆ ନୂଆ ଫୁଲ ଫୁଟେ । ପୁରୁଣା ଝଡ଼ି ପଡ଼େ । କିନ୍ତୁ ଫୁଲ ଥାଏ । ସବୁଦିନିକା ପୁରୁଣା ଜିନିଷଟା ନିତ ନୂଆ ନୂଆ ପସରା ବାଢିଲେ ଭଲ ପାଇବା ଲୋକଙ୍କୁ ଭଲ ଲାଗିବା ଭିତରେ ଗୋଟେ ଭୟ ଥାଏ ସେଇଟା କି କଥାକୁ କେହି ବୁଝିପାରନ୍ତି ନାହିଁ । ହୁଏ ତ ଆପଣାକୁ ଭୁଲିଯିବାର ଭୟ ହୋଇପାରେ ।

... ...

ଯୁଦ୍ଧ ସରିଛି । ମାଇପିଟିର ପୁଅ ଘରକୁ ଫେରିଛି ।

ଚାରିଆଡ଼େ ଉଚ୍ଛବ । ଚାରିଆଡ଼େ ଚହଲ ପଡ଼ିଯାଇଛି । ପାଇକମାନେ ହୋ-ହାଲ୍ଲା ପକାଇ ମାତିଛନ୍ତି ନାଚ ଗୀତରେ ।

ଅନନ୍ଦ ଧୀରେ ଧୀରେ ସେଇ ଫୁଲ ବଗିଚାକୁ ଗଲା ।

ଫୁଲ ନାହିଁ ! ଫୁଲ ନାହିଁ !

"ମାଲୁଣୀ, ଫୁଲ ?"

ସେ ମାଇପିଟିର ପୁଅ ଆସିଲା ।

"ମାଲୁଣୀ, ମୋ ଫୁଲ୍ !"

ଫୁଲ୍ ଜିଏ ନେଲା ! ରାଜ ଦରବାରରେ ପଡିଲା ବିଗୁର । ଆନନ୍ଦ ମାନିଲା—ସେ ନିତି ନିତି ସେ ଫୁଲ୍ ଦେଖିବାକୁ ଆସେ । ସେ ଫୁଲ୍‌କୁ ତା' ଛଡ଼ା ଆଉ କେହି ଦେଖି ନଥିଲେ । ଆନନ୍ଦକୁ ମିଳିଲା ଦଣ୍ଡ । ରାଜକୁମାର ବିଗୁର କଲେ ।

ସେଦିନ ଆନନ୍ଦ ହସି ହସି ସେ ଦଣ୍ଡ ବରଣ କରିଥିଲା । ଖାଲି ଭଲ ପାଇବାର ଦଣ୍ଡ ।

କିନ୍ତୁ ଫୁଲ୍ ଥିଲା ରାଜକୁମାରଙ୍କ ବେକରେ । ଆନନ୍ଦ ଦେଖିଛି ।

ଆନନ୍ଦର ହୃଦୟ ପରି ଅସଂଖ୍ୟ ହୃଦୟ । ଏ ସଂସାରରେ ଚିରଦିନ ଦଣ୍ଡ ଭୋଗୁଛନ୍ତି ।

...　　...　　...

ମନେ ମନେ

କେହି ନଥାନ୍ତି—ସତ୍ୟ ନଥାଏ—ଆଜି ଥାଏ ସଞ୍ଜୁଆଳୀ ତାରା—ଜଳୁଥାଏ ଜକ ଜକ ହୋଇ—ଜହ୍ନ ନଥାଏ—ଅନ୍ଧାର ପକ୍ଷ।

ଭଲ ପାଇବାର ପରିଚୟ ମାଗି ସେଇ ପ୍ରଶ୍ନ ଆସିଲା—ସେଇ ଆଦମ ଯୁଗର ପ୍ରଶ୍ନ । "ତମେ ମୋତେ ଭଲ ପାଅ ?"

ତା'ର ଉତ୍ତର 'ନା' ହୋଇପାରେ ନା । ସେ ପ୍ରଶ୍ନର ଉତ୍ତର ସେ ନିଜେ । ଉତ୍ତର ପାଇବାର ଥିଲେ ସେ ପ୍ରଶ୍ନ ଉଠି ନଥାନ୍ତା । ସେ ପ୍ରଶ୍ନ ହୃଦୟର କେତେ ଆଲୋଡ଼ନ କେତେ ଆନ୍ଦୋଳନ ପରେ ଉଠିଛି । ସେ ପ୍ରଶ୍ନ ନିଜ ଭିତରେ କେତେଥର ମରି ପୁଣି ନୂଆ ଜୀବନ ପାଇଛି । ସେ ପ୍ରଶ୍ନର ଉତ୍ତର କେତେଥର ମନେ ମନେ ଦୋଅ ସଂଶୟ—ଅସ୍ତି ନାସ୍ତି ହୋଇ । ସେ ପ୍ରଶ୍ନ କେତେ ପୁଲକ ଆଣିଛି ଆଉ କେତେ ଅଶ୍ରୁ ।

ସେଇ ପ୍ରଶ୍ନ ତାର ବି ପଚାରିବାର ଥିଲା । ସେଥିପାଇଁ ସେ ପ୍ରଶ୍ନର ଉତ୍ତର 'ନାଁ' ହୋଇ ପାରେନା । ଯେଉଁ ପ୍ରଶ୍ନର ଉତ୍ତର ଏକ ସେ ପ୍ରଶ୍ନ ପ୍ରଶ୍ନ ନୁହେଁ—ଆଦେଶ । 'ଭଲ ପାଅ ?' ନୁହେଁ—'ଭଲ ପାଇବାକୁ ହବ ।'

ଭଲ ପାଇବାକୁ ହେବ । ସେ ବି ଭଲ ପାଇବ । କ'ଣ କଥାରେ ? ଭଲ ପାଇବାଟା କ'ଣ କେବଳ କଥାର କଥା ? ଭଲ ପାଇବାର ବିନିମୟ କେବଳ କ'ଣ ମନେ ମନେ ହୁଏ ? ତାର

ନିଦର୍ଶନ କ'ଣ ? ଯାହା ମନରେ ଉଠେ ସେ ଭାବ । ଭାବର ଅଭିପ୍ରକାଶ କଲା । ପ୍ରେମ କ'ଣ କେବଳ ଭାବ—ତାର ବିକାଶ ନାହିଁ ?

ପ୍ରେମର ନିଦର୍ଶନ କ'ଣ ହୋଇପାରେ ! ସେ ପଚାରିବ—'ତମେ ମୋତେ କ'ଣ ଦେଇପାର ?'

ତାର ଉତ୍ତର ହବ—'ମୁଁ ତୋତେ କ'ଣ ନ ଦେଇପାରେ ?'

ହସ ମାଡ଼େ । ମଣିଷ କ'ଣ ଦେଇପାରେ କାହାକୁ ? କିଛି ଦେଇପାରେ ନାହିଁ । ଅଥଚ ପ୍ରଶ୍ନର ଉତ୍ତରରେ ସେ କହିଦିଏ 'ସବୁ ଦେଇ ପାରେ ।' ପ୍ରେମ ପାଇଁ ସେ ସବୁ ଛାଡ଼ିପାରେ । ଜାତି, କୁଳ, ଧର୍ମ, ସମାଜ, ଲଜ୍ଜା ସରମ, ମାନ ଅଭିମାନ, ଧନ, ସମ୍ପତ୍ତି, ଜୀବନ ସବୁ ତ୍ୟାଗ କରିପାରେ । ଭଲ ପାଇବାକୁ ହେଲେ ତାକୁ କିଛି ଛାଡ଼ିବାକୁ ହେବ ନାହିଁ—ସବୁ ଧରି ରଖିବାକୁ ହବ ।

'ଏ ବିବାହରେ ବାପ ମା' ରାଜି ନୁହନ୍ତି ।'

'ମୋ ପାଇଁ ତମେ ବାପ ମା'ଙ୍କୁ ଛାଡ଼ି ପାରିବ ?"

ତାର ଉତ୍ତର ହେବ—'ନା' । ସେ କାନ୍ଦିବ । ଏ ଭଲ ପାଇବାକୁ ଛଳନା ବୋଲି ଭାବିବ । କିନ୍ତୁ ପ୍ରକୃତରେ ଏ ଭଲ ପାଇବା ଛଳନା ନୁହେଁ ପ୍ରକୃତ । ଆଜି ଯେ ବାପ ମା'ଙ୍କୁ ଛାଡ଼ି ବିବାହ କରିବାକୁ ଯିବେ ସେ ପୁଣି କାଲି ବାପ ମା ହେବେ ତ !

"ଦୁନିଆ ଏକ ପକ୍ଷରେ—ଆଉ ମୁଁ ଏକ ପକ୍ଷରେ—ତମେ କାହାକୁ ଚାହିଁ ?"

ମଜାର ପ୍ରଶ୍ନ । ଦୁନିଆଠାରୁ ସେ ହୁଏ ତ ବଡ଼ । କିନ୍ତୁ ଦୁନିଆକୁ ଛାଡ଼ି ତାକୁ ନେବାର କୌଣସି ଅର୍ଥ ହୁଏ ନାହିଁ । ଦୁନିଆରେଇ ତ ଦୁହିଁଙ୍କ ରହିବାକୁ ହବ ।

ଜାତି, କୁଳ, ଧର୍ମ, ସମାଜ, ଧନ ସମ୍ପତ୍ତି ସବୁକୁ ଛାଡ଼ିଦେଇ ପୁରୁଷ ପ୍ରେୟସୀଙ୍କୁ ଧରି ଚାଲିଯାଇ ପାରେ । କିନ୍ତୁ ଜାତି, କୁଳ, ଧର୍ମ, ସମାଜ, ଧନ, ସମ୍ପତ୍ତି ତାକୁ ଛାଡ଼ିଦେବ ନାହିଁ । ନୂଆ ଜାତି, ନୂଆ କୁଳ, ନୂଆ ଧର୍ମ, ନୂଆ ସମାଜ, ନୂଆ କରି ଘର ଦ୍ୱାର ଧନ ସମ୍ପତ୍ତି ସବୁ ଗଢି ଉଠିବ ।

"ମୁଁ ଚାହେଁ ତମର ହୃଦୟ !"

ଗୋଟାଏ ମାଗିଲା ଭଳି ଜିନିସ ଏକା । କେହି ଦେଖିନାହିଁ ହୃଦୟ କେଉଁଠି ଥାଏ । ତାକୁଇ ପୁଣି ଦେବାର ପ୍ରତିଜ୍ଞା କରିବାକୁ ହବ । ଦେବାକୁ ହବ । ତାଠୁଁ ବଳି ମିଛ ଆଉ କ'ଣ ହୋଇପାରେ ?

ହୃଦୟ ? ହୃଦୟ ? କେଉଁଠି ଥାଏ ସେ ସତେ ?

ହୃଦୟ ନାହିଁ କେଉଁଠି ? ହୃଦୟ ତ ସବୁଠି ଅଛି । ହୃଦୟ ମଣିଷ ଭିତରେ ନଥାଏ ହୃଦୟର ପରିଚୟ ପାଏ ମଣିଷ ଆପଣାର ବାହାରେ । ତାର ପ୍ରତ୍ୟେକ ଦୈନନ୍ଦିନ କାମରେ ସେ ଦେଖେ ତାର ହୃଦୟକୁ । ହୃଦୟ ନ ଦେଖି ସେ ଗୋଟାଏ ପାଦ ବି ଆଗେଇ ନପାରେ । ପ୍ରଶ୍ନ ଉଠେ । ସେ କେଉଁଠି କେତେ ହୃଦୟ ଥିବାର ଦେଖେ । ହୃଦୟଟା ବିଚ୍ଛୁଡ଼ି ହୋଇ ପଡ଼ିଛି—ଚାରିଆଡ଼େ । ତାକୁ ବାନ୍ଧି ଗୋଟାଏ ଯାଗାରେ ଦେଇଦେଲେ ଶରୀର ଯାତ୍ରା ବି ଅସମ୍ଭବ ହୋଇ ପଡ଼ିବ । ତେଣୁ ହୃଦୟଟାକୁ ପୂରା ପୂରି ଜଣକୁ ଦେବା କଥାଟା ନିହାତି ଆତ୍ମ ପ୍ରତାରଣା । ବରଂ ଅପରର ହୃଦୟ ନେଇ ପ୍ରେୟସୀର ଭଲ ପାଇବାକୁ ନେଇ, ଦୈନନ୍ଦିନ କାର୍ଯ୍ୟରେ ଲଗେଇ ଦେଇ ପାରିଲେ ନୀରସ କାମ ରସ ଯୁକ୍ତ ହୋଇଯିବ । ସେ ଭଲ ପାଇବା—ସେ ହୃଦୟକୁ ନେବାର କଥା, କେହି ଦେବା ନଦେବାର

ପ୍ରଶ୍ନ ନାହିଁ । ହୃଦୟ ଗୃହଁ ? ହୃଦୟ ନିଅ । ତମେ ଯେତେ ନେଇ ପାରିବ ନିଅ । ତମେ ଯେତେ ନେବ ସେତେ ଦେଇ ହେବ । ହୃଦୟର ସୀମା ନାହିଁ । ଭଲ ପାଇବାର ଶେଷ ନାହିଁ ।

"ପୁଲିସ, ପୁଲିସ !"

"ମୁଁ ଜାଣେ ।"

"ତମକୁ ଛାଡ଼ିବାକୁ ହବ—ଏ ଦେଶ କାମ ଛାଡ଼ିବାକୁ ହବ—ଏ ଖଦଡ଼ ଛାଡ଼ିବାକୁ ହବ । ସରକାରକୁ ଲେଖିଦିଅ ତମେ ଆଉ ରାଜନୀତି କରିବ ନାହିଁ । ଗୃହଁ, ମୋତେ ଗୃହଁ; ତମକୁ ଛାଡ଼ି ମୁଁ ରହିପାରିବି ନାହିଁ ଦଣ୍ଡେ—ବଞ୍ଚିପାରିବି ନାହିଁ ।

ସବୁଠାରୁ ବଡ଼ ଜିନିସ ଗୃହାଁନ୍ତି, ଏଥର ପ୍ରଣୟର ପ୍ରତିଦାନରେ ସେ ହେଉଛନ୍ତି ସତ୍ୟ । ଦରିଦ୍ରର ସେବା—ଦେଶର ସେବାଟା ଗୋଟାଏ ବ୍ରତ, ସତ୍ୟ । ପ୍ରଣୟ ପାଇ ଜୀବନ ମାଗିଥିଲେ ହୁଏତ କେହି ଭାବ ଆବେଶରେ ସେଭଳି ମୂର୍ଖତା କରି ଜାଇବା ସହିତ ପ୍ରଣୟ ସୁଖରୁ ବି ବଞ୍ଚିତ ହୋଇପାରେ । କିନ୍ତୁ ଆପଣାର ସତ୍ୟକୁ ଛାଡ଼ି ବାଞ୍ଚିବାରର କୌଣସି ଅର୍ଥ ହୁଏ ନାହିଁ ।

"ମୋ ପାଇଁ ତମକୁ ଏ ସତ୍ୟ ଛାଡ଼ିବାକୁ ହେବ ।"

ପ୍ରଣୟ ତମ ପାଇଁ ଆଜି ଯଦି ଏଇ ସତ୍ୟକୁ ଛାଡ଼ିଦେଇ ହୁଏ, ତେବେ ଆପଣାର ପ୍ରେମିକାକୁ ପ୍ରଣୟ କରି ବିଶ୍ୱସ୍ତ ରହିବାର ସତ୍ୟଟାକୁ ମଧ୍ୟ ଆଉ କେତେବେଳେ ଭଙ୍ଗ କରି ଦେଇ ହେବ—ଅତି ସହଜରେ ।

ସଞ୍ଜୁ ଆଜି ତରାଟା ମସିଆ ଦଶିଲାଣି । ଲିଭିଯିବ ତ ସେ ପୁଣି ?

* * * *

ଏ କେବଳ କଳ୍ପନା ଥିଲା—

ଗପଟା କ'ଣ କହିଦଏ ତୁମ୍ଭଙ୍କରେ ।

ବିଦ୍ୟୁତ୍ ଜଣେ କଂଗ୍ରେସ କର୍ମୀ । ଦେଶ ସେବା । କାନ୍ଧରେ ଝୁଲି ପକେଇ ଖରା ବରଷାରେ ଗାଁ ଗହଳିରେ ବୁଲିବାର ତାକୁ ଅନେକ ଲୋକ ଦେଖିଥିବେ । କେବଳ ଦେଖି ନଥିବେ ତାକୁ ସେ ଯେତେ ବର୍ଷ ଜେଲ୍ ଭିତରେ ରହିଛି ।

ଜେଲରୁ ମୁକ୍ତି ଅସିଲା । ବୋଉ କହିଲେ ବାହା ହ, ଅପା କହିଲା ବାହା, ସାହି ପଡ଼ଶା ସମସ୍ତେ । ତାର ସେଇ ଗୋଟିଏ କଥା—ନାଁ, କାରଣ ? କାରଣ ସେ କହେ ତା ପାଇଁ କନିଆ ଜନ୍ମ ହୋଇନାହିଁ । ମଫସଲି ଝିଅ ! ସେ ତାକୁ ବୁଝି ପାରିବ ନାହିଁ— ତେଣୁ ଗରିବ ବାଳିକାଟିର ଜୀବନ ନଷ୍ଟ ହୋଇଯିବ । ପାଠୋଇ ଝିଅ—କଲେଜ ଗାର୍ଲ ? ଉହୁଁ—ଘରେ ତ ବହି ଲାଇବ୍ରେରୀ ଅଛି । ପାଠୋଇ ଝିଅର କ ଦରକାର ।

ହଠାତ୍ ଦିନେ ଦେଖା ହେଲା ଲତା ସାଙ୍ଗରେ । ସେ କହେ ଲତା କଲେଜରେ ପଢ଼ିଲେ ବି ତାର ମୌଳିକତା ଅଛି । ମଫସଲି ଝିଅ ହେଲେ ବି ବୁଝିବାର କ୍ଷମତା ଅଛି ।

ତାପରେ ଏମିତି କେତେ କଳ୍ପନା—କେତେ ଭାବଧାରାର ଗଠନ—କେତେ ସ୍ୱପ୍ନ—କେତେ ସଞ୍ଜୁଆଳି ତାର୍ ।

ପ୍ରେମଟା ଦୁଇ ପଥର ବନ୍ଧନମଧ୍ୟରେ ହୁଏ ନାହିଁ । ଦୁଇ-ପଥର ବନ୍ଧନମଧ୍ୟରେ ଯାହା ହୁଏ ସେଟା ସଉଦା । ଲତା କିନ୍ତୁ ବୁଝି-ନଥିଲା ବିଦ୍ୟୁତ୍ ।

ଅଜିବ ପଚରିଯାଏ ବିଦ୍ୟୁତଙ୍କୁ—ବିଦ୍ୟୁତ ତୁ ବାହାହରୁ ନାହିଁ !

ସେ କହେ—ମୁଁ ତ ବାହା ହେଇଛି ।

ଗପଟି ଏତିକି ।

ଥାଉ—ସଞ୍ଜ ତରା ଲିଭିଗଲାଣି—ରାତି ଅନେକ ।

ଜଡ଼ରେ ଚେତନା

ଯୋଷା ବସିଥାଏ । ବସିବାରେ ଗୋଟାଏ ତତ୍ପରତା ଥାଏ ।

ନିକେତନ ଆସେ । ଆସି ବନ୍ଦ ହୋଇଯାଏ । ଯେମିତି ଗୋଟାଏ ଶାନ୍ତ ଛାଇଯାଏ ଚାରିଆଡ଼େ—ମୃତ୍ୟୁର ଶାନ୍ତ ଭଳି ।

ଯୋଷାର ଭିତର ଶୀତଳ ହୋଇଯାଏ । ବରଫ ପରି । ଚଞ୍ଚଳତା ଚାଲିଯାଏ କୁଆଡ଼େ ।

ଆଉ ଆସେ ବିଭାସ । ତୁଫାନ ସଦୃଶ । ସବୁ ଦୋହଲିଯାଏ । ସବୁ ଉଲ୍ଲସିତ ହୋଇ ଉଠେ । ଉଷ୍ଣ ପ୍ରସ୍ରବଣ ବହିଯାଏ ଚାରିଆଡ଼େ । ବରଫ ତରଳି ଯାଇଥାଏ ।

ଯୋଷା ଠିକ୍ କରିପାରେ ନାହିଁ—କିଏ ଶ୍ରେୟ ? କିନ୍ତୁ ସେ ବୋଧହୁଏ ଖୋଜୁଥାଏ—କିଏ ପ୍ରେୟ ? ଆପଣାକୁ ଠକିବା ପାଇଁ କହେ—ଶ୍ରେୟ ବିଭାସ ।

ବିଭାସକୁ ଜଳଖିଆ ଦିଏ ଯୋଷା । ଚା' ଦିଏ । ପାନ ଦିଏ । ହାଉଆରେ ହାଲୁକା ପଣତ ଖେଳି ବୁଲେ । ଗହଳି ମନ ଫାଙ୍କା ପଡ଼ିଯାଏ । ବିଶ୍ରାନ୍ତ । ବ୍ୟସ୍ତ ମନୁଷ୍ୟ ଆଉ ଚାହେଁ କ'ଣ ?

କିନ୍ତୁ ନିକେତନ ? କହେ—ଖାଇବାକୁ ଦେବା ନେବା ଗୋଟେ ଲୌକିକତା । ସେଥିରେ ଅନ୍ତରିକତାର ପରିଚୟ ଯେତିକି ହୋଇ ହୁଏ ତା'ଠାରୁ ପ୍ରକୃତ ଭାବକୁ ଲୁଚାଇ ହୁଏ ବେଶୀ ।

ଯୋଷା 'ମର୍ମାହତ ହୁଏ । ଯୋଷାର ନିବେଦନ ନିକେତନ ଗ୍ରହଣ କରେ ନାହିଁ । ଯୋଷାକୁ ସାନ୍ତ୍ୱନା ଦେଇ ନିକେତନ କହେ,

ତମେ ମୋତେ ଖାଇବାକୁ ଦେଉଚ, ମୋର ତୃପ୍ତି, ମୋର ଆନନ୍ଦ ପାଇଁ ତ ? ତମେ ଯଦି ଏତକ ମୋର ଏ ଖାଇଲା ପେଟରେ ସ୍ୱାହା ନକରି ଦାଣ୍ଡର ସେ ଭିକାରୀଟିର ନଖାଇଲା ପେଟରେ ଦିଅ ତେବେ ମୋର ତୃପ୍ତି ହେବ ବେଶୀ ।

ଯୋଷା କହେ—ଦେବା ଲୋକର ଦେବାରେ ବି ତ ଗୋଟାଏ ତୃପ୍ତି ଅଛି । ସମସ୍ତଙ୍କୁ ଦେଇ ସମାନ ତୃପ୍ତି ମିଳେ ନାହିଁ ।

ନିକେତନ କହେ—ଯାହାର ଦରକାର ତାଙ୍କୁ ଦାନ କରି ଯେ ସବୁଠାରୁ ବେଶୀ ତୃପ୍ତି ନପାଏ, ଅଦରକାରରେ ଭଲ ପାଇବା ପରି ଭଲ ପାଇ ମଧ୍ୟ ତୃପ୍ତି ପାଇ ପାରେନାହିଁ ।

ଯୋଷା ଅପମାନ ଓ ଅଭିମାନରେ ଲାଲ ହୋଇଯାଏ ! ନିକେ-ତନ ଉଠି ଠିଆ ହୁଏ ।

ବିଭାସ ମନୁଷ୍ୟ, ପ୍ରକୃତ ମନୁଷ୍ୟ । ସତ୍ୟ ଜୀବନ୍ତ ଭଳି ମନେ ହୁଏ ।

ଆଉ ନିକେତନ ? ସେ ଗୋଟାଏ ଦୂର ଅତୀତର ମୃତ ସ୍ମୃତି ଭଳି ପ୍ରିୟ କିନ୍ତୁ ଯାହାକୁ ଅପେକ୍ଷା କରି ହେବ ନାହିଁ । ଯାହାର ଶବ ଉପରେ ସମାଧି ତୋଳି ହେବ—କିନ୍ତୁ ଘରେ ଥାପନା କରି ପୂଜା ଦେଇ ହେବନାହିଁ ।

ଦିନ ଗଡ଼ିଯାଏ । ଯୋଷା ଓ ବିଭାସର ମିଳନରେ ରାତି ନିବିଡ଼ ହୋଇ ଉଠେ—ଦିନ ରଙ୍ଗିଲା । ବେଶ ବ୍ୟବସ୍ଥା ହୋଇଯାଏ—ବିନ୍ୟାସ ବଦଳେ ।

ନିକେତନ କାହିଁ ! ନିକେତନର ଗୋଟାଏ ଛାୟା—ଏ ଦୁହିଁଙ୍କି ଗୋଡ଼ାଇଥାଏ—ଏ ଦୁହିଙ୍କ ଗତି ବିଧିକି ଲକ୍ଷ କରୁଥାଏ ଯେମିତି ।

ପ୍ରଶାନ୍ତ କାହାଣୀର ଏଇ ନିଭୃତ ଚାଣିରେ ଯୋଷାର ଅଶ୍ରଦ୍ଧା ଆସେ । ନିକେତନକୁ ସେ ମନରୁ ଲିଭି ପୋଛି ପରିଷ୍କାର କରିଦିଏ । ନିକେତନ ବୋଲି କେହି ନ ଥିଲା । ଅଛି କେବଳ ବିଳାସ । ଭୋଗରେ ବିଶ୍ରାମ ନାହିଁ, ଅଛି କେବଳ ତପୃରତା । କାହାରି ଆଶ୍ରୟରେ ଭୋଗ ମିଳେ ନାହିଁ—ଭୋଗ ମିଳେ ଆପଣାର କ୍ଷମତାରେ ।

ବିଳାସ କିନ୍ତୁ ରହେନାହିଁ ସବୁବେଳେ । ଅନ୍ତତଃ ଯୋଷା ଯେତେ ଗୁହେଁ ସେତେ ନୁହେଁ । ଯୋଷା ବୁଝିପାରେ ନା ନାହିଁ କିଜାଣି—ଚପଳାର ଚମକ ଭଳି । ସେଇ କ୍ଷଣ କ୍ଷଣକୁ ନେଇ ଜୀବନ । ଉପଭୋଗର ଯେଉଁ କ୍ଷଣ ଆସେ ତାକୁଇ ଗ୍ରହଣ କରିବା-ପାଇଁ ମନୁଷ୍ୟ ପ୍ରସ୍ତୁତ ହେବା ଉଚିତ ।

କିନ୍ତୁ କ୍ଷଣ କ୍ଷଣ ହୋଇ ଜୀବନ ପଳାଇ ଯାଉଚି ଚପଳା ପରି । ମଣିଷ ତାକୁ ଧରି ରଖିପାରେ ନାହିଁ । ଉପଭୋଗ କରୁ ନ କରୁଣୁ ଜୀବନର ଗୋଟାଏ କ୍ଷଣ ଲିଭିଯାଏ । ଆଉ ଗୋଟାଏ ମୁହୂର୍ତ୍ତି ପାଇଁ ପ୍ରସ୍ତୁତ ହେବାକୁ ହୁଏ । ପ୍ରସ୍ତୁତ ହେଉ ନ ହେଉଣୁ ସେ ମଧ୍ୟ ମିଳେଇ ଯାଏ କୁଆଡ଼େ । ଯୋଷା କରେ କ'ଣ !

ହଠାତ୍ ଆକାଶରୁ ମେଘ ଉଡ଼ି ଯାଇଛି । ବିଜୁଳିର ଚମକ ନାହିଁ । ବିଳାସ ଯୋଷାକୁ ଛାଡି ଚାଲି ଯାଇଛି । ଯୋଷାର ଦୁଃଖ ହୁଏ । ଦୁଃଖରୁ କ୍ଷୋଭ । ଦୁଃଖରୁ ଅନୁତାପ । ସେ ଆପଣାକୁ ପରିହାସ କରେ !

ଆଉ ଏକ ଅଦ୍ଭୁତ ଅନୁଭୂତି । ତାର ରାଗ ହୁଏନାହିଁ ବିଳାସ ଉପରେ । ତାର ହିଂସା ହୁଏ ଆଉ ଏକ କଳ୍ପିତା ନାୟିକା ଉପରେ—ଯେ ବିଳାସକୁ ଧରି ରଖିଥିବ । କେଡ଼େ ଭାଗ୍ୟବତୀ ସେ ।

କେତେ କୁଶଳୀ ସେ । ବିଶ୍ୱାସ ବଡ଼ ହୋଇ ଉଠେ । ପୁଣି ଅଭାବ ଅନୁଭବ କରେ ସେତିକି ବେଶୀ ।

"ଯେତିକି ଫେରି ନିକେତନଙ୍କୁ ଚାହିଁବାକୁ ଲଜ୍ଜା ବୋଧହୁଏ । ଯା ଯାଉଛି, ତାକୁ ଆଉ ଚାହିଁବାର ନୁହେଁ । ଯାହା ଯାଇଛି କେବଳ ତାରି ପାଇଁ ଦୁଃଖ ।

ବିଶ୍ୱାସର ଦୋଷ କ'ଣ । ବିଜୁଳି ତ ଲିଭିଯାଏ—ଚାଲିଯାଏ—ତାର କି ଦୋଷ । ତଥାପି ବିଜୁଳି ସୁନ୍ଦର—ବିଜୁଳି ଉଜ୍ଜ୍ୱଳତମ—ବିଜୁଳି ତାରା ନୁହେଁ—ବିଜୁଳି ତେଲ ଦୀପ ନୁହେଁ ।

ବୈଜ୍ଞାନିକ ନିକେତନର ନୂତନ ଆବିଷ୍କାର ପାଇଁ ଅଭିନନ୍ଦନ ସଭାରେ । ସହରର ବିଶିଷ୍ଟ ଲୋକଙ୍କ ସମାଗମ । ତା' ଭିତରେ ଯୋଷା । ତାକୁ କେହି ଦେଖିପାରୁ ନାହାନ୍ତି । ଯିଏ ସମସ୍ତଙ୍କୁ ଦେଖୁଛି ଏକାଥରେ ସେଇ ଦେଖୁଛି ତାକୁ ସମସ୍ତଙ୍କ ସାଙ୍ଗରେ । ସମସ୍ତେ ଦେଖୁଚନ୍ତି ତାକୁ । କିନ୍ତୁ କେହି ଜଣେ ଦେଖୁନାହିଁ । ସମସ୍ତଙ୍କ ଭିତରେ ସେ ଦେଖାଯାଉଛି—କିନ୍ତୁ ସେ ନିଜେ ଦେଖା-ଯାଉନାହିଁ । ଅନ୍ତତଃ ନିକେତନ ଦେଖିନାହିଁ ।

ସେ କିନ୍ତୁ ନିକେତନଙ୍କୁ ଦେଖୁଥିଲା, ନିକେତନଙ୍କୁ ଦେଖିବା-ପାଇଁ ଆସିଥିଲା । ନିକେତନଙ୍କୁ ? ନା—ମିଛ କଥା । ସେ ନିକେତନ ମରିଯାଇଛନ୍ତି । ଆଜି ସେ ଦେଖିବାକୁ ଆସିଛି ବୈଜ୍ଞାନିକ ନିକେତନଙ୍କୁ । ନିକେତନ ଭିତରେ ଜଣେ ବୈଜ୍ଞାନିକଙ୍କୁ । ଯେମିତି ନିକେତନ ମରି ଗୋଟାଏ ବୈଜ୍ଞାନିକ ଭୂତ ପାଲଟି ଯାଇଛି । ଗୋଟାଏ କୌତୁହଳ—ଉତ୍ସାହ ନୁହେଁ ।

ସମସ୍ତେ ଚାହିଁଚନ୍ତି ନିକେତନର ମସ୍ତିଷ୍କକୁ—ବିସ୍ତୃତ ଲଲାଟ—ଉନ୍ନତ ମସ୍ତକ । କିନ୍ତୁ କିଏ ଦେଖିଛି ପ୍ରକୃତ ନିକେତନଙ୍କୁ । ନିକେତନ

'ଯେ ମନୁଷ୍ୟ, ନିକେତନ ଯେ କେବଳ ମସ୍ତିଷ୍କର ସମାବେଶ ନୁହେଁ ସେ କଥା କିଏ ବୁଝୁଛି । ନିକେତନର ହୃଦୟ୍ କେହି ଦେଖିନାହିଁ ନିକେତନ ଭାବେ, ମସ୍ତିଷ୍କଟା ତ ତାର ନୁହେଁ—ମସ୍ତିଷ୍କ ବିଜ୍ଞାନର । ମସ୍ତିଷ୍କ ଓ ବିଜ୍ଞାନ—ପରସ୍ପର ପରସ୍ପରକୁ ଭଲ ପାଆନ୍ତି । ତାର ଆନନ୍ଦ କେବଳ ଉଭୟଙ୍କ ମିଳନରେ । କିନ୍ତୁ ସେ ଆନନ୍ଦତ ଭିକ୍ଷା—ମାଗି ଅଣା । ସେ ଆନନ୍ଦ ମତି ଓ ବିଜ୍ଞାନର ମିଳନ ଆନନ୍ଦ । ତାର ନିଜର ଆନନ୍ଦ କାହିଁ ?

ଆଜି ଏ ଯେଉଁ ଅଭିନନ୍ଦନ, ତା ମୂଳରେ ବିଜ୍ଞାନର ପ୍ରଶସ୍ତି ଆଉ ବିଜ୍ଞାନର ଜନ୍ମଦାତା ମନୁଷ୍ୟ ମସ୍ତିଷ୍କର ପ୍ରଶସ୍ତି ଛଡ଼ା ଆଉ ଅଛି କ'ଣ ? ନିକେତନର ଦୁଃଖ ହୁଏ । କିନ୍ତୁ ଏମିତି ଗୋଟାଏ ପ୍ରଶସ୍ତି ଗାନ କରାଯାଇ ପାରେ ଯାହାକୁ ମଣିଷ ଅପଣାର ବୋଲି ମନେକରି ସୁଖ ପାଆନ୍ତା । ସେ ପ୍ରଶସ୍ତି କିଏ ଗାଇଛି ତା ଜୀବନରେ ? ସେ ହସେ—ଅପଣାର ଦୁର୍ଭାଗ୍ୟକୁ ।

ନିକେତନର ହୃଦୟ ଚାପା ପଡିଯାଇଛି ମସ୍ତିଷ୍କର ଆଡ଼ମ୍ବର ତଳେ । ଯାହାର ମସ୍ତିଷ୍କ ଥାଏ ତାର ହୃଦୟ ମଧ ଥାଇପାରେ । ଏ କଥା କି'ଣ କେହି ଲକ୍ଷ କରିନାହିଁ ?

କିନ୍ତୁ ନିକେତନର କ'ଣ ହୃଦୟ ଅଛି ? ଯଦି ଥାଏ ସେ ମଧ ଜଡ଼—ପଦାର୍ଥ ବିଜ୍ଞାନର ଗୋଟାଏ ସାମଗ୍ରୀ—କୌଣସି ପ୍ରାମାଣ୍ୟ ବସ୍ତୁର ଉପାଦାନ ବିଶେଷ । ସେ ପ୍ରୟୋଗଶାଳାର ନିର୍ଜୀବ ପରୀକ୍ଷା ପାତ୍ରର ଆଧାର ହୋଇପାରେ ।

ଯୋଷାର ଆଘାତକୁ ନେଇ ସେ ବହୁ ରାସାୟନିକ ପଦାର୍ଥକୁ ବିଚୂର୍ଣ୍ଣିତ କରିଥିବା ପରି ତାର ମନେ ପଡ଼ିଲେ ମନେ ପଡିପାରେ ।

ସେଇ ଯୋଷା !

ହଁ ସେଇ ଯୋଷା । ଆଉ ପାଞ୍ଚଜଣ ଝିଅଙ୍କ ସାଙ୍ଗରେ ସେ ବି ଧରିଥିଲା ଫୁଲମାଳ ନିକେତନର ଗଳାରେ ଲମ୍ବାଇ ଦେବାପାଇଁ ।

ନିକେତନର ଗୋଡ଼ ବଢିଗଲା ଯୋଷା ନିକଟକୁ ।

ଯୋଷାର ହାତ ଥରି ଉଠିଲା । ନିକେତନର ଆଖି ଛଳଛଳ ହୋଇ ଉଠିଲା—ଦୟାରେ, ମମତାରେ, ଅପଣାର କରିବାର ବିନୟରେ ।

ସେଦିନ ନିକେତନର ମସ୍ତକ ଛୋଇଥିଲା ଫୁଲମାଳ—ହୃଦୟ ନୁହେଁ ।

ଫୁଲମାଳ ଛିଣ୍ଡିପଡ଼ିଲା ।

ନିକେତନ ଭାବୁଥିଲା—ଏବେ ବି ପ୍ରମାଣିତ ହେବାକୁ ବାକି ଅଛି—ଜଡ଼ରେ ଅଛି ଚେତନା । ପ୍ରମାଣ ହୋଇନାହିଁ । ପ୍ରମାଣ ସନ୍ଦେହ ଗର୍ଭରେ—

ଦାବି

ବିଭୂଷଣ ଓ ଉତ୍ତମା ।

ଦୁହେଁ ଏକ ସାଙ୍ଗରେ ପଢନ୍ତି । ହଁ ଏକ ସଙ୍ଗରେ । କିଏ କାହାକୁ ପଢ଼ାଏ, କିଏ କାହାଠୁ ପଢ଼େ ଜଣାନାହିଁ ।

ମନେହୁଏ, ବିଭୂଷଣ ନଥିଲେ ଉତ୍ତମାର ପାଠ ହୁଅନ୍ତା ନାହିଁ କି ଉତ୍ତମା ନଥିଲେ ବିଭୂଷଣର ମନ ଲାଗନ୍ତା ନାହିଁ ।

ଦୁହେଁ କେତେ ଛଡ଼ା । କାହା ଘର କେଉଁଠି । ଏଠିକାର ସୂର୍ଯ୍ୟ ସେଠି ଉଠିବାକୁ କେତେ ଡେରି କରୁଥିବେ କିଜାଣି । ତଥାପି ଯେମିତି ସେଠିକାର କିରଣ ଏ ଦେଶକୁ ଆଲୁଅ ଦିଏ ।

ମୁଣ୍ଡ ଉପରେ ରାତି ଅଧିର କାଳପୁରୁଷ ପରି ହୁଏଉଠେ । ଭୀଷଣ ଅଥଚ କୃତ୍ତିକା ପୁଞ୍ଜପରି ଖୁବ୍ ଲଗା ଲଗା ହୋଇ ଆସନ୍ତି । ବିଭୂଷଣ ଭାବେ, ସେ ଉତ୍ତମାର ମନକଥା ବୁଝି ପାରୁଛି—ଆଉ ଉତ୍ତମା ଧରି ପାରୁଛି ବିଭୂଷଣର ମନଭାବ ।

ଗଙ୍ଗାର ଗଭୀର ଜଳ ପରି ଉତ୍ତମା—ଶାନ୍ତ ଅଥଚ କ୍ଷିପ୍ର । କାହାରିକୁ ଅପେକ୍ଷା ନାହିଁ ।

ବିଭୂଷଣ ଯୁବକ । ହଁ କୁହାଯାଇ ପାରେ । ଉତ୍ତମା ଯୁବତୀ । ଯୌବନର ଅଭିଜ୍ଞତା ବିଭୀଷଣକୁ ପ୍ରୌଢ କରି ପକେଇଛି । ଉତ୍ତମା ହୁଏତ ସରଳା—ଯୁବତୀ ହୋଇ ମଧ୍ୟ ବାଳିକା ।

ନିର୍ମଳ ? ହଁ ନିତାନ୍ତ ନିର୍ମଳ ସମ୍ପର୍କ—ପିଲାଙ୍କ ପରି । ବିଭୂଷଣ ଭାବେ ଏଇ ବୋଧହୁଏ ଦେବତ୍ୱ । ଆଉ ଉତ୍ତମା ? ସେ ହୁଏତ

ଦେବତ୍ୱ, ମାନବତ୍ୱ କମ୍ବା ପଶୁତ୍ୱ ଭିତରୁ କେଉଁଠା ତା'ର ନିର୍ଣ୍ଣୟ କରିବାରେ ତାର ଅବସର କଟିଯାଏ ।

ବିଭୂଷଣ କାବ୍ୟର ନାୟକ ଭଳି ସୁନ୍ଦର ନୁହେଁ । ଅଭିନୟର ଅର୍ଜୁନ ଭଳି ସୁସ୍ଥ ନୁହେଁ । କମ୍ବା ରାମାୟଣର ରାମଚନ୍ଦ୍ର ଭଳି କମନୀୟ ନୁହେଁ । ବରଂ ଅସୁନ୍ଦର ।

ଆଉ ଉତ୍ତମା ! ସୌନ୍ଦର୍ଯ୍ୟର ଲାଳିତ୍ୟରେ ବାର୍ନିସ କଲାଭଳି ଚକ୍‌ଚକ୍‌ । ମେଘମୁକ୍ତ ଦିଗବଧୂ ପରି ପବିତ୍ର ।

ଅସାମଞ୍ଜସ୍ୟ—ଅସମ୍ଭବ । ତାରି ଭିତରେ ସମ୍ଭାବ୍ୟକୁ ନେଇ ଆକାଶର ସୌଧ ଗଢ଼ା ଚାଲିଥାଏ ।

ବିଭୂଷଣ ହୁଏତ ଭାବେ—ଜୀବନ ସତ୍ୟ—ଜୀବନ ସୁନ୍ଦର ।

ଉତ୍ତମାର ଭାବନା ତାର ସହ ମତ ଜଣାଏ—ଜୀବନ ସ୍ୱପ୍ନ ନୁହେଁ ।

ସେଦିନ ସକାଳୁ ଶୁକ୍ରତାରାଟା ଆକାଶର ପୂର୍ବ ପଟେ ଉଠି ଲିଭି ଲିଭି ଲିଭିଯାଇଛି । ବିଭୂଷଣ ଆସି ବହି ଖୋଲି ବସିଲା । ଉତ୍ତମାର ହେଇଗଲା ଟିକିଏ ଡେରି । ଉତ୍ତମା ଆସି ତାର ଡେରି କରିବାର ଅପରାଧକୁ ଏଡ଼ିବା ପାଇଁ କି କ'ଣ କହିଲା—ଆପଣ ଛବି ଦେଖିବାକୁ ଖୁବ୍ ଭଲ ପାଆନ୍ତି ବିଭୂଷଣବାବୁ ?

ଛବି ! ବିଭୂଷଣ ବୁଝିପାରୁଥିଲା । "ହଁ—ତେବେ ବିଶେଷ ନୁହେଁ । ଭଲ ଛବି ଥିଲେ ଯାଏ—ଆପଣ ?"

"ନା—ଠିକ୍ ଆପଣଙ୍କ ପରି । ମନ ହୁଏ । କିନ୍ତୁ କାହାସାଙ୍ଗେ ଯିବି ?"

"କାହିଁକି—ଆପଣ କହିବେ ତ ମୁଁ ଆସିବି ।"

ଉତ୍ତମା କୃତାର୍ଥ ହୋଇଯାଇ ଥିଲା । ବିଭୂଷଣଙ୍କୁ ଲାଗିଲା ଏମିତି । ମନେ ହେଲା, ତାର ଆଜି ଜୀବନ ଭିତରେ ସଂଯୋଜକ ଛନ୍ଦଟା ସରଳ ରେଖା ପରି ସିଧା ସଳଖ—କୁଟିଳତା ନାହିଁ ।

ସେଦିନ କ'ଣ ଭଲ ଛବିଟାଏ ଥାଏ । ବିଭୂଷଣ ପଚାରିଲା—ଯିବେ ।

ଉତ୍ତମା ଉତ୍ତର ଦେଇ ନଥିଲା । ବିଭୂଷଣ ଭାବିଲା—ନୀରବତାର ସମ୍ମତି ଅଛି ।

ବିଭୂଷଣ ଆସିଲା ସନ୍ଧ୍ୟା ପୂର୍ବରୁ । ସେ ପଥରେ ଶୁକ୍ଳ ତୃତୀୟାର ବଙ୍କା ଜହ୍ନ ଟଣ୍ଡେ କେଉଁ କୁଳବଧୂ ଅଧରର ଲଜ୍ଜାରୁ ଛୁଣ୍ଡିକ ଟଉଚକ ଆଜି ।

ଉତ୍ତମା ପ୍ରସ୍ତୁତ ହୋଇ ନଥିଲା ।

ଯିବ ନାହିଁ ? ବିଭୂଷଣ ପଚାରିଲା ।

ମୋ ଦେହ ଭଲ ନାହିଁ ବିଭୂଷଣବାବୁ !

ବିଭୂଷଣ ଧୀରେ ଧୀରେ ଫେରି ଆସିଲା ।

ଶ୍ୟାମଳା ଆକାଶ ମୁଖରୁ ଆବରଣ ଖୋଲି ଯାଇଥିଲା । ତାରାଗୁଡ଼ାକ ସ୍ପଷ୍ଟ ପରିଷ୍କାର ।

ତହିଁ ଆରଦିନ ସକାଳେ ଉତ୍ତମା ଖଣ୍ଡେ ଚିଠି ମାତ୍ର ପାଇଥିଲା—

"—ମୁଁ ତମର ବିଶ୍ୱାସ ହରାଇଛି । ଆଉ ତମ ନିକଟରେ ରହିବାର ଦାବି ମୋର ନାହିଁ ।—ବିଭୂଷଣ ।"

ସେତିକି ।

କବି

କବି—କଳାକାର—ସ୍ରଷ୍ଟା ।

ସେ ହସେ । ହଁ ସେ କବି, କଳାକାର, ସ୍ରଷ୍ଟା । ସୃଷ୍ଟି କରୁଚି ହଁ ସେଠି ତ ତା'ର କବିତା । କେତେ ଆଗରୁ ଲେଖିସାରିଛି କିଏ । ତାର ଗର୍ବକୁ ଚୂର ଚୂର ଚୂନା କରିଦିଏ କିଏ—ମିଶେଇଦିଏ ଧୂଳି ସାଙ୍ଗରେ । ସେ ହସେ । ସେ କ'ଣ କବି, ସେ କ'ଣ କଳାକାର, ସେ କ'ଣ ସ୍ରଷ୍ଟା ?

ଲୋକେ ତାର ଲେଖା ପଢ଼ନ୍ତି । ପଢି ଆନନ୍ଦ ପାଆନ୍ତି । କିଏ କାନ୍ଦେ । ଆଖିରୁ ଲୁହ ଗଡ଼ି ପଡ଼େ । ସେ ବି ଏକ ପ୍ରକାର ବିନୋଦନ ।

ବାଃ କେଡ଼େ ଚମତ୍କାର !—କିଏ କହେ । ପ୍ରଶଂସା କରି ସେ ପାଏ ତୃପ୍ତି ।

ଆଃ—ବଡ଼ କରୁଣ ।—କିଏ ସହାନୁଭୂତି କରେ । କିନ୍ତୁ କାହାକୁ ? ଲେଖକକୁ—ନା, ଲେଖାର କଳ୍ପିତ ନାୟକ ନାୟିକାଙ୍କୁ ?

କବି ପୁଣି ହସେ । ଶୁଖିଲା ହସ । ସେ ହସ ବଡ଼ କଠୋର—ଅଭିଶାପ ଭଳି । ସେ ହସ ମଣିଷର ହୃଦୟକୁ ପଥର କରିଦେବ ନିମିତ୍ତ ।

କି ବିଶ୍ୱାସ ଘାତକତା ! କବି ଭାବେ ।

ରାତି ରାତି ବିତିଯାଏ । ନିଦ ହୁଏ ନାହିଁ । ପ୍ରେମ ଫୁଲି ଫୁଲି ଉଠେ । ଦେହରେ ଜର । ଭିତରେ ଥର । କବି ଉଠି ଲେଖି ବସେ,

ତଥାପି । ହୃଦୟକୁ ଚିପୁଡ଼ି ଦେଇ ନିଃଶେଷ କରିଦିଏ । ପୁଣି ହୃଦୟ ଭରି ଆସେ । ବେଦନାର ଝର ସ୍ରୋ । ଯେତେ ଦେଲେ ବି ସରେ ନାହିଁ ।

କିନ୍ତୁ ସେ ଦୁଃଖ ତା'ର କେହି ବୁଝେ ନାହିଁ । କବି ନିଜେ ଦୀପର ବଳିତା ଭଳି ଜଳି ଜଳି ଯାହା ଦେଇଯାଏ ତାର ଆଲୋକ ପାଆନ୍ତି ସମସ୍ତେ—କିନ୍ତୁ ବଳିତାର ଜ୍ୱଳନ କେହି ଲକ୍ଷ କରେନାହିଁ ।

କବିର ମନେହୁଏ—ସେ ରାସ୍ତା କଡ଼ରେ ଠିଆ ହୋଇଛି । ଏକେ ଏକେ ସମସ୍ତେ ଚାଲି ଯାଉଛନ୍ତି—ଅଣିମା, ମାନସୀ, ସବିତା, ସୁଧା, ଶୀଳା ସମସ୍ତେ । ସମସ୍ତେ ଚାଲି ଯାଇଛନ୍ତି । କାହାର ଆଖିରେ ସେ ପଡ଼ିନାହିଁ । ସମସ୍ତଙ୍କୁ ସେ ଆଶା କରି ଚାହିଁଛି । କେହି ତାକୁ ମାଳା ଦେଇ ନାହାନ୍ତି । କାହାରିଠାରୁ ସେ ମାଳା ମୂଲେଇ ପାରି-ନାହିଁ । କବି ଦରିଦ୍ର—କବି ନିଃସ୍ୱ ସେ ମୂଲ୍ କରିପାରେ ନାହିଁ । ପୁଣି ଭାବେ—କବିତା ଦେଇ କଣ ଫୁଲର ମୂଲ୍ କରି ହେବ ? କିନ୍ତୁ କବିତା ବଦଳରେ ସେ ଫୁଲ୍ ତାକୁ ଦେବ କିଏ ?

ଫୁଲ୍ ବିକି ହୋଇ ଚାଲିଯାଏ ଆଦର ଦରରେ । ବଡ଼ଲୋକ ଧନୀ ସୌଦାଗର ଗଳାରେ ସେ ଫୁଲର ହାର ଦୋଳେ । ବେଶ ଚମତ୍କାର ଦିଶେ ତ । ଅଣିମା, ମାନସୀ, ସବିତା ସମସ୍ତେ ଶୋଭା ପାଆନ୍ତି ଧନୀର ପ୍ରଶସ୍ତ ହୃଦୟରେ ।

କିନ୍ତୁ ନୀରା !

ସେ ତ ଫୁଲର ମାଳ ଆଣି ନଥିଲା । ତାର ପ୍ରଣୟ ମଙ୍ଗଳହାର ନୁହେଁ ଫୁଲ ପରି । ସେଥିପାଇଁ—ସେଥିପାଇଁ—

ମୀରା ବି ଗ୍ଭଲିଗଲା । କବିର ନିଶ୍ୱାସ ବାଜିଥିଲେ ହୁଏତ ତାର ପ୍ରଣୟ ଝଲସି ଯାଇଥାନ୍ତା । ମରୁଭୂମିର ମଝିରେ ଧାରା ଶୁଖି ଯାଇଥାନ୍ତା ।

କିନ୍ତୁ ଭୁଲିପାରେ ନାହିଁ କବି । ମୀରା ଯେଉଁ ଭାବର ପରିଚୟ ଦେଇ ଯାଇଛି କବି ତାକୁଇ ବସି ଗୁନ୍ଥେ । ପାରେ ନାହିଁ । ଭାବନାର ଖିଅ ଛିଡ଼ିଯାଏ । ଆଖି ପାଣିରେ ହାର ଗୁନ୍ଥି । ସେ ପୁଣି ଶୁଖିଯାଏ । କେହି ନଦେଖିବା ଆଗରୁ ଝଡ଼ିଯାଏ କୁଆଡ଼େ । କବିତା ଲେଖା ଆଉ ନାହିଁ ।

ଶୁଭେନ୍ଦୁ ଓ ମୀରା । ଗୋଟାଏ ନିବିଡ଼ତା ଥିଲା ଦୁହିଙ୍କ ଭିତରେ । କବି କ'ଣ ମୀରାକୁ ସେଭଳି ଜଡ଼ାଇ ରଖି ପାରିଥାନ୍ତା ! କବି ତ ସବୁଦିନେ ଛଡ଼ା ଛଡ଼ା—ମୀପ ଛଡ଼ା—ବଅ ପଡ଼ା ! କବି ମୀରାର ସୁଖରେ ସୁଖୀ ହେବାକୁ ଚେଷ୍ଟା କରେ ।

ମୀରା କହିଯାଏ—କବି, ମୁଁ ସତ, ମୋର ପ୍ରଣୟ ସତ—ତମର ସେ ମିଛ କଳ୍ପନାର ଦୁନିଆକୁ ଯାଆନ୍ତି କମିତ ।

କବି ନିଜକୁ ଗ୍ଭହିଁ ଦେଖେ, ସତ ସତ ସେ ମିଛ ହୋଇ-ଯାଇଛି । ଏ ସଂସାରରେ—ଏ ସତ ସଂସାରରେ ସେ ମିଛ । କବିତା ଭଳି ମିଛ—କବିତାର ନାୟକ ଭଳି ମିଛ—କଳ୍ପନା ।

ସେ କୋହ ରୂପ ରଖେ । କିନ୍ତୁ କାନ୍ଦଣାର ସ୍ୱର ତାକୁ ବିଦ୍ରୂପ କରେ । କରୁଣ ରସର କବିତା ହାସ୍ୟମୟ ହୋଇ ଫୁଟି ଉଠେ । ଲୁଚେଇ ନହେବା ଜିନିସକୁ ଲୁଚେଇ ବସିଲେ ସେ ଯେମିତି କଦାକାର ହୋଇ ଦେଖାଦିଏ ସେମିତି ।

କିନ୍ତୁ ଏଇ ମିଛ ଭିତରେ କ'ଣ ସତ୍ୟର ଆଭାସ ନାହିଁ ? କବି ବିଗ୍ଭରେ ।

ମରଣ ଆସି କହେ—ହଁ—ସେ ପରା ମୁହଁ ।

କବି ପୁଛେ—ଏ କଏ ! ଏ ତ ତାରି ଭାବ, ତାର ଭାଷାରେ କଥା କହୁଛି !

ତା’ ହାତରେ ବରଣମାଳା—ସେଇ ତ ମରଣ ।

କବି ହେଲା କରେନାହିଁ । କେତେ ଆପଣାର ପରି ଆସିଛି ସେ । ତାକୁ ହତାଦର କରିବ କିମିତି ।

କବିର ଦୁଃଖ ନାହିଁ । ଯଉଁ ଦୁନିଆକୁ ସେ ଭଲ ପାଇଥିଲା ବୋଲି, ଆଜି ତାକୁ ବାଧ୍ୟ ହୋଇ ଛାଡ଼ିଯିବାକୁ ହେଉଛି ସେ ଦୁଃଖ କରିବ କି ନାହିଁ ଠିକ୍ ବୁଝି ପାରୁ ନଥିଲା । ଆଗରେ ଆଉ ଏକ ଦୁନିଆ—ତାରି କବିତା ଭଳି ତ ସେ । ମିଛ ବି ହୋଇପାରେ । କ’ଣ ସତ ନାହିଁ ସେଠି ?

ଆଶାକରେ, ଶେଷ ବେଳରେ ଥରେ ମୀରା ଆସନ୍ତା ।

ମୀରା ଆସେ ।

କବି ପଚାରେ—ମୀରା ତମେ ମୋତେ ଭଲ ପାଅ ?

କବି ଭାବେ—ମୀରା ହଁ କହିବ । ନାଁ କହିପାରିବ ନାହିଁ । ମନରେ ଯା ଥାଉ—କଥାରେ ସେ ନା କହିପାରିବ ନାହିଁ । ଆଃ—ସେତକ ଶୁଣି ସେ ନିଶ୍ଚିନ୍ତରେ ମରି ପାରିବ । ସେ ତ ଆଉ କିଛି ଚାହୁଁନି ମୀରାଠୁ । ତାର କବିତା ତ ଆଉ କିଛି ମାଗିନାହିଁ ତାଠୁଁ । ଜୀବନରେ କବି ସମସ୍ତଙ୍କୁ ଭଲ ପାଇଛି—ଯାହାକୁ ଯେମିତି ଭଲ ପାଇବାର କଥା, ଯେତିକି ଭଲ ପାଇବାର କଥା, ସେତିକି, ସିମିତି । କିନ୍ତୁ, ଅବଶୋଷ, ଦୁଃଖ, ଖେଦ, ତାକୁ କେହି ଭଲ ପାଇନାହାନ୍ତି ପରିବର୍ତ୍ତିରେ । ସେଇ ଦୁଃଖକୁ ଘେନି ସେ କ’ଣ ମରିପାରିବ !

"କବି, ତମର ଲେଖାକୁ ମୁଁ ବଡ ଭଲ ପାଏ ।"

କବି ଭାବେ—କବି ଆଉ କବିତା କ'ଣ ଦୁଇ ? ସୃଷ୍ଟି ଆଉ ସ୍ରଷ୍ଟା କ'ଣ ଏକ ନୁହେଁ ?

କବି କହେ—"ମୋର ଲେଖା ମୁଁ ଦୁନିଆକୁ ଦେଇଯାଇଛି—ଏକା ତମକୁ ନୁହେଁ । କିନ୍ତୁ ମୋତେ ମୁଁ କାହା ହାତରେ ଦେଇଯିବ ?"

ଶୁଭେନ୍ଦୁ ଆସି ଡାକିନିଏ ନୀରାକୁ—ଡେରି ହୋଇଯାଉଛି ।

ସେ ଯେମିତି ଜବାବ୍ ଦେଇଯାଏ—ଯିଏ ଦୁଃଖରେ ବି ଦୁଇ କଳି ହସ ଭରି ଦୁନିଆ ଉପରେ ସିନା କାଟି ଚାଲିଯାଏ ତାଙ୍କୁ ପଚାର ।

କବି ପଚାରେ—ସେ କ'ଣ କେବେ ହସିନାହିଁ ? ଖାଲି କାନ୍ଦିଛି ।

ମୁହଁର ସେଇ ଓଠ ଶିରା ଉପରେ ସବୁ ଶୁଖିଲା ହସ ଟିକିଏ—ଶେଷ ହସ ।

କବି ମରିଛି—କବିତା ମରି ନାହିଁ ।

ଦୁଃଖୀ ଯାଇଛି—ଦୁଃଖ ସରିନାହିଁ ।

ଜାନୁଆରୀ ଛବିଶ

ସ୍ନେହର—

କାଲି ଜାନୁଆରୀ ଛବିଶ । ଭାରତ ଅଟେରେ ସେଇ ଗୋଟାଏ ପ୍ରଶ୍ନ—ସେ ମରିବ କି ବଞ୍ଚିବ । ଆଉ ମୋର ?

ମୁଁ ଭାରତରୁ ବାହାର । ଲଜ୍ଜା ବୋଧ ହେଉଚି । ଆଜି ସେଥି-ପାଇଁ ସ୍ଥିର କଲି—ଏ କଳଙ୍କ ମୋତେ ପୋଛି ଦେବାକୁଇ ହବ । ଏ କାଳି କେବଳ ମଣିଷର ରକ୍ତରେ, ଅପଣା ଲହୁରେଇ ଲିଭି-ପାରେ ।

ସହବନ୍ଦୀମାନେ ସେ କୋଣରେ ବସି ପତାକା ତିଆରି କରୁ-ଛନ୍ତି । ଜେଲ୍‌ର କର୍ତ୍ତୃପକ୍ଷଙ୍କୁ ଲୁଚେଇ । ଜାଣିଲେ ସେ ବାଧାଦେବେ । ପତାକା ତିଆରି ଆଉ ହେବନାହିଁ । ପତାକା ତିଆରି କରିବା ବେଆଇନ । ଜେଲ୍ ନିୟମର ବାହାରେ । ସେଥିପାଇଁ ଲୁଚି ଛପା କାମ ଚାଲିଚି । ଏ ଲୁଚି ଛପା ପତାକା ତିଆରିକି ବେଆଇନ—ସତ୍ୟାଗ୍ରହୀ ପକ୍ଷରେ । ଗାନ୍ଧିଙ୍କ ନୀତିକୁ ଯେଉଁମାନେ ନିକଟରେ ତଉଲି ବାଟ ଚାଲୁଛନ୍ତି, ସେମାନେ ଏକଥା ଶୁଣିଲେ ଜିଭ କାମୁଡ଼ି ପକାଇବେ—ପାପ ! ମୁଁ ବି ଭାବୁଛି ସେଇ କଥା । ସତ୍ୟାଗ୍ରହ ଭଳିଆ ଖୋଲା ବିପ୍ଳବରେ ପୁଣି ଲୁଚି ଚୋରି କାହିଁକି ? କିନ୍ତୁ ଯେତେ-ବେଳେ ଦେଖୁଛି, ପରାଧୀନ ଦେଶରେ ବଞ୍ଚି ରହିବାଟା ଯେ ମିଥ୍ୟା-ଗ୍ରହ, ସେତେବେଳେ ଏ ସାମାନ୍ୟ କୌଶଳଟାକୁ ପାପ ବୋଲି କହିବାକୁ ମୋର ଅନ୍ତତଃ ସାହସ ହେଉନାହିଁ । ମିଛର ଆଶ୍ରୟ ନନେଇ ଲୁଚି ଛପାକୁ ପ୍ରଶ୍ରୟ ନଦେଇ ଏଠି ଦଣ୍ଡେ ବି ବଞ୍ଚି ହେଉ

ନାହିଁ । ଏ ଯୁକ୍ତି ସତ୍ତ୍ୱେ ମନ ବିଦ୍ରୋହ କରି ଉଠୁଛି—ନାଁ ଏ ନ୍ୟାୟ ଯୁଦ୍ଧରେ ଅନ୍ୟାୟର ସ୍ଥାନ ନାହିଁ । ଏ ପ୍ରକୃତ ପାପ । ପୁଣି ଡର ହେଉଚି, ଏଠା ଲୁଚି ଛପା କରିବାର ପାପକୁ ଭୟ, ନା ମରଣକୁ ଭୟ ।

ତା ଛଡା ମୋର ଏ ଦେଶ ପ୍ରୀତି, ମୋର ଏ କାର୍ଯ୍ୟବରଣ ସବୁ କ'ଣ ସତ୍ୟ ? ତାହେଲେ ଆଜି ମୋତେ ଏ ଚିଠି ଲେଖିବାକୁ ପଡ଼ି ନଥାନ୍ତା ତୋ ପାଖକୁ—

କାଲି ସକାଳ ହେବାକୁ ଆଉ କେତେ ଘଣ୍ଟା ରହିଲା । ଏ ଲମ୍ବା ଗୁହାଳ ଭିତରେ ଗୋଟେ ଗୋଟେ ଖଟିଆ ପକାଇ ମଣିଷ ଗୁଡ଼ାକ ଗୋରୁ ଭଳି ଶୋଇଛନ୍ତି । ସମସ୍ତେ ରାଜବନ୍ଦୀ । କାଲିକି ସେମାନେ ଭୁଲି ଯାଇଛନ୍ତି । ଆହୁରି ଏମିତି କେତେ ଆଜି 'କାଲି' ହେଇଯିବ । ସେ ଚିନ୍ତା କେହି କରୁନାହିଁ । କେବେ ଯିବୁ ବୋଲି ଭାବି ଭାବି ସମସ୍ତେ ଶୋଇଛନ୍ତି । କିଏ ଶୋଇ ଶୋଇ ଘରର ସପନ ଦେଖୁଛି । ସପନରେ ପ୍ରିୟ ଲୋକଙ୍କୁ ଦେଖିବାକୁ ମୁଁ ଘୃଣା କରେ । ମନୁଷ୍ୟ ନିଜକୁ ଭୁଲାଇ ବହଲାଇ ସତ୍ୟକୁଇ ସବୁବେଳେ ଏଡ଼ି ଚାଲିଥାଏ ଦିନ ରାତି—ନିଦ ଜାଗ୍ରତରେ ।

ଜଗୁଆଳିରଠା କାନ୍ଥ ସେ ପଟେ ନାଲିମରା ଯୋତାମଡ଼ା ଗୋଇଠିକି ଠକ୍ ଠକ୍ ବାଡ଼େଇ ଚାଲିଯାଉଛି । ରାତିର ଲମ୍ବ ଓସାରକୁ କଦମ ପଦକାରେ ମାପି ଲିଖି ପରି । ସେ ଆମକୁ ଜଗିଛି ମନେ ମନେ । କାଲି ଯେତେବେଳେ ଏଇ ଠାଙ୍ଗର ଭୁଇଁ ଉପରେ ପତାକା ଉଡିବ—

ହଁ କାଲି । କାଲି ୨୬ ତାରିଖ ଜାନୁୟାରୀ । କେତେବର୍ଷ ତଳେ ଆଜି ଦିନରେ କଂଗ୍ରେସ ସ୍ୱାଧୀନତା ଘୋଷଣା କରିଥିଲା ।

ସେଠି ଜଣେ ସଙ୍ଗୀ ରାଜବନ୍ଦୀ ନିଦରେ ହାଉଳି ଖାଇ ଉଠିଲେ । ଭୟ । ମଣିଷ ଶୋଇଥିଲେ ଭୟ କରେ । ତେଣୁ ଲୋକ ମଣିଷ ଉପରେ ନାହିଁ । ଆମେ ଏ ଦେଶର ଲୋକେ ଶୋଇଛୁ—ସେଥିପାଇଁ ଭୟ । ସ୍ୱାଧୀନତାରେ ଶୋଇଲା ପୁଅର ଭାଗ ନାହିଁ । ମୁଁ ସେଥିପାଇଁ ବୋଧହୁଏ ଏ ରାତିରେ ବି ନଶୋଇ ଚିଠି ଲେଖୁଛି ତୋ ପାଖକୁ । ହସ ମାଡୁଛି । ଏମିତି ବେଳରେ ହସ ବି ମାଡେ । ହଁ ମାଡେ । ମଣିଷ ନିଜେ ଯେତେବେଳେ ନିଜକୁ ଥଟ୍ଟା କରିପାରେ ସେତେବେଳେ ସେ ସବୁଠାରୁ ବେଶୀ ଜାଗ୍ରତ ।

ଗଲା ବର୍ଷ ଏଇ ଦିନରେ ପତାକା ଉଡ଼ିଥିଲା । ଜେଲରେ ବ୍ରିଟିସ ଜେଲରେ ଜାତୀୟ ପତାକା ଉଡାଇବା ମହାପାପ । ଗଲାଥର ଲାଠି ଚାଲିଥିଲା । ଗୁଳି ଚାଲୁ ଚାଲୁ ରହିଗଲା ।

ସାଥୀ ବନ୍ଦୀମାନେ ହସୁଛନ୍ତି । ଜାତୀୟ ପତାକା ତିଆର କରୁ କରୁ ବି ହସୁଛନ୍ତି । ଏତେବଡ ଦାୟିତ୍ୱ କାମ ମୁଣ୍ଡେଇ, ଏତେବଡ ପଦାର୍ଥ ପାଖରେ ଥାଇ ବି ହସ ମାଡୁଛି । ନ ହସିବେ କାହିଁକି ! ଏଇମାନେଇ ତ କାଲି ସକାଳେ ତା'ର ପାଇଁ ମୁଣ୍ଡ ଦେଖେଇ ଦେବେ, ଛାତି ପତେଇ ଦେବେ ଲାଠି ଆଗରେ—ଗୁଳି ମୁହଁରେ । ଯିଏ କୌଣସି କାମ ପାଇଁ ଜୀବନ ଦେବାକୁ ଯାଏ, ସେ କାନ୍ଦିଲେ କଦାପି ମରିପାରେ ନାହିଁ । ଏ ମରଣ ମରିବାର ହେଲେ ହସି ହସିଇ ମରିବାକୁ ହେବ ।

ମୁଁ ହସି ପାରୁନାହିଁ କାହିଁକି ? ତୁ ବୋଧେ ଜାଣି ପାରିଥିବୁ । ସେଥିପାଇଁ ମୋତେ ଅଛୁଆ ଧିକ୍କାର କରିବାକୁ କୁଣ୍ଠିତ ହେବୁନି ବୋଧହୁଏ ।

କରୁ ମୁଁ ହସି ନପାରିବା କଥା ନୁହେଁ । ହେଇଟି ଜେଲରୁ ସାହେବ ରାଉଣ୍ଡରେ ଆସିଚନ୍ତି । ମୁଁ ଗଲା ଖଙ୍କାର ମାରିଲି । ସାଥି-ମାନେ ପତାକା ଲୁଚାଇ ଦେଇ ଶୋଇ ପଡ଼ିଲେ—ଶୋଇବାର ଛଳ ।

ମଣିଷ ଏମିତି ଛଳ ଚାଲିଛି । ଅନ୍ୟକୁ ନୁହେଁ, ଆପଣାକୁ । ଆପଣା ଜୀବନକୁ । ଆଉ ଏଇ ସାଥିମାନଙ୍କ ପରି ଆପଣା ମରଣକୁ ବି । କାଲି ଏମାନେ ମରିବେ । ମରଣକୁ ଡାକିବାକୁ ଯାଉଛନ୍ତି । ଯଦି କେହି ପଚାରିବାକୁ ଆସୁଛି—ତମେ କ'ଣ ମରିବ ? ସେ ନାହିଁ କରୁଚନ୍ତି—ନା ଆମେ ତ କିଛି ଜାଣୁ ନାହିଁ । ଚମତ୍କାର । ଜେଲରେ ଚାଲିଚାଲି ଦେଖିବାର ଛଳନା କରି । ଏ ଦେଶର ସରକାର ବି ସେମିତି ଶାସନ କରୁଥିବାର ଛଳନା କରେ । ବୋଧହୁଏ ଭଗବାନ ସବୁ ଦେଖୁଚନ୍ତି, ସବୁ କରୁଛନ୍ତି ବୋଲି ଛଳନା କରନ୍ତି । ତା ହୋଇ ନଥିଲେ ଦୁନିଆରେ ସବଳର ଅନ୍ୟାୟ ଅତ୍ୟାଚାର ନଥାନ୍ତା ।

ସେ କୋଣରେ ଗୋଟିଏ ବିରହୀ ବନ୍ଦୀ । ଆଜି ଚିଠି ପାଇଛି ନବ ପରିଣୀତା ସ୍ତ୍ରୀ ପାଖରୁ । ବିବାହର ୭ଦିନ ଭିତରେ ଧରି ନେଇ ଆସିଲେ ଦୁଇବର୍ଷ ବିତି ଗଲାଣି । ଅଠକ ବନ୍ଦୀ । କେବେ ଯିବ ଠିକ୍ ନାହିଁ । ତାକୁ ନିଦ ନାହିଁ ରାତିରେ । ସେ ଚିଠି ଖଣ୍ଡି ସେ ଉଠି ବାରବାର ଦେଖୁଛି । ଅନ୍ଧାରରେ ପଢି ପାରୁନାହିଁ । ଆଲୁଅ ଆଣିଲେ କିଏ କାଲେ ଦେଖିବ । ତଥାପି ସେ ଚିଠିକି ଚାହୁଁଛି ।

ତୋର ଚିଠି ମୁଁ ଆଜି ଚିରି ପକାଇଲି । କାରଣ ତାକୁ ଆଉ ରଖିବାର ପ୍ରୟୋଜନ ନାହିଁ । ମୁଁ ତାକୁ ଲୁଚାଇ ରଖିଥିଲି । କାରଣ ନିଷ୍ଠୁରତାର ନିଦର୍ଶନକୁ ଲୁଚାଇ ରଖି ମଣିଷ ଟିକିଏ ଠାଣି ହୁଏ । ମଣିଷ ଆପଣାର ଭଲ ପାଇବା ଲୋକର ଦାନକୁ ଲୁଚାଇ ରଖିଲେ କେମିତି ଦୁର୍ବଳ ଅନୁଭବ କରେ । ସେ ଦୁର୍ବଳତାରେ ଗୋଟିଏ ଆନନ୍ଦ ଥାଏ । ସେଥିପାଇଁ ସେ ତାକୁ ଦୁର୍ବଳତା କହେ ନାହିଁ ।

ଏହି ସାଙ୍ଗ ବନ୍ଦୀଙ୍କ ଭିତରୁ ଅନେକ ତାଙ୍କ ଜୀବନ କାହାଣୀ କହନ୍ତି—ବଡ଼ କରୁଣ ! ଅଧିକାଂଶଙ୍କର ବିରହ ବ୍ୟଥା । ଉଭୟେ ଉଭୟଙ୍କୁ ଭଲ ପାଉଥିଲେ । ତା'ପରେ ଆସିଲା ବିଚ୍ଛେଦ । ସେଇ ଦୁଃଖ ସେଇ ବିରହ ତାଙ୍କୁ ଯେମିତି ପ୍ରାଣ ଦେଇଛି । ତାଙ୍କ ଭିତରେ ଜଣେ ସେଠି ପତାକା କରୁଛି । ମୋର ମନେ ଅଛି, ସେଦିନ ସେ କହିଲା—ମୋର ମରିବାକୁ ଡ଼ର ନାହିଁ । ମୁଁ ଶାନ୍ତିରେ ମରି ପାରିବି । ମୁଁ ପଚାରିଲି—କାରଣ ? ସେ ହସିଲା । କହିଲା—ଭାଇ, ଯାର ଜୀବନ ସାର୍ଥକ ହୋଇଥାଏ ତା ଜୀବନ ମୃତ୍ୟୁରେ ବି ବ୍ୟର୍ଥ ହୁଏ ନାହିଁ । କଥାଟାକୁ ମୁଁ ଭଲକରି ବୁଝିପାରିଲି ନାହିଁ ହଠାତ୍ କିନ୍ତୁ ଭାବି ଦେଖିଲି—ଠିକ୍ କହୁଛି ତ । ସେ ଭଲ ପାଇଛି—ଆଉ ଭଲ ପାଇବା ପାଇଛି ! ତାର ଜୀବନ ସାର୍ଥକ ହୋଇଯାଇଛି । ଆଉ ତାର ଅପୂର୍ଣ୍ଣ ରହିଛି କ'ଣ ? ସେ ମରି ନପାରିବ କାହିଁକି ?

କିନ୍ତୁ କେବେ କେଇ ଭଲ ପାଇବା ଦେଇ ଭଲ ପାଇବା ନ ପାଇବାର କଥା କହି ନାହିଁ ମୋ ଆଗେ । ଏମିତି ଲୋକ ଯେ ନଥିବେ ମୁଁ କହୁନାହିଁ । କିନ୍ତୁ ସେ କଥାଟା ବୋଧହୁଏ ଅନ୍ୟ କାହାର ଆଗରେ କହିବା ଭଲ ନୁହେଁ । ସେମାନେ ତାକୁ ଇଚ୍ଛାକରି ଯତ୍ନରେ ଲୁଚାଇ ରଖେ । ଭାଙ୍ଗିଯାଇ ସେ ଦୁର୍ବଳ ମୁହୂର୍ତ୍ତରେ କହି ପକାଏ । କହେ—ଆଉ କାହାକୁ କହିବୁ ନାହିଁ ।

ମୋର ଜୀବନୀ ମୁଁ "କାହାକୁ କହୁନାହିଁ ।" ଏ ଚିଠି ଯେ ପଢ଼ିବ ସେ ହୁଏତ ତାର ଆଭାସ ପାଇବ । ମୁଁ ଏ ଚିଠି ନ ଲେଖି-ଥିଲେ ଗୋଟେ ବଡ଼ ଅନ୍ୟାୟ କରିଥାନ୍ତି । ଦେଶଯାକ ଲୋକଙ୍କୁ ଛଳି ଠକି ଚାଲିଥାନ୍ତି । କାଲି ଯୁଦ୍ଧ ପହରଦିନ ମୋତେ ନିସ୍ଵାର୍ଥଙ୍କ ସହିଦ ବୋଲି ଦେଶ ପୂଜା କରିଥାନ୍ତା । କିନ୍ତୁ ମୁଁ କ'ଣ କେବଳ ଦେଶ ପ୍ରେମପାଇଁ ମରିବାକୁ ତିଆର ହୋଇଯାଇଛି ।

ସେ ପାଖ କଇଦ୍ ଜେଲରେ କଇଦୀ ପହରାବାଲା ଏକ, ଦୁଇ, ତିନି ଗୁର୍ ଗଣି ଯାଉଛନ୍ତି ତାର ନିଜ କଇଦୀ ଭାଇଙ୍କି । ଏ ଲୀଳା ରାତିଯାକ ଚାଲିଛି । ପହରା ଦୁଇ ଘଣ୍ଟାରେ ଥରେ ବଦଳି ହୁଏ । ଏଥର ବଦଳିରେ ଗୋଟିଏ ବଡ଼ ପାଟିଆ ପହରାବାଲା ଉଠିଛି ।

ରାତି ଆଉ ବେଶୀ ନାହିଁ । ଫାସି ଆସାମୀ ଉଠି ଅଭିଯାଣ ସ୍ତବ ଆରମ୍ଭ କରିଦେଲାଣି । ଆଉ କେତୋଟା ଦିନ ସେ ଅଭିଯାଣ ଗାଇବ; ଆଉ କେତୁଟା ସକାଳ ତାର ପାହିବ ।

ପହରା ବାଲାଗଣ ବନ୍ଦନାକୁ ବୁଡ଼ାଇ ପକାଉଛି ପାଟିରେ । ଭଲ ଗଣି ଚାଲିଛି ସେ । ନିଜ ମୁଣ୍ଡକୁ ଯେ ଯମ ଗଣୁଛି ସେ କଥା ତାର ମନେ ନାହିଁ ।

ସମସ୍ତଙ୍କର ସକାଳ ତ ଗଣାଗଣ ହୋଇ ରହିଛି । ଅଗଣିତ ଆଉ କାହାର କି ? ଏଇ ଫାସି ଆସାମୀ ପରି ସମସ୍ତେ ମରଣ ଦଣ୍ଡ ପାଇଁ ଦୁନିଆକୁ ଆସିଛନ୍ତି । ତଫାତ୍ ଏତିକି, ତାକୁ ବିଶ୍ୱାସ କରେଇ ଦିଆଯାଇଛି । ସେ ନିଶ୍ଚୟ ମରିବ । ତାର ଆଉ ଆପଣାକୁ ଛଳିବାର ବାଟ ନାହିଁ । କିନ୍ତୁ ସାଧାରଣ ମଣିଷ ପ୍ରତିମୁହୂର୍ତ୍ତରେ ଆପଣାକୁ ଛଳି ଚାଲିଥାଏ—ସେ ମରୁନାହିଁ । ମୋର ନିଜ କଥା । ଏଇ ଅଠକ ବନ୍ଦୀଙ୍କ କଥା । କିଏ ଜାଣିଛି, କାଲି ପୁଣି ଆଉ ଥରେ ଆମର ସକାଳ ପାହିବ କି ନାହିଁ ।

ମୁଁ ଭାବୁଛି, ଯେ ନିର୍ଭୋଳ ଭାବରେ ଦେଶପାଇଁ ମରିପାରିବ— (ଜୀବନ ସାର୍ଥକ ହେଉଛି ବୋଲି ଯେ ଦେଶ ପାଇଁ ମରୁଛି— ସେ ତ ଯେ କୌଣସି କଥା ପାଇଁ ବି ମରି ପାରେ—ଆଉ ମୋରି ପରି ଯା ଜୀବନ ବ୍ୟର୍ଥ ହେଉଛି ସେ ତ କେବଳ ହୀନ, ଭୀରୁ ଭାବରେଇ ମରିବା ଛଡ଼ା ଆଉ ବାଟ ନାହିଁ ତାର—ତାର ସେଇ ଭୀରୁ ମରଣକୁ ଗୌରବାନ୍ୱିତ କରିବାର ସହଜ ଉପାୟ ସେ ଯଦି

ମୋତୁ ଶିଖି ନଥାଏ) କିନ୍ତୁ ଯେ ସଫଳତା ବିଫଳତା ନଜାଣି କେବଳ ଦେଶ ପାଇଁ ମରିବ—ସତେ ସେ କେଡେ ବଡ଼ ମଣିଷ ନୁହେଁ ! ସେ ଦେବତା ।

ମୁଁ ଏ ଚିଠି ଲେଖୁଛି ଠିକ୍ ତୋତେ ନୁହେଁ। ବରଂ ମୋ ଦେଶକୁ ମୋତେ ଯେମିତି ସହୃଦ ବୋଲି ପୂଜା କରି ମୋ ଆତ୍ମାକୁ କେହି ଅଶାନ୍ତି ନ ଦିଅନ୍ତି, ମୁଁ ସେଥିପାଇଁ ଏ ଚିଠି ଲେଖୁଛି । ଏ ମୋର ଶେଷ ଚିଠି ।

ତୋ ଚିଠିଟା ଆଉ କେହି ଦେଖି ନାହାନ୍ତି । ତୁ ଯେ ଚିଠିଲେଖି ଦାୟିତ୍ୱ କରିଚୁ ସେ ଦାୟିତ୍ୱଟା ବୁଝିବାପାଇଁ ନିର୍ଦ୍ଦୟ, ନିର୍ମମ ପୁଲିସ ବା ଜେଲ୍ ଅଫିସରଙ୍କ ହୃଦୟରେ ସେ ଭଳି ଅନୁଭୂତିର ବହି ବା ଅଭିଧାନ ରହିବା ଅସମ୍ଭବ । ସେଗୁଡ଼ାକ ସରକାରୀ ଯନ୍ତ୍ରର ଗୋଟାଏ ଗୋଟାଏ ଅଂଶ । କାଗଜ ତିଆରି କରିବା କଳ ବା ଟାଇପ କରିବା ଯନ୍ତ୍ର ଭଳି ସେମାନେ ଦେଖିଯାନ୍ତି—ପଢ଼ନ୍ତି ନାହିଁ । ସେଥିପାଇଁ ତୋ ଚିଠିର ସମାଧି ମୁଁ ଏଇଠି ଦେଉଛି ।

ରାତି ପାହି ଆସୁଛି । ଆଉ ଠିକ୍ ଏକେ ନମ୍ବର ବା ଏଇ ରାଜ୍ୟ କଏଦୀ ଝରକାଉଣ୍ଡ ଖୋଲିଯିବ । ରାତିଯାକ ବନ୍ଦ ଥିଲା । ସମସ୍ତେ ନିତ୍ୟ କର୍ମ ପାଇଁ ଦଉଡ଼ିବେ । ଗୋଟିଏ ଗୋଟିଏ ହୋଇ ଉଠିବା ଆରମ୍ଭ କଲେଣି । କେହି କେହି ଘର ଭିତରେ ଝାଡ଼ା ଫେରିବା ବି ଆରମ୍ଭ କରିଦେଲେଣି । ରାତିଯାକ ତ ହିସାବ ଚାଲିଥାଏ । ଜେଲଖାନାର ଏଇଟାଇ ନର୍କଭୋଗ । ଅବଶ୍ୟ ଏ ସବୁ ପାଇଁ ଘର ଭିତରେ ଗୋଟାଏ କଡ଼ରେ ପାଇଖାନା ହୋଇଚି । ଗନ୍ଧ ଆଉ ଲାଗୁନାହିଁ । ନାକର ସୂକ୍ଷ୍ମ ତନ୍ତୁଗୁଡ଼ାକ ବଧିଆ ପଡ଼ିଗଲାଣି । ମୁଁ ଭାବୁଛି, ନିର୍ବିକାର ହେବାର ସାଧନା ମାତ୍ର ଏ ।

ଆଉ ବେଳନାହିଁ ଲେଖିବାକୁ । ପତାକା କାମ ସରିଯାଇଛି । ମଲ୍ଲ ମଣିଷ ଉପରେ ଢ଼ଙ୍କା ଯିବ ବୋଲି ନୂଆ ଲୁଗା କଣା ହେଉଛି ବି ଆଜି । ମୋ ଛାତି ଶିହରି ଉଠୁଛି । ବେଳେ ବେଳେ ବଞ୍ଚିବାକୁ ମନ ହେଉଛି । କାଲେ,ତୋତେ ପାଇବି—ତୁ ମୋତେ ପୁଣି ଦିନେ ଭଲ ପାଇବୁ । ଛି, କି ଲଜ୍ଜାର କଥା ।

ଜଣେ ବସି ମୋହ ମୁଦ୍‌ଗର ଆରମ୍ଭ କଲେ—ଯାବତ୍ ବିରୋପାର୍ଜନ ମୁକ୍ତଃ । ଉପଦେଶ । ଉପଦେଶ । ସମସ୍ତେ ଖାଲି ଉପଦେଶ ଦେବାରେ ଲାଗିଛନ୍ତି । ମୋତେ ରାଗ ଲାଗେ ଉପଦେଶ ଶୁଣି । ଉପଦେଶ କେବଳ ଉପଦେଶ ହୋଇ ରହିବାରେ, ଶୁଆ ଭଳି କ'ଣ ଗାଇବାରେ ଉପଦେଶର ସାର୍ଥକତା ।

ତୋର ଉପଦେଶ କିନ୍ତୁ—ପାଇଲି । ସେଥିରୁ ବୁଝା ପଡ଼ୁଛି—ମୋ ଭିତରେ ଗଳତି ରହି ଯାଇଛି । ମଣିଷ ଭୁଲ କରି ଯାଉଥାଏ—ବେଶୀ ତାର ଅଜାଣତରେ । ସେ ଦୋଷକୁ ଦେଖେଇଦେବା ବନ୍ଧୁର କାମ । ତା'ହେଲେ ଯାଇଁ ସୁଧୁରିବାର ବାଟ ରହନ୍ତା ।

ଯାହା ହେଉ । କଥା ଶେଷ ହୋଇ ଯାଉଛି । ତୋ' ଶଠି ମୋତେ ସେଇଆ କହୁଛି । ତାର ଅର୍ଥ ଆଉ କିଛି ହେଉନାହିଁ ମୋ ପାଖରେ । ମୁଁ ତୋତେ ଗୁରୁଖଣ୍ଡ ଶଠିଦେଲି । ସେ ବୋଧହୁଏ ଅଧବାଟରେ ହଜିଗଲା । କାରଣ ଲକ୍ଷର ଠିକଣା ମୋତେ ଜଣାନାହିଁ ।

ସମସ୍ତ ବଡ଼ ଅଦମ୍ଭ । ଜୀବନ ବିପଦ ଭିତରେ । ଆଉ ତ କେବେ ଦେଖା ହେବନାହିଁ । ତୋର ଶେଷ କଥା କାନରେ ବାଜୁଛି । 'ଉଚ୍ଚ ଆଦର୍ଶ ରଖ ।' ଭାବୁଛି ମୋତେ 'ହୁରକୁ ଠେଲି ଦେବାପାଇଁ ତା ଠାରୁ ବଡ଼ ଛଳନାମୟ ବାଣୀ ଆଉ କ'ଣ ହୋଇପାରେ ।

ବର୍ତ୍ତମାନ କେବଳ ଉର୍ଦ୍ଦୁ କବିଙ୍କର ସେ ଗୀତ ମନେପଡ଼ୁଛି—
"ସିର୍‌ଫ୍ ମିଟିଜାନେକୀ ହସରତ୍ ଅବ୍ ହମାରେ ଦିଲ୍‌ମେ ହୈ।"
କେବଳ ଗୋଟିଏ ଆକାଙ୍‌କ୍ଷା ଅଛି ମୋର ଆଜି ସେ ହେଉଛି ଅପଣାକୁ ଶେଷ କରଦେବା।

ଏହାଠୁ ବଡ଼ ଆଦର୍ଶ ମୋ ପକ୍ଷରେ ଆଉ କ'ଣ ହେଇପାରେ। ଯିଏ ଜୀବନରେ କାହାରିଠୁ ହେଲେ ପ୍ରେମ ପାଇନାହିଁ, ଆଜି ସମସ୍ତଙ୍କ ସେବାରେ ଆପଣାକୁ ବିସର୍ଜନ ଦେଇ ମରି ମାଟି ହେଇ-ଯିବାଠାରୁ ବଡ଼ କଥା କ'ଣ ଅଛି ? ଏଥିରେ ଆଉ 'ଭୁଲ୍' ହେବାର ବାଟ ନାହିଁ। ବୁଦ୍ଧି ବିଗୁରି କାମ କରିବାର ଆବଶ୍ୟକତା ନାହିଁ। 'ମନ ଆପଣା ବଶ'ରେ ରହିଯାଏ ଆପେ ଆପେ। ଏହାର 'ପରିଣାମ ମଧ୍ୟ ମନ୍ଦ' ନୁହେଁ। କାହାର କହିବା ବା ଲେଖିବାକୁ ଅପେକ୍ଷା କରେନାହିଁ। ବିଦାୟ।

ଆଜି ବଡ଼ ଶୁଭଦିନ। ଜାନୁଆରୀ ୨୬। ଆଜି ମରିପାରିଲେ ନିଜର ମୁକ୍ତି—ଦେଶର ବି ମୁକ୍ତି।

ତିନିବର୍ଷ ପରେ

ଅଷ୍ଟମ ନଅ ତାରିଖ—୧୯୪୨ ସାଲ । କାମଦେବ ଅନେକ ରାତିରେ ଫେରିଲା । ବାପା ବୋଉ କଥାବାର୍ତ୍ତା ହେଉଥିଲେ । କାମଦେବ କାନ ପାରି ଶୁଣିଲା । ଭେର ହେଲା ବୋଲି ବାଗୁନାହାନ୍ତି ତ !

ତା'ପରେ ଆସିଲା ଦଶ, ଏଗାର । ଗୋଟାଏ ପିଶାଚ ଯେମିତି ନାଚିଗଲା ଏ ଭାରତଭୂଇଁ ଉପରେ । ସେ ପିଶାଚକୁ ସାମନା କରିବା-ପାଇଁ ଯେଉଁମାନେ ଦଉଡ଼ି ଯାଇଥିଲେ ସେମାନଙ୍କ ଭିତରୁ କାମଦେବ ଜଣେ । କିନ୍ତୁ କାମଦେବର ରକତ ଭୂଇଁରେ ପଡ଼ିଲା ନାହିଁ । ମଧ୍ୟବିତ୍ତ ଶ୍ରେଣୀର ରକ୍ତ ତା ଦେହରେ ।-ପାଠ ପଢା ଇଂରାଜୀ ପଢା ରକ୍ତ—ସେତେ ଉଷୁମ ନୁହେଁ । ସେଥିରେ ଗୋଲାମି ମିଶିଛି କ'ଣ । ସେଥିପାଇଁ ସେ ପିଶାଚ ଖୋଜିଲା । ତାଜା ତଟକା ମୂଲିଆ ଚାଷୀର ରକତ—ମୂର୍ଖ ଦୁଣ୍ଡାଙ୍କ ରକତ । ମଲେ ଦେଶର ଅଶିକ୍ଷିତ, ମୂର୍ଖ, ଗରିବ ବରଷାରେ, ଶୀତ କାକରରେ ଯାହାଙ୍କ ଦେହ ତାଜା ଅଛି—ସେଇ । ରକତ ଗଲା ତାଙ୍କର ।

ବାପା ବୋଉ ସେଦିନ ବସି କ'ଣ କଥାଭାଷା ହେଉଥିଲେ ତାର ମନେ ନାହିଁ ।

କାମଦେବ ଜେଲ୍‌ରେ । ଡେଟିନିଉ । ତାର 'ମାନ ଖାତିର ବି ଅଛି । ସେ ଇଂରାଜୀ ପଢିଛି ବୋଲି ପରା ! ଆଜି ଯାହାଙ୍କ ପାଇଁ ସେ ଲଢୁଛି ଦରକାର ହେଲେ କାଲି ପୁଣି ତାଙ୍କର ଗଳା ଚିପିବାକୁ ସେ

ଡ଼ରଯିବ ନାହିଁ । ତା ପାଠ ତାକୁ ମଣିଷ କରିଚ ସେମିତ । ସେ ପାଠର ଛାତି ଭିତରେ ଶକ୍ତି—ଭିତର ବିଶ୍ୱାସଘାତକ । କାମଦେବ ସେ ନାଗ୍ନମରୁ ବାହାର ହୋଇପାରେ । ସେଠା ବ୍ୟତିକ୍ରମ ।

କାମଦେବ କିନ୍ତୁ ଗୋଟାଏ କଥା ବୋଲିବୋଲି ଭାବୁଥିଲା—ତା'ର ଆଗରେ ଏତେଲୋକ ମରିଗଲେ । ସେ କାହିଁକି ନ ମଲା ? ସେ କାହିଁକି ମରି ନ ପାରିଲା ?

ହିଁ, ପୁଲିସ ତାକୁ ଆଗ ବନ୍ଦୀ କରିନେଲେ । ତାପରେ ଚଳେଇଲେ ନିରୀହ ଅବୁଝା ଲୋକଗୁଡ଼ିଙ୍କ ଉପରେ ଗୁଳି । ଶ୍ରାବଣମାସର ତାଳ ପରି ମଣିଷ ଗୁଡ଼ାକ ଟୋ ଟା ଗଡ଼ି ପଡ଼ିଲେ । ସେ ଦୃଶ୍ୟ ଦେଖି କାମଦେବର ଛାତି ଫାଟି ଯାଇନାହିଁ । ସେ ମୃତ୍ୟୁ ଦେଖି ବି ସେ ଦେହ ଧରି ରହିଛି । ଧୀର ସ୍ଥିର ଭାବରେ ପୁଲିସ ପହରାରେ ଆସି ଜେଲ୍‌ରେ ଦିବ୍ୟ ଅନ୍ନଗ୍ରାସ କରୁଚି । କେତେ ମା, ବାପ ଅପୁତ୍ରିକ ହେଲେ । କେତେ ସ୍ତ୍ରୀ ବିଧବା ହେଲେ । କେତେ ଅବୋଧ ଶିଶୁ ନିରକ୍ଷ ହୋଇଗଲେ କିନ୍ତୁ ତାର ହେଇଚି କ'ଣ ? କିଛି ନା । ମନେ ହେଉଚି ସେଇ ଯେମିତି ଏଡ଼େବଡ଼ କାଣ୍ଡଟାଏ କରି ଏଠି ଆସି ଚୁପ୍‌ କିନା ବସିଯାଇଛି । ଅନୁତାପରେ ତା' ହୃଦ ଜଳି ଯାଉଥାଏ । ନିଶ୍ୱାସ ରୁଦ୍ଧ ହେଇ ଯାଉଥାଏ । ଏତେ ଲୋକଙ୍କୁ ଗୁଳି ମୁହଁରେ ଦେଇ ସେ ଜୀଇଚି—ଜୀଇଚି—ମରି ପାରିନାହିଁ । ଇଚ୍ଛା କରିଥିଲେ ସେ ମରି ପାରିଥାନ୍ତା । କାରଣ ଜୀଇବାର ଅଧିକାର ଏ ଦେଶବାସୀଙ୍କର ନଥାଇ ପାରେ କିନ୍ତୁ ମରିବାର ଅଧିକାର ତ ଅଛି । ସେ ଅଧିକାର କିଏ କାହାଠୁ ଛଡ଼ାଇ ନେଇପାରେ ନାହିଁ । ତଥାପି ସେ କାମରେ ବଞ୍ଚିଛି । ସେ ନିଜେ ନିଜର ଅଧିକାରକୁ ହାସଲ କରିପାରି ନାହିଁ । କାହିଁକି ? ସେ କ'ଣ ଡରୁଛି ? ହଁ ଡରୁଛି । ଡର ନୁହେଁତ

ଆଉ କ'ଣ ? ମରିବାକୁ ସେ ଡ଼ରନ୍ତି—ହିଁ ହିଁ, ସେ ମରଯାଉ ନାହିଁ କାହିଁକି—ତା ଛାତି ଫାଟି ଯାଉନାହିଁ କଅଁ ? କାମଦେବ କାନ୍ଦ ପକାଏ ।

ବାପ ମାଙ୍କ କଥା ତାର ମନେପଡ଼େ ।

୪୩-୪୪-୪୫ । ତନବର୍ଷ । ଦୀର୍ଘ ତନବର୍ଷ । ପୃଥିବୀର ଜନ ଯୁଦ୍ଧ—ଜନତାର ଲଢ଼ାଇ ସରିଯାଇଛି । ପୃଥିବୀମୟ ସବ ଜାତ ସବ ସମ୍ପ୍ରଦାୟର ସ୍ୱାଧୀନତା ସଂଗ୍ରାମ ସରିଯାଇଛି । ସ୍ୱାଧୀନତାର ନାମରେ କେତେଲୋକ ମରିଚନ୍ତି—କେତେ ଲୋକ ମାରିଛନ୍ତି— ହତ୍ୟା କରିଚନ୍ତି । ତା'ପରେ ଯାଇ ଆଜି ବିଜୟ ବାନା ଉଡ଼ୁଛି । ସ୍ୱାଧୀନତାର ବିଜୟ ବାନା ! ମିଳିତ ଜାତିର ବିଜୟରେ ସ୍ୱାଧୀନତାର ବିଜୟ ହୋଇଚ ।

କିନ୍ତୁ ୧୯୪୨ରେ, ଏଇ ଭାରତ ଭୂଇଁ ଉପରେ ଯେଉଁ ଗରିବ ମଲମ୍ପଣ୍ଡି ଆ ନିରସ୍ତ୍ର ଲୋକଗୁଡିକ ଗୁଳି ମୁହଁରେ ମଲେ, ତାଙ୍କ ରକ୍ତ କିଛି କାମରେ ଲାଗିନାହିଁ । ଖାଲି କୁକୁର ଶିଆଳ ଗୁଡିଚନ୍ତି । ୧୯୪୩ ଦୁର୍ଭିକ୍ଷରେ ଯେଉଁ ଲକ୍ଷ ଲକ୍ଷ ଲୋକ ମଶା ମାଛି ପରି ମରିଗଲେ, ସେ କାହାପାଇଁ ମଲେ, କାହିଁକି ମଲେ ତାଙ୍କୁ କେହି କିଛି କହିନାହିଁ । ତାଙ୍କ ମଢ଼ା କେବଳ ଗୃଧ୍ର ଶିଆଳଙ୍କ କଳି ଭୋଇ ଯାଇଛି, ସ୍ୱାଧୀନତା ଆଣିନାହିଁ । ଜେଲ ଭିତରେ ବାରବାର ଅନଶନ କରି ଯେଉଁ ରକ୍ତ ସେ ଶୁଖାଇଚ ତାକୁ ପିଇଚ ଏଇ କାରାର ପ୍ରାଚୀର । ୧୯୪୪ ସ୍ୱାଧୀନତା ଦିବସରେ ପ୍ରତିଜ୍ଞା ପାଠ କଲାବେଳେ ଯେଉଁ ଲାଠି ମାଡ଼ରେ ତା' ମୁଣ୍ଡ ଫାଟିଥିଲା ସେ ମାଡ଼ର·ଦାଗ ଅବାଧ୍ୟତା ଦୁଷ୍କାମି ବେଆଇନ ଅମାନ୍ୟର । ଆଇନ ଅମାନ୍ୟର ଅପରାଧ ବୋଲି ମାର୍କା ମରି ହୋଇପଡି ରହିଯାଇଛି । ତା' ଫଳରେ କୌଣସି ମୁଲ୍କରେ

କୌଣସି ଲୋକର କୌଣସି ଉପକାର ହେଉନାହିଁ—ସ୍ୱାଧୀନତା ତ ବହୁ ଦୂରର କଥା । ଆଜି ୧୯୪୫ରେ ବ୍ରିଟିଶ ସରକାର ତାଙ୍କୁ ଜେଲରୁ ଖଲାସ କରି ଦେଇଛନ୍ତି ଦୟାରେ । ପୃଥିବୀର ସ୍ୱାଧୀନତା ସଂଗ୍ରାମରେ ବ୍ରିଟିଶ ସରକାରର ବିଜୟ ହୋଇଛି, ସେଥିପାଇଁ ଅନେକ ରାଜବନ୍ଦୀଙ୍କ ସାଙ୍ଗରେ କାମଦେବ ବି ଛାଡ଼ ପାଇଛି, କିନ୍ତୁ ସବୁ ରାଜବନ୍ଦୀ ଛାଡ଼ ପାଇନାହାନ୍ତି । ଲଜ୍ଜାରେ କାମଦେବର ମୁହଁ ତଳକୁ ହୋଇଗଲା । ସେ କ'ଣ ଏଡ଼େ ନୀଚ ! ଶତ୍ରୁର ଦୟା ଅନୁକମ୍ପାକୁ ଗ୍ରହଣ କରି ସେ ବଞ୍ଚି ରହିପାରେ ? ଯେଉଁ ନିରୀହ ଲୋକଗୁଡ଼ିକଙ୍କୁ ବ୍ୟାଲିଶ ଅଗଷ୍ଟ ଆନ୍ଦୋଳନରେ ମରେଇ ଦେଇଛି ସେ—ଏ କ'ଣ ତାଙ୍କର ଅଭିଶାପ !

ଜେଲରୁ ବାହାରି ସେ ଘରକୁ ଯିବ । ବାପା ବୋଉଙ୍କ କଥା ତାର ମନେ ପଡ଼ିଲା । ଜେଲରେ ବି ଅନେକଥର ମନେ ପଡ଼ିଛି । ମଝିରେ ମଝିରେ ସରକାର ଦୟା କରି ଘଣ୍ଟେ ଅଧେ ଶଠି ବି ବାପା ବୋଉଙ୍କ ପାଖରୁ ଆଣିଦେଇ ମନେ ପକାଇବାର ସୁଯୋଗ ଦେଇଥିଲେ । ଆଜି ସେ ତାଙ୍କରି—ସେଇ ବାପା ବୋଉଙ୍କ ପାଖକୁ ଯାଉଛି । କିନ୍ତୁ ଅଗଷ୍ଟ ନଅ ତାରିଖ—ଯେଉଁଦିନ ଭାରତର ଇତିହାସକୁ ଭାରତର ଭବିଷ୍ୟତ ନୂଆ କଲମ ନୂଆ କାଳିରେ ଲେଖି ବସିଥିଲା, ସେଦିନ ରାତିରେ ତାର ବାପା ବୋଉ କ'ଣ କଥାଭାଷା ହେଉଥିଲେ ତାର ଇତିହାସ ଆଉ ଲେଖିବାର ନୁହେଁ—ସେ ଭୁଲିଗଲାଣି ସେ କଥା । ମନେ ପକେଇବାର ଆବଶ୍ୟକତା ମଧ୍ୟ ନାହିଁ ।

କାମଦେବ ଘରକୁ ଫେରି ଆସିଲା । ଘରେ ସମସ୍ତେ ଅଛନ୍ତି—ବାପା, ବୋଉ, ମୃଦୁଳା—ସମସ୍ତେ । କେହି ମରି ହଜି ଯାଇନାହାନ୍ତି ।

ଓସ ଯେମିତ ମର ହଙ୍କ ଯାଉନାହିଁ ସେମିତ । ମଚ୍ଚେନ୍ଦ୍ର ଖାଲ ମଲା ମୁଣ୍ଡିଆ ଗରବ ଚୃଷୀ—କେବଲ ଅଗଷ୍ଟ ମାସର ପୁଲିସ ଗୁଳରେ ନୁହେଁ, ମାର ମଡ଼କରେ ନୁହେଁ—ଅନାହାରରେ ଅନାଚ୍ଛନରେ । ସେ କାନ୍ଦ ପକାଇଲ । ବାପା ବୋଉ କାନ୍ଦୁଥିଲେ । ସେଥିପାଇଁ ସେ କାନ୍ଦ ନାହିଁ । କାରଣ ବାପା ବୋଉଙ୍କର କାନ୍ଦଣାରେ ଥିଲା ଫେର ପାଇବାର ଆନନ୍ଦ ଆଉ ତା ପ୍ରାଣ ଭିତରେ ଥିଲା କ ଗୋଟାଏ ଦାମିକା ଚଳ ହରାଇବାର ଦୁଃଖ ।

ଅବସର ସମୟରେ କାମଦେବର ଭଉଣୀ ମୃଦୁଲା ଅସି ପାଖରେ ବସିଲା । କହିଲା ଭାଇ—"ସରଲା କଥା ମନେ ଅଛି ?"

"ସରଲା ?—ନା ସର ? ଯା ଭାଇ ଗୁଳି ଖାଇ ମରିଥିଲା ? ସେ ବି ତ ଖାଇବାକୁ ନପାଇ ୪୩ ଦୁର୍ଭିକ୍ଷରେ ମରିଯାଇଚ । ହଁ, ମୁଁ ଖବର କାଗଜରେ ପଢ଼ିଥିଲି । ବଡ଼ କଷ୍ଟ ହେଲା ମୋର । ତା'ର କଥା କହୁଛୁ ତ ?"

"ନା—ନା—ବୃନ୍ଦାବନବାବୁଙ୍କ ଝିଅ ସରଲା ମ !· ମନେ ନାହିଁ ? ବୋଉ ମନ କରିଥିଲା ତାକୁ ଆମର ନୂଆବୋଉ କରିବା-ପାଇଁ । 'ବାପା କଥା ଦେଇଥିଲେ—"

୧୯୪୨ ନଅତାରିକ ରାତି । ବାପା ବୋଉ କଥା ହେଉଥିଲେ କାମଦେବର ମନେ ପଡ଼ିଲା—ଛୁଇ ଛୁଇ ପର ।

"ତମେ ଜେଲ ଗଲିଗଲ—ପଡ଼ାପଡ଼ି ଛାଡ଼ିଦେଲ । ସେଥିପାଇଁ ବୃନ୍ଦାବନବାବୁ ସରଲାକୁ ଅଉଠି ବାହା ଦେଇଦେଲେ । ଆଉ କେତେଦିନ ବାଡ଼ୁଅ ଝିଅ ଘରେ ରଖନ୍ତେ ? ଜାଣିଚ, ସରଲା ବାହା ହେଇଚ ଗୋଟେ ମିଲ୍‌ଓ୍ୱାକ । କିନ୍ତୁ ସରଲାର ମନ ନଥିଲା ।

ବାହାଘରକୁ ଆମେ ତାଙ୍କ ଘରକୁ ଯାଇଥିଲୁ । ସରଳା ବୋଉକୁ ଧରି ଯେତେ ବାହୁନିଛି ।”

କାମଦେବ ହସିଲା ।

ଭାବିଲା—କାନ୍ଦିବାଟା ଭାରି ସହଜ । ହଁ, ସେଦିନ ବି ସେଇ ନିରୀହ ଲୋକଗୁଡ଼ିକ ପାଇଁ କାନ୍ଦିଥିଲା । କିନ୍ତୁ ହେଲା କ'ଣ ? କାନ୍ଦି ସେ କରିଛି କ'ଣ ? ଅନ୍ୟ ଲୋକଙ୍କୁ ମରେଇ ଦେଇ ସେ ନିଜେ ବଞ୍ଚିଛି । ଯେଉଁମାନେ ତାରି ଆଗରେ ତାରି ପାଇଁ ପ୍ରାଣ ଦେଲେ, ସେ ତାଙ୍କ ପାଇଁ ମରି ପାରିନାହିଁ—କାନ୍ଦି କାନ୍ଦି ତା ଛାତି ଫାଟିଗଲା ନାହିଁ, କାନ୍ଦିବା ତାର ଛଳନା, ଆତ୍ମ ପ୍ରତାରଣା, ଆତ୍ମ ସାନ୍ତ୍ୱନା ।

ସରଳା ବି କାନ୍ଦି କାନ୍ଦି ବାହାହେଇ ଯାଇଛି—ଅନ୍ୟ ଜଣକୁ ।

ରଜା କଥା

"ଗୋଟିଏ ଥିଲା ରଜା !"

"ଆଉ ଗୋଟେ ଥିଲା ତାର ରାଣୀ" ବିନୋଦ କହିଲା ।

"ଉହୁଁ—ଆଉ ଗୋଟେ ଥିଲା ତାର କୁଣ୍ଢେଇ ।"

"ତା ପରେ ?" ଏଥର ବିନୋଦର କଥା ଶୁଣିବାକୁ ମନ ଲାଗିଲା ।

"ଦେଖିଲୁ ବିନୋଦ ? ଜଗତରେ ଯାହା ନିହାତ ସାଧାରଣ, ସବୁଦିନେ ଦେଖୁଚେଁ କେବଳ ସେତକ ଉପରେ ଥୋଇଦେଲେ କଳା ହୁଏନାହିଁ । ଯଉଁଠା ଅତି ସାଧାରଣ—ଅସାଧାରଣ କହିବ ? ସେଇଠା କଳା ।"

"ଚୁପ୍ ଚୁପ୍, ପୁଣି ତୋର ପାଗଲାମି ବାହାରିଲା ।"

"ପାଗଲ ଦୁନିଆରେ ଯଦି ଗୋଟାଏ ଲୋକ ଭଲ ବାହାରେ ତେବେ ତାକୁଇ କହିବେ ପାଗଲ ।"

"ରକ୍ଷାକର ବାବା ତୋ ଦର୍ଶନ ବାଜରୁ—ଗପଟା ଆରମ୍ଭ କରିଦେ ।" ବିନୋଦ ବିରକ୍ତ ହେଲା ।

"ଅଚ୍ଛା ଶୁଣ୍ । କୁଣ୍ଢେଇଟି ଥାଏ, କାଚ ଡିବ୍ବେଇ ଭିତରେ । କେତେ ସାଜ ସଜା—ଝଲମଲା ଗହଣା, ଅତର ସାବୁନ, ଟସ୍ନା ପାଉଡ଼ର । ଆଧୁନିକ ରଜାର ଆଧୁନିକ କୁଣ୍ଢେଇ । ଅଚ୍ଛା ଧର, ସେ ପୁରାକାଳର ରଜା—କୁଣ୍ଢେଇ ପାଖରେ ଗନ୍ଧ ଚନ୍ଦନ ଚୂଆ ଅଗୁରୁ ଧୂପ ଦୀପ ଇତ୍ୟାଦି ଇତ୍ୟାଦି ।"

"କଉଁଠା ପୁଣି ଠିକ୍ ?" ବିନୋଦ ପଚାରିଲା—"ପୁରୁଣା କାଳିଆ ନା ଆଧୁନିକା ।"

"ତୁ ତାହେଲେ ନଶୁଣ । କଳାର ଏଇ ବାହାର ପୋଷାକଟାକୁ ଯେ ଦେଖେ ସେ କଳା ବୁଝେନାହିଁ । ତୋତେ କହି କିଛି ଲାଭ ନାହିଁ । ପୁରୁଣା ଆଉ ଆଧୁନିକ ଭିତରେ ବାହାରର ପୋଷାକ ଛଡ଼ା ଆଉ କ'ଣ ତଫାତ୍ ମୋତେ କହିଲୁ ।"

"ମୁଁ ତୋର ଏକଥା ଗ୍ରହଣ କରିପାରିବି ନାହିଁ । ବିନୋଦ ପ୍ରତିବାଦ କଲା । ଆଧୁନିକତା ଅର୍ଥ ପ୍ରକୃତି ଉପରେ ମନୁଷ୍ୟର ବିଜୟ ଆଧୁନିକ ପୋଷାକ ତାର ଜୟ ପତାକା—ଆଧୁନିକ ପ୍ରସାଧନ ତାର ବିଜୟ ଟୀକା ।"

"ଯଦି ସେଇଠାଇ ରଜା ରାଣୀ ଭିତରେ, ପୁରୁଷ ନାରୀ ଭିତରେ ଯେଉଁ ସମ୍ପର୍କ ତାକୁ ଠିକ୍ କରେ, ଭଲ ପାଇବାର ମାପକାଠି ଯଦି ସେଇ ତେବେ ବୁଝିନେବା ଉଚିତ ଯେ, ରଜା ରାଣୀ ଆଧୁନିକ ଥିଲେ ରାଣୀ ନଥିଲେ—ଥିଲା ଗୋଟେ ସଖି କୁଣେଇ ।"

"ତୁ କହିବାକୁ ଚାହୁଁ ଆଧୁନିକ ସ୍ତ୍ରୀ ମାନେ ସଖି କୁଣେଇ ? ବରଂ—"

"ଠିକ୍ । ବରଂ ପୁରୁଣା ଝିଅ ବହୂ ଥିଲେ ସଖି କୁଣେଇ । ତଫାତ୍ ଏତିକି, ଆଗେ ସେମାନେ ସ୍ୱାମୀ ହାତରେ ନିଜକୁ ସାଜୁଥିଲେ ଆଉ ଆଜି କାଲି ଆଧୁନିକା ନିଜ ହାତରେ ନିଜକୁ ସାଜୁଛନ୍ତି ।"

"ତାହେଲେ ବି ଟିକିଏ ସ୍ୱାଧୀନତା ତ ମିଳିଲା ।" ବିନୋଦ କହିଲା ।

"ହଁ କାରଣ, ସେତେବେଳେ ଗୋଟିକର ମନ ନେବାକୁ ପଡୁଥିଲା—ଆଉ ଆଜିକାଲି ଅନେକଙ୍କର ମନ ନେବାକୁ ପଡୁଛି ।"

ବିନୋଦ ଜବାବ ଆଉ ପାଇଲା ନାହିଁ । କ'ଣ ଭାବିଲା ।

ବିନୋଦ ବିଭା ହେଇଛି । ହେଇଛି—ଧରାଯାଉ, ବିନୋଦିନୀକୁ ଆଧୁନିକା । ପ୍ରେମ ବିବାହ । ଅର୍ଥାତ୍ ବିଭା ପୂର୍ବରୁ ବି ପ୍ରେମ ଥିଲା । ତାର ଗର୍ବ ସେ ନୂଆ ଧରଣରେ ବିଭା କରିଛି । ବାପା ମା କେହି ରାଜି ନଥିଲେ । ତଥାପି ସେ ବିଭା ହେଇଛି । ବିଭା ହେବା ତାର ଗୌରବକୁ ଶିଖର ଉପରେ ଥୋଇ ଦେଇଛି ।

"ବିନୋଦ, କ'ଣ ହେଲା ଜାଣୁ ? ଦିନେ ହଠାତ୍ ରାଜା ସକାଳୁ ଉଠି ଦେଖିଲେ—ତାଙ୍କ ଘୁଣ୍ଟେଇଟି ଆଉ କାଠ ଘୋଡ଼େଇରେ ନାହିଁ । ଖୋଜା ପଡ଼ିଲା । ଦେଖି ଦେଖି, ଦେଖାଗଲା ରାଜାଙ୍କ ଘୋଡ଼ା ସଇସ ବି ନାହିଁ ।"

"ଯାଃ ଅସମ୍ଭବ—ଅସମ୍ଭବ !" ବିନୋଦ ବିରକ୍ତ ହୋଇ ଉଠି ଚାଲିଗଲା ।

ଦିନ ଚାଲିଗଲା—ଦିନ ତ ଯାଏ—ଯିବାର କଥା ଗଲା । ଏ ଭିତରେ ବିନୋଦିନୀ ବି ଚାଲି ଯାଇଚନ୍ତି । ବିନୋଦ ଗର୍ବ କରେ— "ବଡ଼ ଆନନ୍ଦର କଥା, ମୋ ସ୍ତ୍ରୀ ତାର ସ୍ୱାଧୀନ ମତ ବ୍ୟକ୍ତ କରିପାରିଲା । ଏଭଳି ସ୍ତ୍ରୀ ପାଇଥିଲି ବୋଲି ମୋର ଗର୍ବ ହେଉଛି—ମୋର ମନୋନୟନ ଥିଲା ଠିକ ।"

"ବିନୋଦ, ସେଦିନ ଗପଟା ସେଠୁ ଖଣ୍ଡିଆ ହୋଇଥିଲା— ଶୁଣ ।"

"କହ ।" ବିନୋଦ ବସିଲା ।

"କେଶୋର କହିଲା—ସଇସରେ, ତୁ ମୋତେ ଥରେ ତୋ ପୋଷାକ ପିନ୍ଧାଇ ଦେଲୁ—ତୋ ଘରଣୀ ଯେମିତି ପିନ୍ଧେ । ମୋତେ ଏ ରଜାରାଣୀ ଭେଶ ନାଇ ନାଇ ଛଟା ଲାଗିଲାଣି ।"

ବିନୋଦ ପୁଣି ରାଗିଗଲା । ଉଠି ପଳେଇଲା । ଦିନେ ହଠାତ୍ ବିନୋଦ ଆସି ସଞ୍ଜବେଳର ଧୂଆଁଳିଆ ଅନ୍ଧାରରେ ଭୂତ ପରି ଠିଆ ହୋଇ ପଚାରିଲା—"ଭାଇ, ବିନୋଦକୁ ଫେର ଆସିଛି—ମୁଁ ତାକୁ ଗ୍ରହଣ କରିବି ?"

"ସେ ଗପଟା ଲହୁର—ଶୁଣ ।"

"ଅସମ୍ଭବ ଲୋକ ତୁ । କଥାର ଆଗ ଜବାବ୍ ଦେ ।"

"ତୁ ମୋପାଇଁ ଗୋଟେ କନିଆ କରିଦେଇ ପାରିବୁ ?"

"ତୁ ବାହାହବୁ ?" ବିନୋଦ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"କି—ବାହା ହବାଟା କ'ଣ ତୋର ଏକଚାଟିଆ ।"

"ନା—ନା—ମୁଁ ପଚାରୁଛି—ତୁ ପରା ପଣ କରିଚୁ ବାହା ହବୁନାହିଁ ବୋଲି ?"

"ବାହା ହେବିନାହିଁ ବୋଲି ପଣ କରିନାହିଁ ତ—ଆଉ ଥରେ ବାହା ହେବି ନାହିଁ ବୋଲି ପଣ କରିଥିଲି !"

"ତୁ ବାହା ହେଇଚୁ ? କ'ଣ କହୁଚୁ ?"

"ବାଃ ଆଶ୍ଚର୍ଯ୍ୟ ହେଲୁ ଯେ ! ବୟସ ଆସି ଗୁଳିଣ ଧରିଲା । ବାହା ନହୋଇ ମଣିଷ ଏତେଦିନ ଯାଏ ରହି ପାରେ ?"

"ତୁ ତେବେ ବାହା ହେଇଚୁ ?" "ବାହା ହୋଇଥିଲି କହ ।"

"ସେ ତେବେ—" "ମରିନାହିଁ । ସେ ଏବେ ବି ବଞ୍ଚିଛି—ମୋ ଭିତରେ ସେ ଏବେ ବି ଜୀବନ୍ତ ।" "ତୋର ପୁଣି ସେ ଦର୍ଶନ ସେ କବିତା ବାହାରିଲା ।"

"ଦର୍ଶନ ତ ସବୁ । ବିନୋଦିନୀଙ୍କ ଏଇ ଦେହଛଡ଼ା ଗୋଟାଏ ଦର୍ଶନ—ବିନୋଦିନୀର ଅଦର୍ଶନ ଆଉ ଏକ ଜଗତ୍ରୁ ଦର୍ଶନ—ବିନୋଦିନୀର ପୁନଃ ପ୍ରବେଶ ପୁଣି ଏକ ନିରାଦର୍ଶନ ।"

"ତୋର ଦର୍ଶନଟା କେଉଁଠି କହ!" ବିନୋଦ ମୁହଁରେ ହସ ଥିଲା । ବିନୋଦିନୀଙ୍କ ଫେର ପାଇବାରେ ସେ ଖୁସି । ବିନୋଦ ଜଣେ ଖେଳୁଆଡ଼ । ହାରିଗଲେ ଦୁଃଖୀ ନାହିଁ । ଜିତିଲେ ଆନନ୍ଦ ଅଛି

"ମୋର ଅନ୍ତଃଦର୍ଶନ । ତୋର ବାହାର—। ସେଦିନ ସେ ସଇସ କହିଲା—ନା ରାଣୀ, ତମକୁ ମୁଁ ସଇସାଣୀ ବେଶ ପିନ୍ଧାଇପାରିବି ନାହିଁ । ତମେ ମୋ ମନର ରାଣୀ । ତମକୁ ରାଣୀ ବେଶ ପିନ୍ଧାଇବାକୁ ହେବ । ପିନ୍ଧ, ପିନ୍ଧ, ମୋ ରାଣୀଟି ! ତମେ ହେବ ରାଣୀ । ଆଉ ମୁଁ ତମର ଦାସୀ ।

"ତା'ପରେ—ତା'ପରେ—"

"କି ଏତେ ବ୍ୟାକୁଳ କାହିଁକି ? ବିନୋଦିନୀ ଫେର ଆସିଚି, ନା ? ସେ କୁଣ୍ଡେଇ ବି ସଇସକୁ ଛାଡ଼ି ପଳେଇ ଆସିଲା ।

"ରଙ୍ଗା ତାକୁ ନେଲେ ?"

"କି, ତୁ ତ ପଚାରିଲୁ ନାହିଁ, ମୁଁ କାହାକୁ ବାହା ହେଇଚି।"

"ହଁ ସତେ କାହାକୁ ବାହା ହୋଇଚୁ ?"

"ଯାହାକୁ ମୁଁ ପାଇ ନାହିଁ ।"

"ପୁଣି ସେଇ ଦର୍ଶନ ।"

"ଆରେ ପାଗଳା, ଯାହାକୁ ମଣିଷ ଭଲ ପାଏ, ସେ କ'ଣ ତାକୁ ଅଧିକାର କରିବାକୁ ଚାହେଁ ! ସେ ଭଲ ପାଇବା ପଦାର୍ଥକୁ

ଅପଣାର ସମ୍ପତ୍ତି କରିବାକୁ ଚାହେଁ ସେ ଆପଣା ସ୍ୱାର୍ଥକୁ ଭଲ ପାଏ, ଆପଣା ସମ୍ପତ୍ତିକି ପାଇବାରେ ତାର ଆନନ୍ଦ—ଯାହାକୁ ଭଲ ପାଏ ବୋଲି ସେ ଛଳନା କରେ ସେ ଲୋକଟି ତାର ଅସ୍ଥାବର ସ୍ୱାର୍ଥକୁ ଯଉମୁଦା ସିନ୍ଦୁକ, ସେ ବାହାଘରଠା ଛପା ଶିଲ୍‌କ ମୋହର ।”

“ତମେ ତେବେ ଆଜ ଗୋଟେ ବିଭା ହେବାକୁ କହୁଚ ଯେ।”

“କାରଣ ତାକୁ ବି ମୁଁ ଭଲ ପାଏ ।”

“ଭଲ ପାଇ ପୁଣି ବାନ୍ଧା ହବ କମିତ ?”

“ନିଶ୍ଚୟ ! ନହେବ କିଆଁ ? ଟେନିସ୍ ରେକେଟ୍‌ଟାକୁ ମୁଁ କେତେ ଭଲ ନପାଏ କହିଲୁ ! ତୁ ନେଇ ଖେଳିଲେ ମୋର ଦୁଃଖ ହେବ । ଖେଳିସାରି ତୁ ଫେରେଇ ଦେଲେ ମୁଁ ତ ତାକୁ ଫିଙ୍ଗି ଦେବିନାହିଁ ଆଉରି ଯତ୍ନରେ ରଖିବି ।”

“ତା ପରେ—?” ବିନୋଦ ବୋକାଙ୍କ ଭଳି ପଚାରିଲା ।

“ତା ପରେ ରାଜା ପୁଣି ସେ କୁଣ୍ଡେଇକି ରଖିଲେ ।”

“ବିପିନ !” ବିନୋଦ ଡାକିଲା ।

“ମୁଁ ଆସେ ।” କହି ବିପିନ ଧୀରେ ଧୀରେ ଚାଲିଗଲା । ବିନୋଦ ଆଉ ଡାକି ପାରିଲା ନାହିଁ ।

କ୍ଷଣିକା

ସ୍ନେହର କ୍ଷଣିକା,

ସେଦିନ ମୁଁ ତମର ନାଁଟି ବି ପଚାରି ପାରିଲି ନାହିଁ । ସେଥି-ପାଇଁ ଆଜି ଏ ସମ୍ବୋଧନ । ଆକାଶରେ ମେଘ । ଘୋଟି ଆସିଲାଣି । ପୁଣି ବିଜୁଳି । ମୁଁ ଚମକି ପଡୁଛି ବେଳେ ବେଳେ । ତମେ ଠିକ୍ ସେମିତି ଆସିଥିଲ । ସେଦିନ ବି ମୁଁ ଏମିତି ଚମକି ପଡ଼ିଥିଲି । ସେଦିନ ଆଉ ଆଜି ଭିତରେ ଏତିକି ତଫାତ୍—ଆଜି ମୁଁ ଜାଣୁଛି ଏ ବିଜୁଳି କ୍ଷଣିକ—ସେଥିପାଇଁ ଧରିବାକୁ ଇଚ୍ଛା ନାହିଁ—ସେଦିନ ମୁଁ ଜାଣିଥିଲେ ବି ଆଜିଯାଏ ଧରିବାର ଇଚ୍ଛା ମରିଯାଇ ନାହିଁ ମୋର—

କେତେବର୍ଷ ଗଲାଣି । ଦିନ ଦିନ ମାସ ମାସ ବର୍ଷ ବର୍ଷ ଗଡ଼ି ଯାଉଛି—ସବୁଦିନେ ଚିଠି ଦେବାକୁ ବସେ—କିନ୍ତୁ ଲେଖି ହୁଏନାହିଁ—କାହାକୁ ଲେଖିବି ?—କେଉଁଠିକି ଲେଖିବି ?—କଣ ଲେଖିବି ?

ଆଜି ଏତେଦିନକେ ଲେଖି ଆରମ୍ଭିଲି । ଏ ଚିଠି ଏକା-ବେଳକେ ନୂଆ । ଏମିତି ଚିଠି ଦୁନିଆରେ କେହି କାହାକୁ ଲେଖି ନଥିବ । ଏଇଠାରେ ନୂତନତ୍ୱ ।

କେତେଥର ମୁଁ ଗାଡ଼ିରେ ଉଠିଲିଣି ଜୀପରେ । ଗଣି ନାହିଁ । ଗଣି ହୁଅନ୍ତା ନାହିଁ । କିନ୍ତୁ ସେଥର ଗାଡ଼ି ଚଢ଼ା ଜୀବନରେ ସେଇ ଥରକ । ମନକର ବେମାର ହୋଇ, ଚିକିତ୍ସା ପାଇଁ ଅନ୍ୟ ଜାଗାକୁ

ଯିବାର ହେଲେ ରେଲରେ ଚଢ଼ି, ତେବେ କ'ଣ ସେଦିନର ସେଇ ଗାଡ଼ିଚଢ଼ାଟା ଫେରି ଆସିବ ଜୀବନରେ ? ଦୈବାତ୍ ଯଦି ତମ ସାଙ୍ଗରେ ଦେଖା ବି ହୁଏ—ସେ କିଭଳି ଦେଖା ହବ—ସେ ଦେଖାର ଅର୍ଥ କ'ଣ ହେବ—ଫଳ କ'ଣ ହେବ ।

ସର୍ଦ୍ଦି ଅନେକଥର ହେଉଛି । କାଶ ଅନେକଥର ମୋତେ ଅଣନିଶ୍ୱାସୀ କରୁଛି । ରାତି ରାତି ଉଜାଗରରେ ପାହି ଯାଉଛି—କାଶ ଦାଉରେ ଯେତେ ନୁହେଁ—ସେଇ ସ୍ମୃତିଟାର ଅତ୍ୟାଗ୍ରହରେ, ତାଠୁଁ ବେଶୀ । ଥକାରେ ନିଦ ହୁଏ ବେଳେ ବେଳେ—ଢୁଳ ନିଦ । ସେ ନିଦରେ ସପନ ଆସେ—ସେ ସ୍ୱପ୍ନ ନୁହେଁ । ସେ ତ ସ୍ୱପ୍ନ ନଥିଲା—ସେ ସତ—ଜୀବନ୍ତ । ଆଜି ସିନା ମୋତେ ସପନପରି ଲାଗୁଛି ।

ଗୁରୁବର୍ଷ ନିର୍ଜନବାସ କାରାରେ ରହି ସଂସାର ଛଡ଼ା ହେଲାପରେ ସେଦିନ ଦୁନିଆ ସାଙ୍ଗରେ ମୋର କେଉଁଠି ଅମେଳ ରହିଯାଉଛି; ସେଇତକ ବାରୁ ବାରୁ ଯେତେବେଳେ ମୋର ବେଳ କୁଳଉ ନଥିଲା ସେତେବେଳେ ତମେ ଆସିଥିଲ ମୋତେ କହି ଦେବାକୁ, 'ନିଜକୁ ସେମିତି ପରଖି କରି ହେବନାହିଁ—ଦୁନିଆ ସାଙ୍ଗରେ ମେଳ କଉଁଠି ଦେଖିବାକୁ ହେବ—ଅମେଳ ତ ଅନେକ ।'

ସେଇ ଦିନଠୁ ମୁଁ ସବୁଠି ନିଜକୁ ମେଳେଇ ଆସୁଛି—ସବୁଠି ବାହାର ପଡୁଛି ଅମେଳ । ତମେ ହୁଏତ ପାଖରେ ଥିଲେ ଅନ୍ୟ ପ୍ରକାର ଅଭିଜ୍ଞତା ହୁଅନ୍ତା ।

ଲୋକେ କହିବେ ତମ ପ୍ରତି ମୋର ଏହି ମାୟାଟା ବହୁଦିନ ବନ୍ଦୀ ଜୀବନରେ ମୁକ୍ତିର ଉଚ୍ଛୃଙ୍ଖଳତା । ମୁଁ ଜାଣେ, ବନ୍ଦୀ ଜୀବନରେ ଦୁଇଟି ନିର୍ମମତା ମୋତେ ବାସ୍ତବିକ୍ ବଡ଼ ବାଧେ । ସୃଷ୍ଟିର

ଦୁଇଟି କମନୀୟ, ହୃଦୟବାନ ବନ୍ଧୁ ସେଠି ସବୁଦିନଙ୍କେ ଅଭାବ । ଗୋଟିଏ ନାରୀ, ଅନ୍ୟଟି ଶିଶୁ । ତଥାପି ନାରୀ ମୂର୍ତ୍ତି ଦେଖିବାର ଲୁବ୍ଧ କାମନା ଯେ ମୋର ଆଜି କେଉଁଠି ନଫିଟି ତମଙ୍କ ପାଖରେ କାହିଁକି ମୁକ୍ତି ଲଭ୍ କଲ ତା' କାରଣ ବୋଧହୁଏ ତମେଇ ଜାଣିଥିବ ।

ଆଜି ମୁଁ ଶୋଇଛି—ଆଜି ବି ମୋତେ କାଶ, ସର୍ଦ୍ଦି—ଟ୍ରେନ୍ ଚାଲିଛି । ମୁଁ ଏକୁଟିଆ । ପାଖରେ କେହି ନାହିଁ । ଚାକରଟି ସର-ଭେଣ୍ଟରେ ବସିଛି । ଦୁଇ ତିନ୍ ଷ୍ଟେସନ ପରେ ଥରେ ମୁହଁ ମାରି ଦେଇଯାଏ । ସେ ଯେତିକି ପଇସା ପାଏ ସେତିକି ତାର ଦେବାର କଥା । ତାଠୁ ସେ ଯାହା ବେଶୀ ଦିଏ ସେଥିପାଇଁ ତାଠାରେ ମୁଁ ଋଣୀ । ମୋପରି ରୋଗୀର ସେବା କରିବା ଅର୍ଥ ଜୀବନଟାକୁ ସବୁ-ବେଳେ ପାଣି ଛଡ଼େଇ ଚାଲିବା । ସେ ଆଜି କେଉଁଠି ଚାକରି ବି କରି ପାରନ୍ତା ମୋତେ ଛାଡ଼ି । କିନ୍ତୁ କରିନାହିଁ । ଏତିକି ତାର ଦାନ । ତାର ସେତିକି ଦାନ ନେଇ ମୁଁ ସଂସାରରୁ ଚାଲିଯିବି ।

ସେଦିନ ସରକାର ମୋତେ ଜେଲରୁ ଛାଡିଦେଲେ ଭଲ ଜଳ ବାୟୁରେ ରହି ସୁସ୍ଥ ହେବାପାଇଁ । ମୁଁ ତ କହିଥିଲି ସେ କଥା ତମକୁ ? ମୁଁ ଭଲ ହୋଇ ବି ଗଲି । ଆଜି ବୋଧହୁଏ ଭଲ ହୋଇ ବୁଲୁଥାନ୍ତି, ଯଦି ସେଦିନ ସେଇ କ୍ଷଣିକ ଲାଗି ତମ ସାଙ୍ଗରେ ଦେଖା ହୋଇ ନଥାନ୍ତା ।

ଜାଣିଛ ?—ମା ଚାଲିଗଲେଣି ମୋ ଆଗରୁ, ସେଇ ଭଲ ଜଳବାୟୁକୁ—ଯେଉଁଠିକି ମୁଁ ଭଲ ହେବାପାଇଁ ଯିବି ଏ ସଂସାର ଜେଲଖାନାରୁ ଖଲାସ ହୋଇ ।

ଦିନେ ମୁଁ ଶୋଇଥାଏ । ସେଦିନ ଗାଡ଼ିରେ ତମେ ମୋତେ ଯେମିତି ଶୋଇବାର ଦେଖିଥିଲ ଠିକ୍ ସେମିତି ମୁଁ ଶୋଇଥାଏ । ରାତ୍ରି ହୋଇ । ନିଦ ଥାଏ ମୋ ଆଖିରେ । କିନ୍ତୁ ମୋର ଚେତନା ଗୁହାଁ ଥାଏ ଅଧ ଚେତାରେ । ମେଘ ଘୋଟି ଆସିଥାଏ । ପବନ ଟିକିଏ ଥଣ୍ଡା । ମୋ ଛାତିରୁ ଲୁଗା ବାହାରି ଯାଇଥାଏ । ହଁ ସେଇ ଛାତି । ଆଜି ବି ଅଛି ସେ ଛାତି । ଜଖମ୍ । ସେଠି ବଡ଼ ଜଖମ୍ । ଖାଲି କାଣି କାଣି । ଆଉ କିଛି ନୁହେଁ । ନା—ନା—ଆଉ କିଛି ନୁହେଁ ।

କିଏ ଆସି ଧୀରେ ଧୀରେ ମୋ ଛାତିରେ ଲୁଗା ଢାଙ୍କି ଦେଲା-ପରି ମନେ ହେଲା । ମୁଁ ଚମକି ପଡ଼ି ଡାକିଲି—ମା ! ଠିକ୍ ସେଦିନ ପରି ଚମକି ପଡ଼ିଲି ।

ମା କାହିଁ ? ବୋଧହୁଏ ସେହି ଝିଙ୍କ ବାଟେ ବାଲପଣା ପବନଟାର ଦୟା ହୋଇଥିଲା—ତମରି ଦୟା ପରି ।

ସେଦିନ ମୁଁ ଭାରି କାନ୍ଦିଲି । ମନେ ହେଲା ସେଇ ଦିନଠୁ ଛାତିରେ ଏ ଜଖମଟା ରହିଯାଇଛି । ଛାଡ଼ୁନାହିଁ । ମଲେ ଛାଡ଼ିବ ନାହିଁ ତ ?

ସେଦିନର ସେଇ ସ୍ୱପ୍ନଟାକୁଇ ବାର୍‌ବାର ଦେଖିଆସୁଛି—ନିଦରେ ନୁହେଁ—ଗୁହାନ୍ତାରେ । ତମେ ଧୀରେ ଧୀରେ ଆସ । ତମର ବାପା ବୋଉ ଆଉ ଦୁଇଟି ବେଞ୍ଚରେ ଶୋଇଥାନ୍ତି । ମୁଁ ଜାଣି ନଥାଏ ରାତ୍ ଗମ୍ଭୀର ହୋଇଯାଏ । ଗାଡ଼ିର ଜୀବନ ଥିଲା ପରି ଗାଡ଼ିର ଧକ୍-ଧକ୍‌ଟା କେବଳ କାନକୁ କ୍ଳାନ୍ତ କରି ନିଦ ଅଣାଇ ଦେଉଛି । ଅଜାଣତରେ ଛାତିରୁ ଲୁଗା ବାହାରିଯାଇଛି । ତମେ ଧୀରେ ଧୀରେ ଉଠୁଛ । ଅତି ଆସ୍ତେ—ଖୁବ୍ ଆସ୍ତେ—କାଳେ ମୋ ନିଦ ଭାଙ୍ଗିଯିବ ଏଇ ଡରରେ, ଯେତେ ଧୀରେ ହୋଇପାରେ ଆସୁଛ—ଧୀରେ ଧୀରେ

ମୋ ଖୋଲା ଛାତିରେ ଗୁଦର ଖଣ୍ଡ ଢାଙ୍କି—ମୁଁ ତମଙ୍କ ପାଉଛି । ମା ନୁହେଁ ତମେ—

ତମେ ଲାଜରେ ସଢ଼ିଯାଉଛ । ସେତିକ, ଏତିକ ଆମ ଜୀବନର ସମ୍ପଦ ।

ସେଦିନ ତମେ ଖୋଲା ଛାତି ଉପରେ ଲୁଗା ଢାଙ୍କି ଦେଇ ଯାଉଛ । ସେଠି ଆଜି ବଡ଼ ଜଖମ୍ । ମୁଁ ସେଠି ପଟି ବାନ୍ଧିଦେଲିଣି । ତାକୁ ଆଉ ଖୋଲି କେହୁ ଦେଖିବେ ନାହିଁ । ଦେଖିପାରିବେ ନାହିଁ କି ଦେଖିବାକୁ ଚାହିଁବେ ନାହିଁ କିଜାଣି ।

ଆଉ ଗୋଟାଏ ନିଦ ଆସୁଛି । ଓଃ, ସେଦିନ କି ଶାନ୍ତି । ତମେ ନଥିବ ? ହୁଏତ ଥିବ ଏଇ ଗୃହର ଚୌକାଠ । ମୁଁ ସେଦିନଠାରୁ ଧୀରେ ଧୀରେ ଶୋଇ ପଡ଼ିବି ? ଗୃହର ଚୌକାଠ ମୋତେ ଚାହିଁବ । ହୁଏତ ଖାଲି ଗୋଟାଏ ଦୀର୍ଘଶ୍ୱାସ । ସେତିକିରେ ଭାର ଦେଣା ସୁଝିଗଲା । ସେ ଲୁଗାଟାକୁ ତମରି ଚଙ୍କା ଛାତି ଉପରୁ ଆଉ ଟିକିଏ ଟାଣି ଆଣି ମୁହଁରେ ଢାଙ୍କି ଦେଇ ଚାଲିଯିବ । ସେଦିନ ମୁଁ ଆଉ ଚମକିବି ନାହିଁ ।

ଆକାଶରେ ହୁଏତ ମେଘ ଥିବ—ଥଣ୍ଡା ପବନ ବହୁଥିବ ଆଉ ଏ କ୍ଷଣିକ ଜୀବନର କଳା ଯେନ କ୍ଷଣିକା ବିଜୁଳି ।

ତମ ବାପା କହୁଥିଲେ, ମା କହୁଥିଲେ—ସମସ୍ତେ କହୁଥିଲେ ଛାଡ଼ି ଦେବାପାଇଁ । ମୁଁ ବିଶ୍ୱାସ କରିଥିଲି । କ୍ଷଣକର ଦେଖା ସେଇ ଡ଼ିବା ଭିତରେ । ସେଦିନ ସକାଳ ହେଲା ବେଳକୁ ଆମେ କେତେ ନିଜର ହୋଇ ଯାଇଥିଲେ ପରସ୍ପର । ଯେତେ ଚାହିଁଲ ନିଜର ହୋଇ ପାରିଥିଲେ ସେତିକି ଚାହିଁଲ ଭୁଲିଗଲି କି'ଣ ସମସ୍ତେ ?

—ଗୀତିକା—

ମନେ ପଡ଼େ ? ଯାଙ୍ଗ ଟହଲ ଖାଇଲେ—ତମେ ମୋତେ ନିଜ ହାତରେ—ଥାଉ—ସେ କଥା ଲେଖି ଲାଭ ନାହିଁ ।

ତମର ଷ୍ଟେସନଟା ଆସିଲା । ତମେ ମୋ ଠିକଣାଟା ନେଲ । ପଚାରିଲ—ଚିଠି ଦେବରେ ? ମୁଁ କହିଲି—ସେ ତ ତମ ଉପରେ ନିର୍ଭର କରେ । ଭାବିଥିଲି ତମେ ଆଗେ ଚିଠି ଦବ । ସେଇ ଠିକଣାରେ ମୁଁ ତମକୁ ଉତ୍ତର ଦେବି ।

କିନ୍ତୁ ସେ ଚିଠି ଆସିଲା ନାହିଁ । ମୁଁ ମୋର ମନେ ମନେ ଯେଉଁ ଜବାବ ଦେଇଥିଲି ତାକୁଇ ପୂର୍ଣ୍ଣ କରୁଚି ଏଇ ଗାଡ଼ିରେ । ଗାଡ଼ି ଚାଲୁଚି । ଲେଖି ହେଉନାହିଁ । ଥରୁଚି ହାତଟା । ହଉ, ଥରୁ । କିଏ ଦେଖିବ ଯେ ଏ ଚିଠିକି । ଏଇତ ବିଶେଷତ୍ୱ ଏ ଚିଠିର । ଖାଲି ଲେଖିବା—ଦେବା—ଆଉ ଉତ୍ତର ପାଇବାର ଆଶା ନାହିଁ ।

ତମେ ଓହ୍ଲାଇଗଲ । ମନେ ପଡ଼େ ! ଉଃ, ଆଉ ନା—ନା—ଥାଉ ।

ଏଟା ଏତେ ସାମାନ୍ୟ କଥାଟେ । ପ୍ରତିଦିନର କଥା । ତଥାପି—

ଏବେ କେବଳ ମୋର ଯିବାକୁ ବାକି ରହିଲା ।

ତମର

ମୁଁ